# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୮/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 8/2023 Page 16 ₹ 7.00 | BERHAMPUR

୪୯ଶ ଭାଗ ୧୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 133 ମୂଲ୍ୟ ₹୭/-




**ପ୍ରିୟଙ୍କାଙ୍କୁ ଆଉ ଏକ ବିଗ୍ ପ୍ରୋଜେକ୍ଟ**
ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ହଲିଉଡ୍‌ର ଲୋକପ୍ରିୟ ଅଭିନେତା ଜନ୍ ସେନାଙ୍କ ସହିତ ୱେବ୍ ସିରିଜ୍ 'ହେଡ୍ସ ଅଫ୍ ଷ୍ଟେଟ୍'ରେ ନଜର ଆସିବେ।
୦୭

୦୫
**ରାଜନୀତି ଛାଡ଼ିଲେ ଜେସିଣ୍ଡା ଆର୍ଡର୍ନ**
ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ରାଜନୀତିରୁ ବିଦାୟ ନେଇଛନ୍ତି। ଦେଶର ସଙ୍କଟ ସମୟରେ ତାଙ୍କ ନେତୃତ୍ୱ ସ୍ମରଣୀୟ ହୋଇ ରହିବ।



# ବିବାଦରେ ଆଇଟି ନିୟମାବଳୀ ସଂଶୋଧନ

**ଏବେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଯେଭଳି ସୂଚନା ପ୍ରଯୁକ୍ତି ନିୟମାବଳୀରେ ନିଜକୁ ସୁହାଇଲା ଭଳି ସଂଶୋଧନ ଆଣିଛି, ତାହା ବ୍ୟବସ୍ଥାରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ଉପୁଜାଇଲାଣି । ଅତ୍ୟଧିକ କ୍ଷମତା ସରକାରଙ୍କୁ ମନୋମୁଖି କରିଦେଇଥାଏ ବୋଲି ମତ ପ୍ରକାଶ ପାଉଛି। ତେଣୁ ଉକ୍ତ ସଂଶୋଧନକୁ ପ୍ରତ୍ୟାହାର ସକାଶେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦାବି କରିବା ସହିତ ବିଭିନ୍ନ ଗଣମାଧ୍ୟମ ସଂଗଠନ ଓ ପ୍ରେସ୍ ସଂସ୍ଥାଗୁଡ଼ିକର ପରାମର୍ଶ ନେବା ଲାଗି ମନ୍ତ୍ରଣାଳୟକୁ ନିବେଦନ କରିଛି ।**

- **ସଂଶୋଧିତ ନିୟମ ମିଛ ଖବର ନିର୍ଦ୍ଧାରଣରେ ସରକାରଙ୍କୁ ନିରଙ୍କୁଶ କ୍ଷମତା ଦେବ: ଏଡିଟର୍ସ ଗିଲ୍ଡ**
- **ପ୍ରତ୍ୟାହାର ଦାବି**




ନୂଆଦିଲ୍ଲୀ, ୭।୪ (ପି.ଟି.)

ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀରେ କରାଯାଇଥିବା କଠୋର ସଂଶୋଧନ ସରକାରଙ୍କୁ ମିଛ ଖବର ନିର୍ଦ୍ଧାରଣ କରିବା ପାଇଁ ନିରଙ୍କୁଶ କ୍ଷମତା ଦେବ। ଏଭଳି ସଂଶୋଧନ ଅତ୍ୟନ୍ତ ଚିନ୍ତାଜନକ ବୋଲି ଏଡିଟର୍ସ ଗିଲ୍ଡ ଶୁକ୍ରବାର କହିଛି। ସରକାର ସୂଚନା ପ୍ରଯୁକ୍ତି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ସଂଶୋଧନ ନିୟମାବଳୀକୁ ପ୍ରତ୍ୟାହାର କରିନିଅନ୍ତୁ। ଏଥିସହିତ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସହ ପରାମର୍ଶ କରିବାକୁ ଏଡିଟର୍ସ ଗାଇଡ ଏକ ବିବୃତିରେ କହିଛି।

ଗିଲ୍ଡ କହିବା ଅନୁଯାୟୀ, ସଂଶୋଧିତ ନିୟମାବଳୀରେ 'ଫ୍ୟାକ୍ଟ ଚେକିଂ ୟୁନିଟ' ସ୍ଥାପନ ଲାଗି ଆଇଟି ମନ୍ତ୍ରଣାଳୟ ନିଜକୁ କ୍ଷମତା ଦେଇଛି। କେଉଁ ଖବର ମିଛ, ଜାଲ୍ କିମ୍ବା ବିଭ୍ରାନ୍ତିକର, ତାହା ଚୟନ କରିବାର ସମ୍ପୂର୍ଣ୍ଣ କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିଯିବ। ଏହା ବ୍ୟତୀତ ଆଇଟି ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ମଧ୍ୟସ୍ଥତାକାରୀ, ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଏବଂ ଅନ୍ୟ ସେବା ପ୍ରଦାନକାରୀମାନଙ୍କୁ ଏଭଳି ବିଷୟବସ୍ତୁ ପ୍ରସାର ନ କରିବା ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ପାଇଛି।

ଏଭଳି ଫ୍ୟାକ୍ଟ ଚେକିଂ ୟୁନିଟ ପାଇଁ ଶାସନଗତ ବ୍ୟବସ୍ଥା, ନ୍ୟାୟିକ ଅନୁଧ୍ୟାନ, ଅପିଲ୍ କରିବାର ଅଧିକାର ସମ୍ପର୍କରେ ନିୟମାବଳୀରେ ଉଲ୍ଲେଖ କରାଯାଇ ନାହିଁ। ସେହିପରି ବିଷୟବସ୍ତୁ ହଟାଇବା କିମ୍ବା ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ବ୍ଲକ୍ କରିବା ସମ୍ପର୍କରେ ଶ୍ରେୟା ସିଙ୍ଘାଲ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁପାଳନ ପ୍ରସଙ୍ଗରେ ମଧ୍ୟରେ କୌଣସି ଉଲ୍ଲେଖ ନାହିଁ। ଏହା ବାସ୍ତବ ନ୍ୟାୟିକ ନିୟମାବଳୀ ବିରୋଧୀ ଏବଂ ସେନ୍‌ସରଶିପ୍ ସଦୃଶ ବୋଲି ଏଡିଟର୍ସ ଗିଲ୍ଡ କହିଛି।

୨୦୨୩ ଜାନୁୟାରୀରେ ମନ୍ତ୍ରଣାଳୟ ଚିଠା ସଂଶୋଧନ ପ୍ରସ୍ତାବ ଉପସ୍ଥାପନ କରିଥିଲା। ଏହାକୁ ପ୍ରତ୍ୟାହାର କରିନେବା ପରେ ଅର୍ଥମୂଳକ ପରାମର୍ଶ କରିବ ବୋଲି ମନ୍ତ୍ରଣାଳୟ ପ୍ରତିଶ୍ରୁତି ଦେଇଥିଲା। ତେବେ ବିନା ପରାମର୍ଶରେ ଏଭଳି ସଂଶୋଧନକୁ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଗିଲ୍ଡ ବିସ୍ମୟ ପ୍ରକାଶ କରିଛି। ମନ୍ତ୍ରଣାଳୟ ଏଭଳି କଠୋର ନିୟମାବଳୀର ବିଜ୍ଞପ୍ତି ପ୍ରକାଶ କରିବା ଦୁଃଖଦାୟକ। ଉକ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିନେବା ସହ ଗଣମାଧ୍ୟମ ସଂଗଠନ ଓ ପ୍ରେସ୍ ସଂସ୍ଥାଗୁଡ଼ିକ ସହ ପରାମର୍ଶ କରିବା ଲାଗି ଏଡିଟର୍ସ ଗିଲ୍ଡ ମନ୍ତ୍ରଣାଳୟକୁ ନିବେଦନ କରିଛି।

**ଆଜିର ସମ୍ପାଦକୀୟ**
**ଲାଟେରାଲ ଏଣ୍ଟ୍ରିର ସ୍ଥିତି**

# ସତର୍କ ରହିବାକୁ ରାଜ୍ୟକୁ ପରାମର୍ଶ

**କେରଳ, ମହାରାଷ୍ଟ୍ର, ଦିଲ୍ଲୀ, କର୍ନାଟକ, ହିମାଚଳ ପ୍ରଦେଶ, ତାମିଲନାଡୁ ଓ ହରିୟାଣାରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ତତ୍ପର ହୋଇଉଠିଛନ୍ତି। ବର୍ତ୍ତମାନ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ଟେଷ୍ଟିଂ ହାର ୧୦୦ ରହିଥିବାବେଳେ ଏହାକୁ ତତ୍କାଳ ବୃଦ୍ଧି କରିବା ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଆର୍‌ଟି-ପିସିଆର୍ ଟେଷ୍ଟକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।**

ନୂଆଦିଲ୍ଲୀ,୭।୪

ଦେଶରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର

**କେନ୍ଦ୍ରର କୋଭିଡ୍ ଚିନ୍ତା**

- **ଟେଷ୍ଟିଂ ବୃଦ୍ଧି, ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼କୁ ଗୁରୁତ୍ୱ**
- **ଆସନ୍ତା ସପ୍ତାହରେ ହସ୍ପିଟାଲଗୁଡ଼ିକରେ ମକ୍‌ଡ୍ରିଲ୍**



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ହସ୍ପିଟାଲଗୁଡ଼ିକରେ ଆସନ୍ତା ସପ୍ତାହରେ ମକ୍‌ଡ୍ରିଲ୍ କରାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏପ୍ରିଲ ୧୦ ଓ ୧୧ରେ ଏହି ମକ୍‌ଡ୍ରିଲ କରାଯିବ। ଏଥିସହ ଏପ୍ରିଲ ୮ ଓ ୯ରେ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ପରିଚାଳନା ତଥା ପ୍ରସ୍ତୁତିର ☞ପୃଷ୍ଠା-୪

## ଓଡ଼ିଶାରେ ୨୪ ଘଣ୍ଟାରେ ୧୦୪ ପଜିଟିଭ୍

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟରେ ପୁଣି ଥରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଦୀର୍ଘ ମାସର ବ୍ୟବଧାନ ପରେ ସଂକ୍ରମଣ ୩ ଅଙ୍କ ଛୁଇଁଛି। ଗତ ୨୪ଘଣ୍ଟାରେ ରାଜ୍ୟରୁ ୧୦୪ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ୍ ସକ୍ରିୟ ସଂଖ୍ୟା ୪୨୯କୁ ବୃଦ୍ଧି ପାଇଛି। ରାଜ୍ୟରେ ୫ହଜାର ୫୨୬ଟି ସାମ୍ପଲ ଟେଷ୍ଟ କରାଯାଇଥିବାବେଳେ ସେଥିରୁ ୧୦୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିଶେଷକରି ନବରଙ୍ଗପୁର ଜିଲା ହଟ୍‌ସ୍ପଟ ପାଲଟିଛି। ଅପରପକ୍ଷେ, ୨୪ ☞ପୃଷ୍ଠା-୪

# କୁକୁଡ଼ା ଚୋରିରୁ ଏସିଡ୍ ମାଡ଼

## ୫ ଆହତ, ଯୁବକଙ୍କ ଆଖି ନଷ୍ଟ ଆଶଙ୍କା

ବଲାଙ୍ଗୀର ଅଫିସ,୭।୪

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରେ କୁକୁଡା ଚୋରି ଅଭିଯୋଗକୁ ନେଇ ଶୁକ୍ରବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ସହ ଏସିଡ୍ ମାଡ ହେବାରୁ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଜଗବନ୍ଧୁ ସାହୁ, ସୁବାସ ସାହୁ, ସଞ୍ଜୁ ଓ ଖଗ ସାହୁ। ଆହତଙ୍କ ଭିତରୁ ସୁବାସଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଏସିଡ୍ ପଡିଯିବାରୁ ତାଙ୍କ ଆଖି ନଷ୍ଟ ହୋଇଯିବାର ଆଶଙ୍କା କରାଯାଉଛି। ପ୍ରକାଶ ଯେ, ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବଙ୍ଗୋମୁଣ୍ଡା ସାହୁପଡାର ଜଗବନ୍ଧୁ ସାହୁ ଓ ନେପାଳ ସାହୁଙ୍କ ପରିବାର ମଧ୍ୟରେ କୁକୁଡା ଚୋରିକୁ ନେଇ ଗଣ୍ଡାଗୋଳ ଘଟିଥିଲା। ☞ପୃଷ୍ଠା-୪




# ବାଲେଶ୍ୱର ମୁଖ୍ୟ ଗିରଫ, ରିମାଣ୍ଡରେ ଆଣି ଜେରା

**ଭୁବନେଶ୍ୱର,(ବ୍ୟୁରୋ)/ ବାଲେଶ୍ୱର ଅଫିସ୍, ୭।୪:**

## 'କ୍ଲାଉଡ୍ ଫଟ୍' ଆପ୍‌ରେ ଦେଶବ୍ୟାପୀ ୮୦ହଜାର ଲୋକଙ୍କୁ ଠକେଇ



ନିଲେଶ କୁମାର କର

- ବହୁଗୁଣ ଲାଭ ପ୍ରତିଶ୍ରୁତି, ଆମେରିକାରୁ ହେଉଥିଲା ପରିଚାଳନା
- ବାଲେଶ୍ୱରରୁ ୨୦୦ ଲୋକ ଠକେଇର ଶିକାର

ଆମେରିକାରୁ ପରିଚାଳିତ ମୋବାଇଲ ଆପ୍ 'କ୍ଲାଉଡ୍ ଫଟ୍'ରେ ଅଳ୍ପ ଟଙ୍କା ନିବେଶ କରି ଲକ୍ଷାଧିକ ଟଙ୍କା ପାଇବା ଆଶାରେ ଦେଶବ୍ୟାପୀ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉକ୍ତ କମ୍ପାନୀର ବାଲେଶ୍ୱର ଜିଲା ମୁଖ୍ୟଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଙ୍ଗାରଗଡ଼ିଆ ଅଞ୍ଚଳର ନିଲେଶ କୁମାର କର। ତାଙ୍କଠାରୁ ଠକେଇ ସମ୍ବନ୍ଧିତ ବହୁ ତଥ୍ୟ ଥିବା ଏକ ମୋବାଇଲ ଫୋନ୍ ଜବତ ହୋଇଛି। ନିଲେଶଙ୍କୁ ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରି ଇଓଡବ୍ଲ୍ୟୁ ଶୁକ୍ରବାରଠାରୁ ତାଙ୍କୁ ୪ଦିନିଆ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରୁଛି।

ବିଶେଷକରି ସୋସିଆଲ ମିଡିଆରେ ବିଶ୍ୱାସ ଜନ୍ମାଇବା ଭଳି ଭିଡିଓ ଛାଡ଼ି ଲୋକଙ୍କୁ ଫସାଇଥାନ୍ତି। ରିଚାର୍ଡ ପର୍ସଲ୍ ନାମକ ଜଣେ ବ୍ୟକ୍ତି ନିଜକୁ ଭାରତର ଆଞ୍ଚଳିକ ମୁଖପାତ୍ର କହିବା ସହ ଇଂଲିଶ ଭାଷାରେ ଭିଡିଓ ବାର୍ତ୍ତା ଦେଇ ଲୋଭନୀୟ ଅଫର ବିଷୟରେ କହୁଥିଲେ। ଏହି କମ୍ପାନୀ ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ଅନୁବନ୍ଧିତ ଓ ଭାରତ ସରକାରଙ୍କ ସହ ୧୦ ବର୍ଷର ଚୁକ୍ତି ହୋଇଥିବାର ଜାଲ ଦସ୍ତାବିଜ ଦେଖାଉଥିଲେ। ଏହା କ୍ରିପ୍ଟୋ ମାଇନିଂ କମ୍ପାନୀ କହି ଅଳ୍ପ ଟଙ୍କା ନିବେଶ କରିବା ପରେ ଲକ୍ଷାଧିକ ଟଙ୍କାର ରୋଜଗାର ହୋଇପାରିବ ବୋଲି କହୁଥିଲେ। ୬୬୫ ଟଙ୍କା ଡିପୋଜିଟ୍ କରି ଲୋକେ ନାମ ପଞ୍ଜୀକରଣ କରୁଥିଲେ। ଏହାର ୩୭ଦିନ ପରେ ୧୪୭୭ ଟଙ୍କା ମିଳିବ ଓ ପ୍ରତିଦିନ ୪୦ ଟଙ୍କାର ବୋନସ୍ ସହ ପ୍ରତିଥର ଲଗ୍‌ଇନ୍ କରିବା ପରେ ୧ ଟଙ୍କା ୭୫ ପଇସା ମିଳିବ ବୋଲି କୁହାଯାଉଥିଲା। ଅଧିକ ଟଙ୍କା ନିବେଶ କଲେ ସେହିପରି ବହୁଗୁଣ ଟଙ୍କା ମିଳିବ। ଏପରିକି ଅନ୍ୟ ଲୋକଙ୍କୁ ସାମିଲ କଲେ ରେଫରାଲ ବୋନସ୍‌ର ଅଫର ଥିଲା। ତେବେ କମ୍ପାନୀର ବାଲେଶ୍ୱର ଜିଲା ମୁଖ୍ୟ ଥିବା ନିଲେଶଙ୍କ ଦ୍ୱାରା ୨୦୦ ଲୋକ ପ୍ରଥମ ପର୍ଯ୍ୟାୟରେ କିଛି ଟଙ୍କା ପାଇବା ପରେ ଲକ୍ଷାଧିକ ଟଙ୍କା ନିବେଶ କରି ଠକେଇର ଶିକାର ହୋଇଥିଲେ। ସହଦେବଖୁଣ୍ଟିଆର ମହାମାନ୍ୟ ଜେନା ଜାନୁୟାରୀ ୨୩ରୁ ମାର୍ଚ୍ଚ ୨୩ ମଧ୍ୟରେ ୨ ଲକ୍ଷ ୧୩ ହଜାର ଟଙ୍କା ନିବେଶ କରିଥିଲେ। ତାଙ୍କ ୱାଲେଟ୍‌ରେ ୫୦ ଲକ୍ଷ ୫୭ ହଜାର ୧୧୭ ଟଙ୍କା ଥିବା ଦେଖାଉଥିଲା। ହେଲେ ପରବର୍ତ୍ତୀ ସମୟରେ ୱେବ୍‌ସାଇଟ୍ ବନ୍ଦ ହୋଇଯିବାରୁ ଉକ୍ତ ଟଙ୍କାକୁ ସେ ଉଠାଇ ପାରି ନ ଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ବୁଧବାର ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତ ନିଲେଶଙ୍କୁ ଏହି ଠକେଇ ସଂକ୍ରାନ୍ତରେ ଇଓଡବ୍ଲ୍ୟୁ ଜେରା କରି ଅଧିକ ତଥ୍ୟ ହାସଲ କରୁଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ ଜାରି ରଖିଛି।

## କୁସୁମ ଘାଟିରେ ଟ୍ରକ୍ ଓଲଟି ଡ୍ରାଇଭର ମୃତ

**କେନ୍ଦୁଝର,୭।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅନ୍ତର୍ଗତ କୁସୁମ ଘାଟିରେ ଶୁକ୍ରବାର ଏକ ଟ୍ରକ୍ ଓଲଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲାର ରବି ନାରାୟଣ ରାଉତ (୫୮)। ଏଥିରେ ହେଲ୍‌ପର ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଚିମିନି ପ୍ଲେଟ୍ ବୋଝେଇ ଗାଡ଼ି (ନଂ. ଓଡି୦୬ ଏ-୬୦୫୦) କାଞ୍ଜିପାଣି ଦେଇ ତେଲକୋଇ ଯାଉଥିଲା। କୁସୁମ ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସିପଡ଼ିଥିଲା। ଡ୍ରାଇଭର ଗାଡ଼ିତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେଲକୋଇ ଅଗ୍ନିଶମ ବିଭାଗ ଓ କାଞ୍ଜିପାଣି ପୋଲିସ ପହଞ୍ଚି ଗାଡ଼ିତଳୁ ମୃତଦେହ ବାହାର କରିବା ସହ ଆହତ ହେଲ୍‌ପର ସିପୁ ଯାଦବଙ୍କୁ ୧୦୮ ଆମ୍ବୁଲାନ୍ସରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। କାଞ୍ଜିପାଣି-ତେଲକୋଇ ପୂର୍ତ୍ତ ରାସ୍ତାର କୁସୁମ ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏହି ସ୍ଥାନକୁ ବ୍ଲାକ୍‌ସ୍ପଟ୍ ମଧ୍ୟ ଘୋଷଣା କରାଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ହାଇଦ୍ରାବାଦରେ ଗୃହରକ୍ଷୀ, ରୋଗୀ ସେବା ଏବଂ ସୁରକ୍ଷା କର୍ମଚାରୀ ଆବଶ୍ୟକ। ଦରମା-16500 ପର୍ଯ୍ୟନ୍ତ
ମୋବାଇଲ ନଂ.- 8977617888, 9390502992 ରେ ଆପଣଙ୍କର ବିବରଣୀ ପଠାନ୍ତୁ। ଏଜେଣ୍ଟ ମଧ୍ୟ ଯୋଗାଯୋଗ କରନ୍ତୁ।

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି/ହିନ୍ଦୀ କହିପାରୁଥିବା ଜରୁରୀ/ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ/ ପୁରୁଷ କିମ୍ବା ମହିଳା ରୋଷେୟା/ ପିଅନ / ଦରମା ୧୫୦୦୦-୧୮୦୦୦ / ଅଗରୱାଲ-8678971210 ଏମ୍‌ଏଫ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଚେନ୍ନାଇ

**ଆବଶ୍ୟକ**
କଟକ,ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Driver, Computer Operator, Office Manager, Mechinary Manager, Corresponding & Legal Matter କାର୍ଯ୍ୟ ଜାଣିଥିବା Staff ଆବଶ୍ୟକ।
Ph:9937199625, 9439328655
Mail:bijanparida@gmail.com


## ପୋଲ ଭୁଶୁଡ଼ିବା ଘଟଣାରେ ୩ ଯନ୍ତ୍ରୀ ସସ୍‌ପେଣ୍ଡ

**କେନ୍ଦ୍ରାପଡ଼ା ଅଫିସ, ୭।୪**

କେନ୍ଦ୍ରାପଡ଼ା ସହରର ବାଇପାସ୍ ରୋଡ୍ ନିର୍ମାଣ ସମୟରେ ମାର୍ଚ୍ଚ ୧୫ରେ ପୋଲ ଗାର୍ଡ ୱାଲ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ପୂର୍ବରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ବେହେରାଙ୍କୁ ବଦଳି କରାଯାଇଥିଲା। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ବେହେରାଙ୍କ ସମେତ ସହକାରୀ ଯନ୍ତ୍ରୀ ନିହାର ରଞ୍ଜନ ମାଝି ଓ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ସାମଲଙ୍କୁ କାର୍ଯ୍ୟରୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ୩ ଅଧିକାରୀଙ୍କ ଦରମା ବନ୍ଦ ହୋଇଥିବା ସୂଚନା ମିଳିଛି। ଅପରପକ୍ଷରେ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଆଲୋଚନା ଜାରି ରହିଛି।



ପୂଜାର୍ଚ୍ଚନା ପରେ ଶୁକ୍ରବାର ବୌଦ୍ଧ ବନଖଣ୍ଡରୁ ରଥକାଠ ପୁରୀକୁ ପଠାଯାଉଛି।

# ବୌଦ୍ଧରୁ ପୁରୀ ଗଲା ରଥକାଠ

**ବୌଦ୍ଧ, ୭।୪(ସ୍ୱ.ପ୍ର.)**

## ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ କମ୍ପିଲା ରାସ୍ତା

ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଚଳିତବର୍ଷ ଶୁକ୍ରବାର ପ୍ରଥମ ରଥ କାଠ ବୌଦ୍ଧ ବନଖଣ୍ଡରୁ ପୁରୀକୁ ପଠାଯାଇଛି। ଏ ନେଇ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇଥିଲା। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜିଲାପାଳ ସତ୍ୟରଞ୍ଜନ ସାହୁ, ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ସବୁଜ ପତାକା ଦେଖାଇ ରଥକାଠକୁ ବିଦାୟ ଦେଇଥିଲେ। ସଂକୀର୍ତ୍ତନ ମଣ୍ଡଳୀ ସହ ରଥକାଠ ବୋଝେଇ ଗାଡ଼ିକୁ ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବୁଟୁପାଲି ପର୍ଯ୍ୟନ୍ତ ନିଆଯାଇଥିଲା। ରାସ୍ତାରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଘର ସମ୍ମୁଖରେ କଳସ ବସାଯାଇ ପୂଜାର୍ଚ୍ଚନା, ଘଣ୍ଟବାଦ୍ୟ, ହରିବୋଲ ଓ ହୁଳହୁଳି ଧ୍ୱନିରେ ରାସ୍ତା କମ୍ପି ଉଠିଥିଲା। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଅଶୋକ କୁମାର ସାହୁ, ଯୋଗେଶ ପ୍ରସାଦ ନାୟକ, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ତହସିଲଦାର ଦେବୀ ପ୍ରସାଦ ଦାଶ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ସମେତ ଜିଲା ପ୍ରଶାସନ ଏବଂ ବନ ବିଭାଗର ଅଧିକାରୀ ଓ ସହରର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନି ଦେଇ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ରଥ ନିମନ୍ତେ ଗୋଟିଏ ଟ୍ରକ୍‌ରେ କାଠ ପଠାଇଥିଲେ। ରଥ ନିର୍ମାଣ ପାଇଁ ବୌଦ୍ଧରୁ ସମୁଦାୟ ୩୦୨ ଖଣ୍ଡ କାଠ ପଠାଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୮ ଖଣ୍ଡ ଧଉରା କାଠ ଗୋଟିଏ ଟ୍ରକ୍ ଯୋଗେ ପଠାଯାଇଛି। ମାଧପୁର, ମନମୁଣ୍ଡା ଆଦି ଅଞ୍ଚଳରୁ ଆହୁରି ୨୩୦ ଖଣ୍ଡ ଅସନ, ୨୦ ଖଣ୍ଡ ଧଉରା, ୧୨ ଖଣ୍ଡ ଫାସି ଓ ୨ ଖଣ୍ଡ ଶିମିଳି କାଠ ଚିହ୍ନଟ କରାଯାଇ କଟାଯାଇଛି। ସେଗୁଡ଼ିକୁ ତୁରନ୍ତ ପୁରୀ ଅଭିମୁଖେ ପଠାଯିବାର ରହିଛି। ପୁରୀର ପ୍ରତିନିଧି ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ମହାରଣାମାନେ ଆସି ରଥକାଠଗୁଡ଼ିକୁ ଚିହ୍ନଟ କରିଥିଲେ।

# ୩୯ ଡିଗ୍ରୀ ଉପରେ ୩ ସହର

**ଭୁବନେଶ୍ୱର,୭।୪(ବ୍ୟୁରୋ)**

- ଆସନ୍ତା ୩ ଦିନ ଝଡ଼ବର୍ଷା ସମ୍ଭାବନା
- କୁଆପଥର ବର୍ଷା ଆଶଙ୍କା

ରାଜ୍ୟରେ ବର୍ଷା କମିବା ସହ ଖରାତାତି ବଢ଼ିବାରେ ଲାଗିଛି। ଶୁକ୍ରବାର ରାଜ୍ୟର ୩ ସହରରେ ତାପପାତ୍ରା ୩୯ ଡିଗ୍ରୀ ଓ ତାହାଠାରୁ ଅଧିକ ରହିଥିଲା। ରାଉରକେଲା ଓ ଝାରସୁଗୁଡ଼ାରେ ୩୯.୪ ଡିଗ୍ରୀ ସେଲସିୟସ୍ ଏବଂ ବାରିପଦାରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୮ ସହରର ତାପମାତ୍ରା ୩୮ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ସେହିପରି ଭୁବନେଶ୍ୱରର ତାପମାତ୍ରା ୩୭.୧ ଡିଗ୍ରୀ ରହିଥିବାବେଳେ ଅନ୍ୟ ଦୁଇ ସହର ୩୭ ଡିଗ୍ରୀ ଓ ୪ ସହରରେ ପାରଦ ୩୫ ଡିଗ୍ରୀ ଅତିକ୍ରମ କରିଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଅନ୍ୟପଟେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଶନିବାର ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡାରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ଘଡ଼ଘଡ଼ି ବର୍ଷା ହୋଇପାରେ। ସେହିପରି କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ୭ ଜିଲାର କିଛି ସ୍ଥାନରେ କୁଆପଥର ବର୍ଷା ହୋଇପାରେ। ଏଥିସହ କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ବଲାଙ୍ଗୀର ଓ ନୂଆପଡାରେ ମଧ୍ୟ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୯ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ଦେଓଗଡ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ ମୟୂରଭଞ୍ଜ ଜିଲା ସମେତ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଦୁଇଦିନ ଉପରୋକ୍ତ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୦ ତାରିଖରେ କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବୌଦ୍ଧ, ଅନୁଗୋଳ, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲାରେ ଘଡ଼ଘଡ଼ି ବର୍ଷା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୧୧ ଓ ୧୨ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କିଛି ସ୍ଥାନରେ ବର୍ଷା ପବନର ସମ୍ଭାବନା ରହିଛି।


**URGENTLY REQUIRED**
FEMALE NURSING STAFF to work in a Private Clinic near Khordha DHH. Salary depending on experience. Fresher and students may also apply.
Apply through Whatsapp on 9692810773

**ଆବଶ୍ୟକ**
କଟକ ତ୍ରିଶୂଳିଆଠାରେ Fabrication Workshopରେ RDSO Railway & ROB Bridgeର Steel Girder & Bowstring Girder କାର୍ଯ୍ୟ କରିଥିବା Experience Engineer, Supervisor, Store Keeper, Manager, Sub-Contractor & Other Staff ଆବଶ୍ୟକ।
Ph:9937199625
Mail:ssesteelgirder@gmail.com

**REQUIRED**
GRAPHIC DESIGNER
EUREKA PRINTERS (PRESS)
Mob.: 9437131008
9337121148

See Career Appointment on every Wednesday & Saturday

Renowned company operating in Container Yard Depot / ICD business, needs Any Graduates / Under Graduates / Diploma holders for following mentioned skilled & fresh job roles for its **Western Gujarat** Site.
Yard Operations :
Managers / Executives & Supervisors
ICD : Import Export Documentation Executives
ICD : Billing Managers, Data Entry Operators
Accounts : Sr. Executives / Executives
Container Surveyors
Technicians : Container Maintenance & Repairs
Logistics Supervisors & Managers
Ware House Supervisors & Managers
Transport Supervisors / Executives / Managers
ICD Rail Operations Executives / Managers
**Walk In Interview Date & Time :**
14th & 15th April 2023, between 9:00 am to 6:00 pm
Venue : **Hotel Hindusthan International - Bhubaneswar**
A-112, Shriya Talkies Street, Janpath Rd, opposite ICICI Bank, Unit 3, Kharvela Nagar, Bhubaneswar, Odisha 751001
Candidates may send their resumes on
e-mail : cvtohr@outlook.com
or whatsapp on 9321972277 / 7700006283
Note: There is no requirement of any fees or commission for this employment opportunity.

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୪୬, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୪୭, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୪୮ ଏବଂ ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୪୯, ତା: ୩୧।୦୩।୨୦୨୩ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର୍ ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର **୧୨.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ **୧୨.୦୦ ଘଟିକାରେ** ଖୋଲାଯିବ। **କ୍ର.ସଂ.:** (i). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବାରିପଦା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୯୫,୦୧,୨୭୭.୭୬ । **ଇ.ଏମ୍.ଡି.:** ₹୧,୯୦,୦୦୦ । **କ୍ର.ସଂ.:** (ii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଘାଟଶିଳା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୯୯,୫୯,୧୧୦.୨୦ । **ଇ.ଏମ୍.ଡି.:** ₹୧,୯୯,୨୦୦ । **କ୍ର.ସଂ.:** (iii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଝାରଗ୍ରାମ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୯୭,୨୧,୪୦୮.୩୪ । **ଇ.ଏମ୍.ଡି.:** ₹୧,୯୪,୪୦୦ । **କ୍ର.ସଂ.:** (iv). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ମେଚଡା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୬୩,୩୭,୦୫୫.୪୮ । **ଇ.ଏମ୍.ଡି.:** ₹୨,୩୧,୭୦୦ । **ଖୋଲାଯିବା ତାରିଖ:** ୨୪।୦୪।୨୦୨୩ [ପ୍ରତ୍ୟେକ କ୍ର.ସଂ. (i)ରୁ (iv) ପାଇଁ] । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ [ପ୍ରତ୍ୟେକ କ୍ର.ସଂ. (i) ରୁ (iv) ପାଇଁ] । **ସମାପ୍ତି ଅବଧି:** ୦୬ ମାସ, କ୍ର.ସଂ. (i), (ii), (iii) ଏବଂ (iv) ପାଇଁ ସ୍ୱୀକୃତି ପତ୍ର ଜାରି ତାରିଖଠାରୁ । **ଦାଖଲ ତାରିଖ:** ତା୨୪।୦୪।୨୦୨୩ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ।

**ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୦, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୧, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୨ ଏବଂ ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୩, ତା: ୩୧।୦୩।୨୦୨୩ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର୍ ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର **୧୨.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ **୧୨.୦୦ ଘଟିକାରେ** ଖୋଲାଯିବ। **କ୍ର.ସଂ.-** (i). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ମେଦିନାପୁର ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୩୧,୦୨,୨୭୬.୬୪ । **ଇ.ଏମ୍.ଡି.:** ₹୨,୧୫,୫୦୦ । **କ୍ର.ସଂ.-** (ii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପଂସକୁରା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୨୧,୧୮,୩୬୯.୪୮ । **ଇ.ଏମ୍.ଡି.:** ₹୨,୧୦,୬୦୦ । **କ୍ର.ସଂ.-** (iii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ତାମଲୁକ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୮୪,୩୦,୫୫୭.୪୭ । **ଇ.ଏମ୍.ଡି.:** ₹୧,୬୮,୬୦୦ । **କ୍ର.ସଂ.-** (iv). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବାଗନାନ୍ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୨୨,୧୭,୨୯୧.୪୮ । **ଇ.ଏମ୍.ଡି.:** ₹୨,୧୧,୧୦୦ । **ଖୋଲାଯିବା ତାରିଖ:** ୨୬।୦୪।୨୦୨୩ [ପ୍ରତ୍ୟେକ କ୍ର.ସଂ. (i)ରୁ (iv) ପାଇଁ] । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ [ପ୍ରତ୍ୟେକ କ୍ର.ସଂ. (i) ରୁ (iv) ପାଇଁ] । **ସମାପ୍ତି ଅବଧି:** ୦୬ ମାସ, କ୍ର.ସଂ. (i), (ii), (iii) ଏବଂ (iv) ପାଇଁ ସ୍ୱୀକୃତି ପତ୍ର ଜାରି ତାରିଖଠାରୁ । **ଦାଖଲ ତାରିଖ:** ତା୨୬।୦୪।୨୦୨୩ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ।

**ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୪, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୫, ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୬ ଏବଂ ୧୧୪-ଇଏଲ୍‌ସି-ଜି-କେଜିପି-୨୨-୨୩-୫୭, ତା: ୩୧।୦୩।୨୦୨୩ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର୍ ଡିଇଇ/ଜି/ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର **୧୨.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ **୧୨.୦୦ ଘଟିକାରେ** ଖୋଲାଯିବ। **କ୍ର.ସଂ.-** (i). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ହିଜଲି ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୧୩,୩୮,୪୬୭.୮୭ । **ଇ.ଏମ୍.ଡି.:** ₹୨,୦୬,୭୦୦ । **କ୍ର.ସଂ.-** (ii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବେଲଦା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୭୬,୨୩,୮୫୩.୭୮ । **ଇ.ଏମ୍.ଡି.:** ₹୧,୫୨,୫୦୦ । **କ୍ର.ସଂ.-** (iii). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦୀଘା ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୧୫,୨୮,୦୬୪.୫୦ । **ଇ.ଏମ୍.ଡି.:** ₹୨,୦୭,୭୦୦ । **କ୍ର.ସଂ.-** (iv). **କାର୍ଯ୍ୟର ବର୍ଣ୍ଣନା:** ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ହଳଦିଆ ଷ୍ଟେଶନର ବିକାଶ ପାଇଁ ବୈଦ୍ୟୁତିକ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୨୧,୨୪,୮୮୨.୮୯ । **ଇ.ଏମ୍.ଡି.:** ₹୨,୧୦,୬୦୦ । **ଖୋଲାଯିବା ତାରିଖ:** ୨୮।୦୪।୨୦୨୩ [ପ୍ରତ୍ୟେକ କ୍ର.ସଂ. (i)ରୁ (iv) ପାଇଁ] । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ [ପ୍ରତ୍ୟେକ କ୍ର.ସଂ. (i) ରୁ (iv) ପାଇଁ] । **ସମାପ୍ତି ଅବଧି:** ୦୬ ମାସ, କ୍ର.ସଂ. (i), (ii), (iii) ଏବଂ (iv) ପାଇଁ ସ୍ୱୀକୃତି ପତ୍ର ଜାରି ତାରିଖଠାରୁ । **ଦାଖଲ ତାରିଖ:** ତା୨୮।୦୪।୨୦୨୩ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହିସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିବା ଆବଶ୍ୟକ । (PR-20)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.MSM-HPWATERING-SBPY-7-23
**କାର୍ଯ୍ୟର ନାମ :** ଟର୍ଣ୍ଣକି (Turnkey) ଭିତ୍ତିରେ ସମ୍ବଲପୁର ସିଟି ଷ୍ଟେସନ ଠାରେ CAMTECH ଡିଜାଇନ୍ ହାଇ ପ୍ରେସର କୋଚ୍‌ରେ ପାଣି ଭରିବା ସୁବିଧାର ସ୍ଥାପନା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 1,96,53,652.42, EMD(ଟଙ୍କାରେ): 2,48,300/-, କାର୍ଯ୍ୟ ଶେଷ ହେବା ଅବଧି : 04 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.04.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର
PR-33/O/23-24

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/22-23/ E-Tender/178 ତା.03.04.2023ରିଖ
ଟେଣ୍ଡର ସଂ.etender-South-KUR-494-22 ତା.27.03.2023ରିଖ
**ବିବରଣୀ :** ଅମୃତ ଭାରତ ଷ୍ଟେସନ ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଲାସା ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 410.15 ଲକ୍ଷ, EMD (ଟଙ୍କାରେ): 3,55,100/-, ଶେଷ ହେବା ଅବଧି: 08 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.04.2023ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-29/O/23-24

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
OCPL Odisha Coal and Power Limited
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**NOTICE INVITING TENDER**
NIT No: OCPL/SITE-71/2023 Dt. 08/04/2023
Sealed bids in prescribed format are invited from reputed Companies/ Firms/Agencies for execution of the following work:

| Sl. No. | Name of the work | Cost of tender paper | Last date of sale/ download of tender document | Date of submission/ opening |
|---|---|---|---|---|
| 1 | Flooring and other finishing works in the Community Hall of Koilighughar Saibapith, Kutrapali, Dist.- Jharsuguda | Rs.5,900/- (Rupees Five Thousand Nine Hundred Only) including GST @ 18% | 29.04.2023 | 03.00 P.M. / 03.30 P.M. on 06.05.2023 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in
Sd./- Sr. Manager (Commercial & Contracts)

TATA STEEL
TATA

**Advertisement for the post of Associate Engineer – I (SB D1 grade) on permanent rolls of Tata Steel Limited (Meramandali Unit)**
Ref No: TSM/HR/0154/2023, Dated: 15/03/2023
Applications are invited from candidates interested to join Tata Steel Limited on permanent rolls. The location of posting would be Meramandali (Odisha).

| | |
|---|---|
| Minimum Educational Qualification | Three (3) years full time diploma in Electrical / Electronics / Mechanical / Metallurgy / Chemical Engineering from any institute, recognized by AICTE.<br>Diploma holders in above discipline from R D Tata Technical Education Centre, Jamshedpur and J N Tata Technical Education Centre Gopalpur are also eligible to apply.<br>Candidates with Part Time / Correspondence / Distance Learning will not be eligible. |
| Mandatory Experience | Minimum three (3) years of relevant work experience (excluding apprenticeship period), preferably in a Steel Plant as on April 1, 2023 after acquiring the Diploma qualification. |
| Marks | Minimum 55% marks aggregate in Diploma Engineering for General Candidates.<br>Minimum 50% marks aggregate in Diploma Engineering for SC/ ST Candidates. |
| Age | General candidates should have been born on or after, April 1, 1991 and before April 1, 2005.<br>SC/ ST candidates should have been born on or after, April 1, 1988 and before April 1, 2005. |
| Emoluments | The selected candidates will be provisionally placed at starting Basic Salary of Rs.17,530/-pm with CTC of Rs 4.6 LPA, in the grade of SB D1. The other emoluments & benefits will be as per Company's rule applicable to this grade. Candidates possessing 4 years or more of relevant experience will be additionally compensated as per norms. |
| Selection Procedure / Other Guidelines | 1. Eligible candidates will have to appear for Written Test and Interview process. Each stage will be an elimination stage.<br>2. Eligible candidates, who are currently employed with Tata Group Company / Subsidiaries/ Associate Company will need to furnish an NOC from the present employer before being considered for employment in Tata Steel. The NOC must be produced at the time of interview.<br>3. All selected candidates will have to be declared medically fit as per company's medical fitness standards, before their appointment.<br>4. All selected candidates will undergo background verification as per company's standard, before their appointment.<br>5. No reimbursement related to the travel will be made to the candidates in this process.<br>6. Candidates who are found ineligible as per the laid down criteria at any stage of selection process will be immediately disqualified from further selection process.<br>7. Canvassing in any form will automatically disqualify a candidate. |
| Placement | 1. Selected candidates will be placed against vacancies as per their qualification, suitability of their knowledge and skill.<br>2. The selected candidates may be placed and / or transferred to any locations of Tata Steel or its group companies or subsidiaries during their employment. |
| How to Apply | Application should be filled in through Tata Steel Intranet or Website. Steps for using website: (1) Visit https://tslhr.tatasteel.co.in/recruit/Default.aspx (2) Click on "Application" (3) Click on the link "Application form for vacancies in Tata Steel Limited, Meramandali-2023" (4) Fill up the application form. |
| Date of Written Test | Watch out for written test date on https://tslhr.tatasteel.co.in/recruit/Default.aspx >> Enquiry >> Click on the link related to this advertisement. |
| Disclaimer | Beware of fraudulent emails/ phone calls/ other communications about job opportunities in Tata Steel Ltd. These emails / calls request candidates to deposit money with the agency / in their bank accounts before they can procced to the next step in the recruitment process. Such emails are not from Tata Steel Ltd. and we will never ask you to deposit money as part of your recruitment/ selection process. If you or someone you know, have received such mails, please do not respond to it. Tata Steel Ltd., will not be liable for the consequences of anyone falling prey to such false solicitations. |

**Last date of submission of online application: April 15, 2023**

Registered Office: Bombay House, 24, Homi Mody Street, Fort, Mumbai: 400 001, India * Tel.: 022 66658282 Fax: 022 66657724 * (CIN) -L27100MH1907PLC000260, Website: www.tatasteel.com




# ସବୁ ବୁଥ୍‌ରେ ହେବ ୱେବ୍ କାଷ୍ଟିଂ

## ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

### ଜନସାଧାରଣଙ୍କୁ ଆପରାଧିକ ରେକର୍ଡ ଜଣାଇବେ ପ୍ରାର୍ଥୀ

ଭୁବନେଶ୍ୱର,୭।୪(ବ୍ୟୁରୋ)

ଚଳିତ ଥର ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ବୁଥ୍‌ରେ ଶତ ପ୍ରତିଶତ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯିବ। ଏଥିସହିତ ଉପନିର୍ବାଚନରେ ପ୍ରାର୍ଥୀମାନେ ସେମାନଙ୍କ ଅପରାଧ ପୃଷ୍ଠଭୂମି ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅତିକମ୍‌ରେ ୩ ଥର ଗଣମାଧ୍ୟମ ଜରିଆରେ ପ୍ରଚାର ପ୍ରସାର କରିବେ। ସେହିପରି ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିଜ ପ୍ରାର୍ଥୀମାନଙ୍କ ଅପରାଧ ସମ୍ପର୍କରେ ଗଣମାଧ୍ୟମରେ ଅତିକମ୍‌ରେ ୩ ଥର ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପ୍ରଚାର ପ୍ରସାର କରାଇ ଜନସାଧାରଣଙ୍କୁ ଅବଗତ କରାଇବେ। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏ ନେଇ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ଅବଗତ କରାଇଛନ୍ତି।

ଶୁକ୍ରବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଭାରତ ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଏପ୍ରିଲ ୧୩ରେ ଉପନିର୍ବାଚନ ପାଇଁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୨୦ରେ ନାମାଙ୍କନପତ୍ର ଦାଖଲ ଶେଷ ହେବା ସହ ୨୧ରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ମେ' ୧୦ରେ ଭୋଟ ଗ୍ରହଣ କରାଯିବ। ମେ' ୧୩ରେ ଭୋଟ ଗଣନା କରାଯିବା ସହ ୧୫ ତାରିଖ ସୁଦ୍ଧା ଉପନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ। ଉପନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକର ଷ୍ଟାର ପ୍ରଚାରକମାନେ ଯେଉଁସବୁ ଗାଡ଼ି ବ୍ୟବହାର କରିବେ ପୂର୍ବରୁ ସେମାନେ ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ନେଇ ନିର୍ବାଚନ ପ୍ରଚାରରେ ବ୍ୟବହାର କରିପାରିବେ। ଉପନିର୍ବାଚନ ଘୋଷଣା ଦିନଠାରୁ ଝାରସୁଗୁଡ଼ା ଜିଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି। ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା କୌଣସି ଲୋଭନୀୟ ପ୍ରସ୍ତାବ କିମ୍ବା ଆର୍ଥିକ ସହାୟତା ଭୋଟରଙ୍କୁ ଯଚାଯାଇପାରିବ ନାହିଁ। ପ୍ରାର୍ଥୀମାନେ କିମ୍ବା ରାଜନୈତିକ ଦଳ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକରେ ପ୍ରଚାର କରିପାରିବେ ନାହିଁ। ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାବେଳେ ଜିଲାରେ କୌଣସି ପ୍ରକାର ଅନୁଦାନ ଯଥା ବିଧାୟକ କିମ୍ବା ଏମ୍‌ପି ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇପାରିବ ନାହିଁ। ମାତ୍ର ପୂର୍ବରୁ ଚାଲୁ ରହିଥିବା ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ଚାଲୁରହିବ। ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ସୂଚନା ଦେଇଛନ୍ତି।

ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ନିମନ୍ତେ ନିର୍ବାଚନ କାର୍ଯ୍ୟ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ରାଜନୈତିକ ଦଳର କର୍ମକର୍ତ୍ତାମାନେ ସହଯୋଗ କରିବା ପାଇଁ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି।

ଏହି ବୈଠକରେ ଏନ୍‌ସିପିରୁ ବିକ୍ରମ ସ୍ୱାଇଁ, ବହୁଜନ ସମାଜ ପାର୍ଟିରୁ ମଧୁସୂଦନ ଯାଦବ, ସିପିଆଇ(ଏମ୍)ର ଦୁଷ୍ମନ୍ତ କୁମାର ଦାସ, ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ସଜନ ଶର୍ମା,ଭାଜପା ଓଡ଼ିଶା ଶାଖାର ଉପସଭାପତି ଅନିତା ଶୁଭଦର୍ଶିନୀ ଓ ଠାକୁର ରଞ୍ଜିତ ସିଂହ, ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ନର୍ସିଂ କଲେଜ ଅଧ୍ୟକ୍ଷ ଗିରଫ

## ଜାଲ୍ ଆଡ୍‌ମିଟ କାର୍ଡ ପ୍ରଦାନ ଅଭିଯୋଗ

**ଛେଣ୍ଡିପଦା,୭।୪(ସ୍ୱ.ପ୍ର.):** ଛାତ୍ରୀଙ୍କୁ ଜାଲ୍ ଆଡ୍‌ମିଟ କାର୍ଡ ପ୍ରଦାନ ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା ଏକ ଘରୋଇ ନର୍ସିଂ କଲେଜର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଜେନାଙ୍କୁ ଛେଣ୍ଡିପଦା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଉକ୍ତ ନର୍ସିଂ କଲେଜର ଛାତ୍ରୀ ସୁମତୀ ମାହାର, ପ୍ରିୟଙ୍କା ନାଏକଙ୍କ ସମେତ ୭ଜଣ ୨ୟ ବର୍ଷ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ଆବଶ୍ୟକ ଅର୍ଥ ମଧ ଦେଇଥିଲେ। ହେଲେ କଲେଜ ପକ୍ଷରୁ ଦିଆଯାଇଥିବା ଆଡ୍‌ମିଟ କାର୍ଡ ନେଇ ଛାତ୍ରୀମାନେ ଅନୁଗୋଳସ୍ଥିତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ଜଣେ ଛାତ୍ରୀଙ୍କ ଆଡ୍‌ମିଟ କାର୍ଡ ଜାଲ ଥିବା ଜଣାପଡ଼ିଥିଲା ଓ ଛାତ୍ରୀମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଛାତ୍ରୀ ପ୍ରିୟଙ୍କା ନାଏକ ଜାନୁୟାରୀ ୧୯ରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ନଂ. ୨୯/୨୦୨୩ରେ ମାମଲା ରୁଜୁ ହୋଇଥିଲା। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଛାତ୍ରୀମାନେ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାପରେ ପୋଲିସ ଗୁରୁବାର ରାତିରେ ଅନୁଗୋଳ ସଦର ଥାନା କାଙ୍ଗୁଲା ଅଞ୍ଚଳରୁ ଅଧ୍ୟକ୍ଷଙ୍କୁ ଗିରଫ କରିଥିଲା।

# ମାନବ ସମ୍ବଳକୁ ମୂଲ୍ୟଯୁକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

## ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩କୁ ନେଇ କର୍ଟେନ ରେଜର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ପ୍ରତ୍ୟେକ ଜିନିଷକୁ ମୂଲ୍ୟଯୁକ୍ତ କରିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ଏହି କ୍ରମରେ ନୂତନ ଭାରତର ଅଭିବୃଦ୍ଧି ନିମନ୍ତେ ମାନବ ସମ୍ବଳକୁ ମୂଲ୍ୟଯୁକ୍ତ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩କୁ ନେଇ ଗୁରୁବାର ନୂଆଦିଲ୍ଲୀଠାରେ କର୍ଟେନ ରେଜର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମନ୍ତ୍ରୀ ଘଡ଼େଇ କହିଛନ୍ତି, ରାଜ୍ୟରେ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ଆୟୋଜନ କରି ଆମେ ଆନନ୍ଦିତ। ଏହି କନ୍‌କ୍ଲେଭର ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କ ଆତ୍ମବିଶ୍ୱାସକୁ ଉତ୍ସାହିତ କରିବା। ସେମାନଙ୍କ ଭବିଷ୍ୟତକୁ ଆଗକୁ ନେବାରେ ସାହାଯ୍ୟ କରିବା। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ନିକଟରେ ଆମେ କୃତଜ୍ଞ, ଯାହା ଆମକୁ ଓଡ଼ିଶାରୁ କୁଶଳୀ ଶ୍ରମିକଙ୍କ ଅପାର ସମ୍ଭାବନା ପ୍ରଦର୍ଶନ କରିବାରେ ସାହାଯ୍ୟ କରିଛି। ଓଡ଼ିଶାରେ ସ୍କିଲ୍ ଇକୋସିଷ୍ଟମ୍ ପ୍ରତି ଜାତୀୟ ତଥା ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଦକ୍ଷତା ସୃଷ୍ଟି ହୋଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, କୁଶଳୀ ଶ୍ରମିକମାନଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଚାହିଦା ରହିଛି ଏବଂ ଆମେ କର୍ମଜୀବୀ ଗଠନ ଦିଗରେ କାର୍ଯ୍ୟ କରୁଛୁ ଯାହା କ୍ଷେତ୍ରଗୁଡ଼ିକରେ ଥିବା ଚାହିଦାକୁ ପୂରଣ କରିପାରିବ। ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ଅତୁଲ ତିୱାରୀ କହିଛନ୍ତି, ସମଗ୍ର ବିଶ୍ୱରେ ଦକ୍ଷତା ଉପରେ ଧ୍ୟାନ ଦିଆଯାଉଛି। ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ ଏକ ଗୁରୁତ୍ୱପୂର୍ଣ୍ଣ ଅବସର, ଯାହା ରାଜ୍ୟର ସଫଳତା ପାଇଁ ଏକ ମାଇଲଖୁଣ୍ଟ ସଦୃଶ। କାର୍ଯ୍ୟକ୍ରମରେ ଓଡ଼ିଶାର ୱାର୍ଲଡ ସ୍କିଲ୍‌ଡ ସେଣ୍ଟରର ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା।




### ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ ପାଇଁ ଭୂମିପୂଜନ

ଦେଶର ଯୁବକଙ୍କୁ ଉତ୍କର୍ଷ ଏବଂ ସ୍ଥାୟୀ ଦକ୍ଷତା ବିକାଶ ଦିଗରେ ମାର୍ଗଦର୍ଶନ ଦେବା ଲାଗି ଚଳିତ ଏପ୍ରିଲ ୨୦ରୁ ସ୍କିଲ୍‌ଡ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୩ର ଆୟୋଜନ କରାଯାଉଛି। ଏଥିନିମନ୍ତେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଭୂମିପୂଜା କରାଯାଇ ସମ୍ମିଳନୀ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯାଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କନ୍‌କ୍ଲେଭସ୍ଥଳ ପରିଦର୍ଶନ କରି ଲେଆଉଟ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। କନ୍‌କ୍ଲେଭ ପାଇଁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱରରେ କର୍ଟେନ ରେଜର ଅନୁଷ୍ଠିତ ହେବ। କନ୍‌କ୍ଲେଭରେ ପ୍ରମୁଖ ଶିଳ୍ପ ସଂସ୍ଥା, ଆଇଆଇଟି, ଡିପ୍ଲୋମା, ପଲିଟେକନିକ୍ ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ରୀ ଓ ଯୁବକଙ୍କ ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଯୋଗଦେବେ। ସିଙ୍ଗାପୁରରୁ ୨୫ ଜଣ ଛାତ୍ରୀଛାତ୍ରଙ୍କ ସମେତ ଫାକଲ୍‌ଟିମାନେ ଯୋଗଦେଇ ଭାବ ଆଦାନପ୍ରଦାନ ସହ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ୫-ଟି ବିଦ୍ୟାଳୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ପୁଣି ଏକ ଗାଈକୁ ଖାଇଗଲା ବାଘ

**ନୂଆପଡ଼ା ଅଫିସ,୭।୪:** ନୂଆପଡ଼ା ଜିଲାରେ ଗତ ପ୍ରାୟ ୧ ମାସ ହେବ ବାଘ ଆତଙ୍କ ଦେଖାଦେଇଛି। ବାଘ ଭୟରେ ଲୋକେ ସନ୍ଧ୍ୟା ନ ହେଉଣୁ ତାଟିକବାଟ ବନ୍ଦ କରି ରହୁଛନ୍ତି।



ଏଭଳି ସ୍ଥିତିରେ ଗୁରୁବାର ନୂଆପଡା ସଦର ବନ ବିଭାଗ ରେଞ୍ଜ ଅଧୀନ ଧରମବନ୍ଧା ବିଟ ଚୁଲାଭାଟ ଗାଁରେ ପୁଣି ଏକ ଗାଈକୁ ବାଘ ଖାଇଥିବା ସୂଚନା ମିଳିଛି। ନୂଆପଡା ରେଞ୍ଜ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଗାଈ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମତେ ଗୁରୁବାର ସକାଳେ ଗାଁର ଗୋବର୍ଦ୍ଧନ ମାଝିଙ୍କ ଗାଈ ଜଙ୍ଗଲକୁ ଚରିବାକୁ ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଗାଁର ଲୋକେ ମହୁଲଫୁଲ ଗୋଟେଇବାକୁ ଜଙ୍ଗଲକୁ ଯିବା ସମୟରେ ଗାଁ ପାଖରେ ଥିବା ଚୁଲାଭାଟ ନାଳାରେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇ ଭୟରେ ଫେରି ଆସି ଗାଁରେ କହିଥିଲେ। ଗୋବର୍ଦ୍ଧନଙ୍କ ପରିବାର ଲୋକ ଗାଈ ଦେଖି ଚିହ୍ନଟ କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତ ଗାଈର ବ୍ୟବଚ୍ଛେଦ କରାଇ ଗାତ ଖୋଳି ପୋତିଦେଇଥିଲେ। ଜିଲାର କୋମନା, ବୋଡେନ ଓ ନୂଆପଡା ବ୍ଲକକୁ ସୁନାବେଡା ଅଭୟାରଣ୍ୟ ଲାଗି ରହିଛି। ମାଓବାଦୀ ଭୟରେ ବନ ବିଭାଗ ଓ ବନ୍ୟପ୍ରାଣୀ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଅଭୟାରଣ୍ୟକୁ ଯାଉ ନାହାନ୍ତି। ଅନ୍ୟପକ୍ଷେ କାଠ ମାଫିଆମାନେ ଜଙ୍ଗଲ ସଫା କରିଦେଉଥିବାରୁ ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ଗାଁମୁହାଁ ହେଉଛନ୍ତି। ବର୍ତ୍ତମାନ ଜିଲାର ୩ଟି ବ୍ଲକରେ ଗୋଟିଏ ମାସ ମଧ୍ୟରେ ଜଣେ ବୃଦ୍ଧାଙ୍କ ସହ ୧୯ଟି ଗୃହପାଳିତ ପ୍ରାଣୀ ମାରି ଖାଇଥିବା ବେଳେ ୨ଟି ଗୃହପାଳିତ ପ୍ରାଣୀ ମାରି ଘାଇଲା କରିଛି।

# ୧୨ ହଜାର ଟଙ୍କାରେ ଶିଶୁପୁତ୍ରକୁ ବିକିଦେଲେ ବାପା

ଚଣ୍ଡିଖୋଲ,୭।୪(ଡି.ଏନ.ଏ.)

ମାତ୍ର ୧୨ ହଜାର ଟଙ୍କାରେ ଶିଶୁପୁତ୍ରକୁ ବିକ୍ରିକରି ଦେଇଛନ୍ତି ବାପା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି

## ଉଦ୍ଧାରକଲା ବଡ଼ଚଣା ପୋଲିସ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଶାସନ ପୁରୁଷୋତ୍ତମପୁରର ଆଦିବାସୀ ବସ୍ତି ଚମାରଖଟି ଗ୍ରାମରେ। ଏହି ଗ୍ରାମର ଘନ ସିକୁ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ସିକୁଙ୍କ ଗୋଟିଏ ପୁଅ ଓ ଦୁଇ ଝିଅ। ପୁଅ ବବୁଲଙ୍କ ବୟସ ୮ ବର୍ଷ ହେବ। ମାର୍ଚ୍ଚ ୩୦ ତାରିଖରେ ଘନ ପୁଅକୁ ନେଇ ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ହାଟକୁ ଯାଇଥିଲେ। ସେଠାରେ ସେ ଜେନାପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ୭ ହଜାର ଟଙ୍କା ଦେଇଥିଲେ। ଆଉ ୫ ହଜାର ଟଙ୍କା ପଛରେ ଦେବେ ବୋଲି କହିଥିଲେ।

୬ ତାରିଖ ଗୁରୁବାର ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବାରୁ ଏକଥା ପଦାକୁ ଆସିଛି। କେତେଜଣ ବ୍ୟକ୍ତି ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଜଣାଇବା ପରେ ସେ ତୁରନ୍ତ ଶିଶୁଟିକୁ ଉଦ୍ଧାର କରିବା ପାଇଁ ବଡ଼ଚଣା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ଚଣା ପୋଲିସ ଜେନାପୁର ଅଞ୍ଚଳରେ ପହଞ୍ଚି ଶିଶୁପୁତ୍ରଙ୍କୁ ଉଦ୍ଧାରକରି ଆଣି ତାଙ୍କ ମା'ଙ୍କ ଜିମା ଦେଇଥିବା ଜଣାପଡ଼ିଛି। ନିଶା ଖାଇବା ପାଇଁ ଘନ ଶିଶୁପୁତ୍ରକୁ ବିକ୍ରିକରି ଦେଇଥିଲେ ବୋଲି ଶିଶୁପୁତ୍ରଙ୍କ ମା' ସଙ୍ଗୀତା ପୋଲିସ ଆଗରେ ପ୍ରକାଶ କରିଛନ୍ତି। କିନ୍ତୁ ପିଲା ବିକ୍ରିର କାରଣ ସମ୍ପର୍କରେ କେହି ମୁହଁ ଖୋଲୁନାହାନ୍ତି।

# ଅଧାରୁ ଅପରେଶନ ବନ୍ଦ କରିଦେଲେ ଡାକ୍ତର

ବାଲେଶ୍ୱର ଅଫିସ, ୭।୪

ବାଲେଶ୍ୱର ସହର ଆଇଟିଆଇ ଛକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କ ୟୁଟ୍ରେସ୍ ଅପରେଶନ ଚାଲିଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବା ଆଶଙ୍କା କରି ଡାକ୍ତର ଅଧାରୁ ବନ୍ଦ କରିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଫଳରେ ମହିଳାଜଣକ ଦୁଇ ଦିନ ଧରି ଗୁରୁତର ଅବସ୍ଥାରେ ଉକ୍ତ ନର୍ସିଂହୋମରେ ପଡି ରହିଛନ୍ତି। ମହିଳାଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ପରେ ନର୍ସିଂହୋମ୍ ମାଲିକ ଏବଂ ଡାକ୍ତର ରୋଗୀଙ୍କୁ ଅପରେଶନ କରାଇବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ କରାଇବା ଲାଗି ସମସ୍ତ ଖର୍ଚ୍ଚ ବହନ କରିବା ଲାଗି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ମହିଳାଙ୍କ ସ୍ୱାମୀଙ୍କ କହିବାନୁସାରେ ୫ ତାରିଖରେ ଉକ୍ତ ଘରୋଇ ନର୍ସିଂହୋମ୍‌କୁ ସେ ସ୍ତ୍ରୀଙ୍କୁ ଅପରେଶନ ପାଇଁ ନେଇଥିଲେ। ଡାକ୍ତରଙ୍କ ଲେଖା ଅନୁସାରେ ସମସ୍ତ ପରୀକ୍ଷାନୀରିକ୍ଷା ମଧ କରାଯାଇଥିଲା। ଅପରେଶନ ଟେବୁଲ୍‌କୁ ରୋଗୀଙ୍କୁ ନିଆଯାଇଥିଲା। ଅପରେଶନ ଅଧା ହୋଇଥିବା ବେଳେ କୌଣସି ଜଟିଳ ସ୍ଥିତିକୁ ଦେଖି ଡାକ୍ତର କଟାଯାଇଥିବା ସ୍ଥାନକୁ ପୁଣି ସିଲେଇ କରି ଅପରେଶନ୍ ପାଇଁ ମନା କରିଥିଲେ ଏବଂ କଟକ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଏଯାବତ୍ କୌଣସି ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

# ୩ ନାବାଳକଙ୍କୁ ୭୫ ହଜାର ଫାଇନ

ନୟାଗଡ଼ ଅଫିସ, ୭।୪

## ବାଇକ୍ ଚଲାଇବା ବେଳେ ଧରାପଡ଼ିଲେ

ନୟାଗଡ଼ ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ ସପ୍ତାହର ଅନ୍ତିମ ଦିବସ ଶୁକ୍ରବାର ୩ ନାବାଳକ ବାଇକ୍ ଚଲାଉଥିବାବେଳେ ଧରାପଡ଼ିଛନ୍ତି। ଜଣ ପ୍ରତି ୨୫ ହଜାର ଲେଖାଏ ୭୫ ହଜାର ଟଙ୍କା ସେମାନଙ୍କ ଅଭିଭାବକଙ୍କଠାରୁ ନୟାଗଡ଼ ଆରଟିଓ ପ୍ରଶାନ୍ତ ପରିଡା ଆଦାୟ କରିଛନ୍ତି। ଅନ୍ୟପକ୍ଷେ ୩ଟି ବାଇକ୍ ଜବତ କରାଯାଇଛି। ଏହି ବାଇକ୍ ନଂ. ସବୁ ହେଲା ଓଆର୍ ୦୨ ଏଏସ୍ ୦୮୬୩, ଓଡି ୨୫ ଏଚ ୪୦୦୪, ଓଡି ୨୫ ଏଫ ୯୭୩୮। ଆରଟିଓ ପକ୍ଷରୁ ଡିଆର୍‌ଡିଏ ରାସ୍ତାର ମହର୍ଷି ସ୍କୁଲ ସମ୍ମୁଖରୁ ୨ ଜଣ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ଜଣେ ବାଇକ୍ ଚଲାଉଥିବାବେଳେ ଧରାପଡ଼ିଥିଲେ। ସେମାନେ ସ୍କୁଲ ଛାତ୍ର ବୋଲି ତନଖି ବେଳେ ଜଣାପଡିଛି। ଏହି ୩ ନାବାଳକ ୨୫ ବର୍ଷ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ପାଇବେ ନାହିଁ। ସେହିପରି ଗାଡ଼ି ମାଲିକ ଅଥବା ଅଭିଭାବକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆରଟିଓ ପରିଡା କହିଛନ୍ତି। ପ୍ରକାଶ ଯେ, ଦୁର୍ଘଟଣାଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିବା ପରେ ସରକାର ଓଡ଼ିଶା ଦିବସରୁ ୭ ଦିନ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ ସପ୍ତାହ ପାଳନ କରୁଛନ୍ତି। ଏହି ଅବସରରେ ହେଲମେଟ, ମଦ୍ୟପାନକରି ଗାଡ଼ି ଚାଳନା, ସିଟ୍‌ବେଲ୍ଟ ଧରପଗଡ଼, ଓଭର ସ୍ପିଡ, ଓଭରଲୋଡ, ନାବାଳକ ଗାଡ଼ି ଚାଳନା, ଗାଡ଼ି ଚାଳନା ବେଳେ ମୋବାଇଲରେ କଥାବାର୍ତ୍ତା କରୁଥିବା ଚାଳକଙ୍କୁ ଧରାଯାଇଥିବା ଜଣାପଡ଼ିଛି।

# ହିଞ୍ଜିଳିକାଟୁ ବ୍ଲକ ଦେଶରେ ଶ୍ରେଷ୍ଠ

ହିଞ୍ଜିଳିକାଟୁ, ୭।୪(ଡି.ଏନ୍.ଏ.)

## ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୩

ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର 'ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୩' ଘୋଷଣା ହୋଇଛି। ଜିଲା ପଞ୍ଚାୟତସ୍ତରରେ ଗଞ୍ଜାମ ଓ ବ୍ଲକ ପଞ୍ଚାୟତସ୍ତରରେ ହିଞ୍ଜିଳିକାଟୁ ଶ୍ରେଷ୍ଠ ଘୋଷିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶଦାତା ଡ. ବିଜୟ କୁମାର ବେହେରା ଏ ସମ୍ପର୍କିତ ତାଲିକା ପ୍ରକାଶ କରିଛନ୍ତି। ତାଲିକା ଅନୁସାରେ, 'ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର'ର ୯ଟି ବିଭାଗରେ ହିଞ୍ଜିଳିକାଟୁ ବ୍ଲକର କଞ୍ଚୁରୁ ପଞ୍ଚାୟତ ଦେଶର ୨ୟ ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ଓ ଶାସନ ଆମ୍ବଗାଁ ୨ୟ ଶ୍ରେଷ୍ଠ ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ଭାବେ ଘୋଷିତ ହୋଇଛି। ସାମାଜିକ ସୁରକ୍ଷା ପଞ୍ଚାୟତ ଭାବେ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକର କୁଲାଡ଼ ପଞ୍ଚାୟତ ୨ୟଶ୍ରେଷ୍ଠ ପୁରସ୍କାର ପାଇଁ ଯୋଗ୍ୟତା ଅର୍ଜନ କରିଛି। ସେହିପରି 'ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର' ତାଲିକାରେ ଗଞ୍ଜାମ ଜିଲା ଦେଶର ଶ୍ରେଷ୍ଠ ଜିଲା ପଞ୍ଚାୟତ ଭାବେ ଘୋଷିତ ହୋଇଛି। ହିଞ୍ଜିଳିକାଟୁ ଦେଶର ଶ୍ରେଷ୍ଠ ବ୍ଲକ ପଞ୍ଚାୟତ ଭାବେ ପୁରସ୍କାର ପାଇବା ନିମନ୍ତେ ଘୋଷିତ ହୋଇଛି। ସ୍ପେଶାଲ କ୍ୟାଟେଗୋରି ପୁରସ୍କାର ତାଲିକାରେ ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତ 'ଗ୍ରାମ ଉର୍ଜା ସ୍ୱରାଜ ବିକାଶ ପଞ୍ଚାୟତ ପୁରସ୍କାର' ଭାବେ ୨ୟ ଶ୍ରେଷ୍ଠ ସ୍ଥାନ ହାସଲ କରିଛି।

# ଅଟେଇରେ ମଇଁଷିକୁ ମାରିଲା ବାଘ

କେନ୍ଦୁଝର/ଘଟଗାଁ, ୭।୪(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ୍ ଅଟେଇ ସଂରକ୍ଷିତ ଜଙ୍ଗଲ ମେଲାଣ ପାଲମଣି ସାହିରେ ବାଘ ପୁଣି ମଇଁଷି ମାରିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ମୃତ ମଇଁଷି ମାଲିକଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତଦନ୍ତ ପରେ ମଇଁଷି ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜ୍ ଅଧିକାରୀ ପ୍ରଭାତ କୁଅଁର କହିଛନ୍ତି। ଗ୍ରାମ ନିକଟରେ ବାଘ ବୁଲୁଥିବା ଖବର ପ୍ରଚାର ପରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସୂଚନା ଅନୁଯାୟୀ, ସାହିର କୁଟୁଲୁ ମୁଣ୍ଡାଙ୍କ ୮ଟି ମଇଁଷି ସକାଳେ ଜଙ୍ଗଲରେ ଚରିବୁଲି ଘରକୁ ଫେରିବା ପରେ ଏକ ମଇଁଷି ଖଣ୍ଡିଆଖାବରା ହୋଇଥିବା କୁଟୁଲୁ ଦେଖିଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୧ଟାରେ ସେହି ମଇଁଷିର ମୃତ୍ୟୁ ହୋଇଥିଲା। ବାଘ ଆକ୍ରମଣରେ ମୃତ୍ୟୁ ହୋଇଥିବା ଦାବିକରି ମାଲିକ ଓ ଗ୍ରାମବସୀ କ୍ଷତିପୂରଣ ପାଇଁ ଅଡ଼ିବସିଥିଲେ। ଉକ୍ତ ଅଟେଇ ଜଙ୍ଗଲରେ ମାସେ ତଳେ ଏକ ମହାବଳ ବାଘ ବୁଲୁଥିବା ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ବନ ବିଭାଗ ବାଘ ଓ ଲୋକଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଆସୁଛି। ତେବେ କିଛିଦିନ ତଳେ ତିନୋଟି ମଇଁଷିର ମୃତଦେହ ଜଙ୍ଗଲରୁ ମିଳିବା ପରେ ପୁଣି ବାଘ ଆକ୍ରମଣ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଜଙ୍ଗଲକୁ ଗୃହପାଳିତ ପ୍ରାଣୀ ନ ଛାଡ଼ିବାକୁ ବିଭାଗ ବାରମ୍ବାର ତାଗିଦ୍ କରୁଥିଲେ ହେଁ ସ୍ଥାନୀୟ ଲୋକେ ଛାଡୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।



# ସାଇବର ଠକେଇର ଶିକାର ସ୍ତ୍ରୀଙ୍କୁ ତଲାକ୍ ଦେଲେ ସ୍ୱାମୀ

ଡେରାବିଶ,୭।୪(ସ୍ୱ.ପ୍ର.)

ସାଇବର ଠକେଇର ଶିକାର ହୋଇଥିବା ଜଣେ ମହିଳାଙ୍କୁ ତଲାକ ଦେଇଛନ୍ତି ସ୍ୱାମୀ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ବାବୁରାମପାଟଣା ଗାଁରେ ଏହି ଘଟଣା ଘଟିଛି। ଗାଁର ଶେଖ୍ ରାଜିଦଙ୍କ ସ୍ତ୍ରୀ ଜମରୁନ୍ ବିବି ସାଇବର ଠକେଇର ଶିକାର ହୋଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ୱାମୀ ରାଜିଦ୍ ତଲାକ୍ ଦେବା ପରେ ଜମରୁନ ଭରଣପୋଷଣ ପାଇଁ ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜିଦ ରାଜ୍ୟ ବାହାରେ ଚାକିରି କରନ୍ତି। କିଛି ମାସ ପୂର୍ବରୁ ଜମରୁନଙ୍କ ଫେସ୍‌ବୁକ୍ ଆକାଉଣ୍ଟକୁ ରବି ଶର୍ମା ନାମକ ଜଣେ ବ୍ୟକ୍ତି ଫ୍ରେଣ୍ଡ୍ ରିକ୍ୟୁଷ୍ଟ ପଠାଇଥିଲେ। ଜମରୁନ ଏହି ତାହାକୁ ଗ୍ରହଣ କରିଥିଲେ। ଫେସ୍‌ବୁକ୍‌ରେ ଚାଟିଂରୁ ରବି ଏବଂ ଜମରୁନ୍‌ଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ଜମରୁନଙ୍କୁ ଆଇଫୋନ୍, ସୁନାହାର, ଫ୍ରିଜ୍ ଆଦି ସାମଗ୍ରୀ ଗିଫ୍ଟ ଦେବାକୁ ରବି କହିଥିଲେ। ହେଲେ ଏହି ସାମଗ୍ରୀଗୁଡ଼ିକର ଦାମ୍ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାରୁ ଇନ୍‌କମ୍ ଟ୍ୟାକ୍ସ ଓ କୋରିୟର ଚାର୍ଜ ବାବଦରେ ୧ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଉକ୍ତ ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ରବି ଜମରୁନ୍‌ଙ୍କୁ କହିଥିଲେ। ଏଥିରେ ଜମରୁନ୍ ରାଜି ହୋଇ ରବି ଓ ତାଙ୍କ ସହଯୋଗୀ ଆଶିଷ ପାଣ୍ଡେଙ୍କ ପେଟିଏମ୍ ଓ ଆକାଉଣ୍ଟକୁ ୧ଲକ୍ଷ ୭୦ ହଜାର ଟଙ୍କା ପଠାଇଥିଲେ। ଟଙ୍କା ପଠାଇବାର ଦୀର୍ଘଦିନ ପରେ ମଧ ଗିଫ୍ଟ ନ ଆସିବାରୁ ଜମରୁନଙ୍କ ସନ୍ଦେହ ହୋଇଥିଲା। ସେ ଯୋଗାଯୋଗ କରିବାରୁ ରବି ଆହୁରି ୫ ହଜାର ଟଙ୍କା ମାଗିଥିଲେ। ରବି ତାଙ୍କୁ ଠକି ଦେଇଥିବା ଅନୁଭବ କରି ଜମରୁନ ପ୍ରଥମେ ଗତ ମାର୍ଚ୍ଚ ୧୦ରେ କ୍ରାଇମବ୍ରାଞ୍ଚକୁ ଚିଠି ମାଧ୍ୟମରେ ଅଭିଯୋଗ କରିଥିଲେ। କାର୍ଯ୍ୟାଳୟ ଆସି ଅଭିଯୋଗ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ତେବେ ସେ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ଯାଇ ନ ପାରି କେନ୍ଦ୍ରାପଡ଼ା ସଦର ଥାନାରେ ଗତ ମାର୍ଚ୍ଚ ୧୩ରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୪୭/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସ୍ୱାମୀ ରାଜିଦ୍ ସମସ୍ତ ବିଷୟ ଜାଣିବା ପରେ ଜମରୁନ୍‌ଙ୍କ ଉପରେ ବିରକ୍ତ ହେବା ସହ ତାଙ୍କୁ ଗତ ୧ ତାରିଖରେ ତଲାକ୍ ଦେଇ ସମ୍ପର୍କ ତୁଟାଇ ଦେଇଛନ୍ତି। ଏ ନେଇ ଜମରୁନ୍ ଭରଣପୋଷଣ ଦାବି କରି ଗତ ୫ ତାରିଖରେ ସଦର ଥାନାରେ ରାଜିଦ୍‌ଙ୍କ ବିରୋଧରେ ଆଉ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୬ ତାରିଖରେ ୩୦୦/୨୩ ନମ୍ବରରେ ମାମଲା ରୁଜୁ କରିଛି। ଜମରୁନ୍ ଅଭିଯୋଗରେ ଦର୍ଶାଇଛନ୍ତି, ରାଜିଦ୍ ଦୀର୍ଘବର୍ଷ ହେବ ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ତାଙ୍କର ୧୩, ୧୪ ବର୍ଷର ୨ଟି ପୁଅ ଓ ୫, ୭ ବର୍ଷର ୨ଟି ଝିଅଙ୍କୁ କିପରି ପ୍ରତିପୋଷଣ କରିବେ ବୋଲି ସେ କହିଛନ୍ତି। ସାଇବର ଠକାମି ସମ୍ପର୍କରେ ଜମରୁନ କହିଛନ୍ତି, ଅଧିକ ଟଙ୍କାର ଗିଫ୍ଟ ଆଶାରେ ସେ ନିଜ ଭଉଣୀ ଓ ଅନ୍ୟ ସମ୍ପର୍କୀୟଙ୍କଠାରୁ ଧାରକରଜ କରି ୧ଲକ୍ଷ ୭୦ ହଜାର ଟଙ୍କା ଡିପୋଜିଟ୍ କରିଛନ୍ତି। ଘର ଚଳିବା ପାଇଁ ଏପରିକି ପିଲାଙ୍କ ପାଠ ପଢ଼ିବାକୁ ସ୍ୱାମୀ କେବେ ବି ଘରକୁ ଟଙ୍କାଟିଏ ଦେଉ ନ ଥିଲେ। କୌଣସି ଆଲୋଚନା ନ କରି ଘଟଣା ସମ୍ପର୍କରେ ନ ବୁଝି, ତାଙ୍କୁ ତଲାକ୍ ଦେବା ଫଳରେ ୪ ଛୁଆଙ୍କୁ ଧରି ନିଜ ବାପଘରେ ଆଶ୍ରୟ ନେଇଛନ୍ତି ବୋଲି ସେ କହିଛନ୍ତି।


ଜମରୁନ୍ ବିବି

**ଆଜିର ମନ୍ତବ୍ୟ**

କୋଭିଡ୍-୧୯ର ମୁକାବିଲା ପାଇଁ ଟେଷ୍ଟ, ଟ୍ରାକ୍, ଟ୍ରିଟ୍, ଭାକ୍ସିନେଟ୍ ଏବଂ କୋଭିଡ୍-ଉପଯୁକ୍ତ ବ୍ୟବହାରର ଅନୁପାଳନ କରାଯିବା ଜରୁରୀ।
**-ମନ୍ସୁଖ ମାଣ୍ଡବ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା ମାଜିଲେ ମୋଟ**
**ସୂତା ମାଜିଲେ ସରୁ।**

କୌଣସି ଛୋଟ କଥାକୁ ବେଶି ମାତ୍ରାରେ ଚର୍ଚ୍ଚା କଲେ ତାହା ବଡ଼ ଆକାର ଧାରଣ କରେ। ଅତ୍ୟଧିକ ତର୍ଜମା କରିବା ଫଳରେ ନାନା କଥା ବାହାରେ। ଫଳ ସ୍ୱରୂପ କଥାର ଭିନ୍ନ ଅର୍ଥ ପ୍ରକାଶ ପାଏ ଓ କଥାର ମୋଡ଼ ବଦଳିଯାଏ, ଯାହାକି ସହଜରେ ଛିଣ୍ଡି ନ ଥାଏ। ତେଣୁ ଛୋଟ ବା ସାମାନ୍ୟ କଥାକୁ ଆବଶ୍ୟକତାଠୁ ଅଧିକ ଗୁରୁତ୍ୱ ଦିଆ ନ ଯିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କୁଳ କନିଆଁ କି କାଳୀ**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥ ଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଗାଁ ଦାଣ୍ଡରେ ଗୋଡେଇ ହାଣିଲେ

**ବାପ ମୃତ, ପୁଅ ଗୁରୁତର: ୩ ଗିରଫ**

ରେଢାଖୋଲ,୭।୪(ଡି.ଏନ.ଏ.)

ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ରାତିରେ ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳୀଗଡ ପଞ୍ଚାୟତର କନ୍ଧରା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ଗାଁ ଦାଣ୍ଡରେ ୨ ଭାଇ ଓ ଭଉଣି ଜ୍ୱାଇଁ ମିଶି ଗୋଡେଇ ଗୋଡେଇ ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମେହେର (୭୦) ଓ ପୁଅ ଭଗବାନ ମେହେରଙ୍କୁ ହାଣିଛନ୍ତି। ଘଟଣାସ୍ଥଳରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଭଗବାନ ଗୁରୁତର ହୋଇଛନ୍ତି। ରେଢାଖୋଲ ଡାକ୍ତରଖାନରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଭଗବାନଙ୍କ ଭାଇ ଦେବାର୍ଜ୍ଜନ ମେହେର ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୩୦୨, ୩୦୭ରେ ଏକ ମାମଲା (ନଂ.୯୩/୨୩) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ କନ୍ଧରା ଗ୍ରାମର ୨ଭାଇ ବନମାଳୀ ମେହେର (୩୭), ନରେନ୍ଦ୍ର ମେହେର (୨୫) ଓ ତାଙ୍କ ଭଉଣି ଜ୍ୱାଇଁ ବୌଦ୍ଧ ଜିଲା ଚମ୍ପାପୁର ଗ୍ରାମର ରଞ୍ଜନ ମେହେର (୩୨)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାକ୍ରମେ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବ୍ୟବସାୟିକ ଶତ୍ରୁତା ଲାଗିରହିଥିଲା। ଏଭଳିସ୍ଥଳେ ଗୁରୁବାର ରାତିରେ ଭଗବାନ ଖାଇସାରି ଗାଁ ଦାଣ୍ଡକୁ ଯାଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ୩ ଅଭିଯୁକ୍ତ ହଠାତ୍ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ବାପା ପୂର୍ଣ୍ଣଚନ୍ଦ୍ର ସେଠାରେ ପହଞ୍ଚି ପୁଅକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ଅଭିଯୁକ୍ତମାନେ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ।

# ଆଜି ସରିବ ରିମାଣ୍ଡ ଅବଧି

**ଜାଲ୍ ସାର୍ଟିଫିକେଟ ମାମଲା**
- **ଅଭିଯୁକ୍ତଙ୍କ ଆର୍ଥିକ କାରବାର ଉପରେ ତନାଘନା**
- **ଜଣେ ମହିଳାଙ୍କୁ କଲେ ପଚରାଉଚରା**

ବଲାଙ୍ଗୀର ଅଫିସ, ୭।୪

ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିବା ଜାଲ୍ ସାର୍ଟିଫିକେଟ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ରଞ୍ଜନ ଉଦ୍‌ଗାତା, ଦୁଇ ଜାଲ୍ ସାର୍ଟିଫିକେଟ ବ୍ୟବହାରକାରୀ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ଗତ ୫ ତାରିଖ ଅପରାହ୍ନରୁ ତିନିଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି। ଶନିବାର ଅପରାହ୍ନ ସୁଦ୍ଧା ରିମାଣ୍ଡ ଅବଧି ସରିବ। ୪ ଅଭିଯୁକ୍ତ ଜେଲକୁ ଫେରିବେ। ଜାଲ୍ ସାର୍ଟିଫିକେଟ ମାମଲାର ତଦନ୍ତ ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ବୁଧବାର ଠାରୁ ବଲାଙ୍ଗୀରରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା କ୍ୟାମ୍ପ କରି ରହିଛନ୍ତି। ମନୋହରପୁର ରିଜର୍ଭ ପୋଲିସ ବାରାକ୍ ପରିସରରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିବା ପରେ ଅନେକ ନୂଆ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ବୋଲି କୁହାଯାଇଛି। ଅନ୍ୟପଟେ କ୍ରାଇମ୍‌ବ୍ରାଞ୍ଚର ଅନ୍ୟ ଏକ ଟିମ୍ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ଏବଂ ଆଲୋକଙ୍କ ସ୍ତ୍ରୀଙ୍କୁ ଟାଉନ୍ ଥାନାକୁ ଡାକି ଆର୍ଥିକ କାରବାର ସମ୍ପର୍କରେ ପଚରାଉଚରା ଜାରି ରଖିଥିଲେ। ଦୁଇ ପ୍ରମୁଖ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ଦିଗରେ କ୍ରାଇମ୍‌ବ୍ରାଞ୍ଚ ପଦକ୍ଷେପ ନେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଦେଢ କୋଟିର ସମ୍ପତ୍ତି, ୫ଟି ପ୍ଲଟ ବାଜ୍ୟାପ୍ତି କରାଯିବା ନେଇ ଆକଳନ କରାଯାଇଛି । ଶୁକ୍ରବାର ଦିନ ଅନ୍ୟ ଜଣେ ମହିଳାଙ୍କୁ ଟାଉନ୍ ଥାନାକୁ ଡାକି ପଚରାଉଚରା କରିଥିଲେ। ସେହି ମହିଳାଙ୍କ ପରିଚୟ ମିଳିନାହିଁ। ଜାଲ୍ ସାର୍ଟିଫିକେଟ କାରବାର ମାମଲାରେ ଗିରଫଦାରୀ ବଢ଼ିବ ବୋଲି ଡିଏସ୍‌ପି ଦେବବ୍ରତ ଚକ୍ର ଗଣମାଧ୍ୟମକୁ କହିଥିଲେ। ତଦନ୍ତ ପ୍ରକ୍ରିୟା ଠିକ୍‌ଠାକ୍ ଚାଲିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା କହିଛନ୍ତି। ତେବେ ଦୀର୍ଘ ୮ ଦିନ ଧରି କ୍ରାଇମ୍‌ବ୍ରାଞ୍ଚ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ଏବଂ ତଦନ୍ତ ଜାରି ରଖିବା ସତ୍ତ୍ୱେ ଏହି ବହୁଚର୍ଚ୍ଚିତ ମାମଲାରେ ବିଶେଷ ଅଗ୍ରଗତି ହୋଇ ନ ଥିବାରୁ ସାଧାରଣରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।

# ସାଇବର ଅପରାଧୀଙ୍କୁ ବଳପାଉନି

- **୫ ବର୍ଷରେ ୧୦୫ କୋଟି ଲୁଟିନେଲାଣି ଅଦୃଶ୍ୟ ଠକ**
- **ସବୁ ଜିଲାରେ ଖୋଲିବ ଅର୍ଥନୈତିକ ଅପରାଧ ଥାନା**

ଭୁବନେଶ୍ୱର, ୭।୪(ବ୍ୟୁରୋ)

ସମୟ ବଦଳୁଛି। ବୈଷୟିକ ଜ୍ଞାନକୌଶଳର ପ୍ରସାର ଘଟୁଛି। ଇଣ୍ଟରନେଟ୍, କମ୍ପ୍ୟୁଟର, ସୋସିଆଲ ମିଡିଆ ଆଦିର ବହୁଳ ବ୍ୟବହାର ହେଉଛି। ଗୋଟିଏ ପଟେ ଡିଜିଟାଲ ଦେଣନେଣ ବୃଦ୍ଧି ପାଉଥିବାବେଳେ ସମାନ୍ତରାଳ ଭାବେ ସାଇବର ଅପରାଧୀଙ୍କ ଦୌରାତ୍ମ୍ୟ ମଧ୍ୟ ବଢ଼ିଚାଲିଛି। ସେମାନେ କାହାକୁ କେଉଁ ଉପାୟରେ ଫାଶରେ ପକାଉଛନ୍ତି, ତାହା ଜାଣିବା ମୁସ୍କିଲ ହୋଇପଡୁଛି। ଗତ ୫ ବର୍ଷରେ ବିଭିନ୍ନ ଉପାୟରେ ସେମାନେ ରାଜ୍ୟରୁ ୧୦୫ କୋଟି ୫୫ ଲକ୍ଷ ଟଙ୍କା ଲୁଟି ନେଲେଣି। ଏଭଳି ଅଦୃଶ୍ୟ ଅପରାଧୀଙ୍କୁ ଧରିବା ଏବଂ ଅପରାଧକୁ ରୋକିବା ପାଇଁ ପୋଲିସର ବଳ ପାଉନାହିଁ। କେବଳ ସେତିକି ନୁହେଁ, ସର୍ବସ୍ୱ ହରାଇବା ପରେ ପୀଡ଼ିତ ବ୍ୟକ୍ତି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେଉଛନ୍ତି, ଯାହା ଏବେ ଚିନ୍ତାର ବିଷୟ ହୋଇଛି।

ସୂଚନା ଆଦାନପ୍ରଦାନ କରିବା ଏବଂ ସାମାଜିକ ସମ୍ପର୍କ ଯୋଡ଼ିବା ପାଇଁ ବହୁଳ ଭାବେ ବ୍ୟବହାର କରାଯାଉଥିବା ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଫୋନ୍, ଇଣ୍ଟରନେଟ୍ ଆଉ ସୁରକ୍ଷିତ ହୋଇରହିନାହିଁ। ସାଇବର ଅପରାଧୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ମାଧ୍ୟମ କରି ଲୋକଙ୍କୁ ଫସାଇ କ୍ଷଣିକ ମଧ୍ୟରେ ଜମାପୁଞ୍ଜି ଲୁଟି ନେଉଛନ୍ତି। ରାଜ୍ୟ ଗୃହ ବିଭାଗ ତଥ୍ୟ ଅନୁଯାୟୀ, ୨୦୧୮ରେ ୮୬୭ଟି ସାଇବର ମାମଲା ରୁଜୁ ହୋଇଥିଲା। ଅପରାଧୀମାନେ କୌଶଳକ୍ରମେ ୮ କୋଟି ୯୭ ଲକ୍ଷ ୮୦ ହଜାର ୬୬୬ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଅନୁରୂପ ଭାବେ ୨୦୧୯ରେ ୧,୪୭୫ ମାମଲାରେ ୧୬ କୋଟି ୧୮ ଲକ୍ଷ ୯୫ ହଜାର ୭୧୦ ଟଙ୍କା , ୨୦୨୦ରେ ୧,୯୩୧ ମାମଲାରେ ୩୫ କୋଟି ୭ ଲକ୍ଷ ୨୦ ହଜାର ୧୩୫ ଟଙ୍କା, ୨୦୨୧ରେ ୨,୦୩୭ ମାମଲାରେ ୪୦ କୋଟି ୩୯ ଲକ୍ଷ ୭୦ ହଜାର ୫୧୪ ଟଙ୍କା ଏବଂ ୨୦୨୨ ଫେବୃୟାରୀ ସୁଦ୍ଧା ୨୫୭ ମାମଲାରେ ୩ କୋଟି ୯୧ ଲକ୍ଷ ୮୬ ହଜାର ୯୩୩ ଟଙ୍କା ଲୁଟ୍ ହୋଇଛି। କ୍ରାଇମ୍ ଇନ୍ ଇଣ୍ଡିଆ-୨୦୨୧ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଜାତୀୟ ଅନୁପାତ ଦୃଷ୍ଟିରୁ ଓଡ଼ିଶାରେ ସାଇବର ଅପରାଧ ହାର ବଢ଼ିଚାଲିଛି। ୨୦୨୧ରେ ଓଡ଼ିଶାରେ ସାଇବର ଅପରାଧ ୪.୪ ପ୍ରତିଶତ ହୋଇଥିବା ବେଳେ ଦେଶରେ ୩.୯ ପ୍ରତିଶତ ରେକର୍ଡ କରାଯାଇଥିଲା।



ଅନ୍ୟପଟେ ସାଇବର ଅର୍ଥ ଲୁଟ୍ ମାମଲାରେ ପୋଲିସ ୨୦୧୮ରେ ୧୦ ଲକ୍ଷ ୭୪ ହଜାର ୧୨୭ ଟଙ୍କା, ୨୦୧୯ରେ ୬୮ ଲକ୍ଷ ୪୭ ହଜାର ୧୫୩ ଟଙ୍କା, ୨୦୨୦ରେ ୪୮ ଲକ୍ଷ ୨ ହଜାର ୬୨ ଟଙ୍କା, ୨୦୨୧ରେ ୬୬ ଲକ୍ଷ ୯୫ ହଜାର ୪୭୬ ଟଙ୍କା, ୨୦୨୨ ଫେବୃୟାରୀ ପର୍ଯ୍ୟନ୍ତ ୧୪ ଲକ୍ଷ ୯୭ ହଜାର ୧୨୧ ଟଙ୍କା ଉଦ୍ଧାର କରିଛି। ବର୍ଷକୁ ବର୍ଷ ଠକେଇ ପରିମାଣ ବଢୁଥିବା ବେଳେ ଉଦ୍ଧାର ଟଙ୍କା ପରିମାଣ ଦେଖିଲେ ସାଇବର ଅପରାଧୀଙ୍କ ପାଖରେ ପୋଲିସର ପହଞ୍ଚ କେତେ, ତାହା ସ୍ପଷ୍ଟ ଜଣାପଡୁଛି।

ସାଇବର ମାମଲା ରୋକିବାକୁ ରାଜ୍ୟରେ ୧୪ଟି ସାଇବର ଥାନା କାମ କରୁଛି। କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବହାରର ଦ୍ରୁତ ଅଭିବୃଦ୍ଧି, ସୋସିଆଲ ମିଡିଆରେ ଯୋଗାଯୋଗ ବ୍ୟବସ୍ଥାରେ ଅଗ୍ରଗତି ଓ ବାଣିଜ୍ୟ କାରବାର ବଢୁଥିବାରୁ ପ୍ରତ୍ୟେକ ଜିଲା ଏସ୍‌ପି ଅଫିସରେ ୨୦୧୩ ଏପ୍ରିଲ ପହିଲାରୁ ସାଇବର କ୍ରାଇମ୍ ସେଲ୍ କାମ କରୁଛି। ପ୍ରତ୍ୟେକ ଜିଲାରେ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନା ଖୋଲିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ୨୦୧୭ରୁ ସାଇବର ଅପରାଧ ଅନୁସନ୍ଧାନ ବିଜ୍ଞାନାଗାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଅପରାଧ ଅନୁସନ୍ଧାନ ବିଜ୍ଞାନାଗାରଠାରେ କାର୍ଯ୍ୟ କରୁଛି। ଅନୁସନ୍ଧାନ ନିମନ୍ତେ ଆବଶ୍ୟକ ତାଲିମ ପୋଲିସ ଅଫିସର, ସରକାରୀ ଓକିଲ, ନ୍ୟାୟିକ ଅଧିକାରୀମାନଙ୍କୁ ଦିଆଯାଉଛି। ଏହାଛଡ଼ା ବିଭିନ୍ନ ସମୟରେ ବହୁ ପୋଲିସ ଅଫିସରଙ୍କୁ ସାଇବର ମାମଲାର ତଦନ୍ତ ନିମନ୍ତେ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଏଥିସହିତ ପ୍ରତ୍ୟେକ ଜିଲାରେ ସାଇବର ଅପରାଧ ଓ ଅର୍ଥନୈତକ ଅପରାଧ ଥାନା ଖୋଲିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି।



ଓଡ଼ିଆ ସମାଜ ବର୍ଲିନ ପକ୍ଷରୁ ୮୭ତମ ଓଡ଼ିଶା ଦିବସ ଜର୍ମାନୀ ରାଜଧାନୀ ବର୍ଲିନଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବର୍ଲିନ ଓଡ଼ିଆ ସମାଜର ସଦସ୍ୟମାନେ ଏକତ୍ରିତ ହୋଇଛନ୍ତି।

# ଡେବ୍ରିଗଡ଼ ଅଭୟାରଣ୍ୟ: ୨୦୨୨-୨୩ରେ ଆସିଛନ୍ତି ସର୍ବାଧିକ ପର୍ଯ୍ୟଟକ

**ଆଦାୟ ହୋଇଛି ଅଢେଇ କୋଟି ରାଜସ୍ୱ**

ସମ୍ବଲପୁର,୭।୪ (ବ୍ୟୁରୋ)

ଦେଶର ଅନ୍ୟ ଅଭୟାରଣ୍ୟ ତୁଳନାରେ ସମ୍ବଲପୁରର ଡେବ୍ରିଗଡ ଅଭୟାରଣ୍ୟକୁ ୨୦୨୨-୨୩ ବର୍ଷରେ ସର୍ବାଧିକ ପର୍ଯ୍ୟଟକ ଆସିଛନ୍ତି। ଏହି ବର୍ଷରେ ଏଠାରେ ଥିବା ଇକୋ ଟୁରିଜମରୁ ୨ କୋଟି ୫୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ପ୍ରାୟ ୨୭,୦୦୦ ପର୍ଯ୍ୟଟକ ପରିଦର୍ଶନ କରିଛନ୍ତି। ଏହା ମଧ୍ୟରେ ଇଉରୋପୀୟ ଦେଶ, ଦକ୍ଷିଣ ଆଫ୍ରିକା, କାଲିଫର୍ଣ୍ଣିଆ, ସିଡ୍‌ନୀ ପ୍ରଭୃତି ଦେଶର ପର୍ଯ୍ୟଟକ ରହିଛନ୍ତି। ଡେବ୍ରିଗଡର ପ୍ରକୃତି ଶିବିରରେ ୬୦୦୦ରୁ ଅଧିକ ପରିଦର୍ଶକ ରାତ୍ର ରହଣୀ କରିଛନ୍ତି। ସମୁଦାୟ ପର୍ଯ୍ୟଟକଙ୍କ ଭିତରୁ ପ୍ରାୟ ୧୦% ବିଦେଶୀ ରହିଛନ୍ତି। ସଫାରି ପ୍ୟାକେଜ୍, ହୀରାକୁଦ କ୍ରୁଜ୍ ଓ ଦ୍ୱୀପ ଥିବା ଯୋଗୁ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରୁଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି।



ସେ ଆହୁରି କହିଛନ୍ତି, ୧୨,୦୦୦ରୁ ଅଧିକ ପରିଦର୍ଶକ ଅଭୟାରଣ୍ୟର ଜଙ୍ଗଲ ସଫାରିରେ ଭ୍ରମଣ କରିଛନ୍ତି। ଅଭୟାରଣ୍ୟରେ ସମ୍ବର, ହରିଣ, ଭାଲୁ, ୱାଇଲ୍ଡବୋର୍, ମୟୂର ଆଦି ବନ୍ୟପ୍ରାଣୀ ରହିଛନ୍ତି। ହୀରାକୁଦ ହ୍ରଦ କୂଳରେ ଚିତାବାଘ ଦେଖିବା ମଧ୍ୟ ନିଶ୍ଚିତ ହୋଇଛି। ଡିସେମ୍ବର ଓ ଜାନୁୟାରୀ ମାସରେ ପ୍ରଥମଥର ପାଇଁ ବେଙ୍ଗଲ ଟାଇଗର ଦେଖିବାକୁ ମିଳିଥିଲା। ଗତବର୍ଷ ୧୬,୦୦୦ ପର୍ଯ୍ୟଟକ ଆସିଥିବାବେଳେ ୧.୫ କୋଟି ଟଙ୍କା ଆୟ ହୋଇଥିଲା। ୨୫୦୦ରୁ ଅଧିକ ପରିଦର୍ଶକ ହୀରାକୁଦ୍ ଆର୍ଦ୍ରଭୂମିରେ ଡଙ୍ଗା ଚାଳନା କରିଛନ୍ତି। ଦେବ୍ରିଗଡ ଇକୋଟୁରିଜିମରୁ ଅଞ୍ଚଳବାସୀ ଜୀବିକା ନିର୍ବାହ କରୁଛନ୍ତି। ୫ ଗାଁର ୪୫ରୁ ଅଧିକ ପରିବାର ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ଡିଏଫ୍‌ଓ ଦାସ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସତର୍କ ରହିବାକୁ ରାଜ୍ୟକୁ ....

ସମୀକ୍ଷା କରିବେ। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ଅତିରିକ୍ତ ମୁଖ୍ୟ ସଚିବମାନଙ୍କ ସହ ଆଲୋଚନା ପରେ ମାଣ୍ଡବ୍ୟ ଏହି ପରାମର୍ଶ ଦେଇଛନ୍ତି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ ରହିବାକୁ କୁହାଯାଇଛି। ସେହିପରି ଇନ୍‌ଫ୍ଲୁଏଞ୍ଜା-ଲାଇକ୍ ଇଲ୍‌ନେସ୍ (ଆଇଏଲ୍‌ଆଇ) ଏବଂ ସିଭିଅର୍ ଆକ୍ୟୁଟ୍ ରେସ୍‌ପିରେଟୋରି ଇନ୍‌ଫେକ୍ସନ୍ (ଏସ୍‌ଏଆର୍‌ଆଇ)ର ଟ୍ରେଣ୍ଡ୍‌କୁ ଅନୁଧ୍ୟାନ କରି ଏମର୍ଜେନ୍ସି ହଟ୍‌ସ୍ପଟ୍‌ଗୁଡ଼ିକୁ ଚିହ୍ନଟ ସକାଶେ ମାଣ୍ଡବ୍ୟ ଗୁରୁତ୍ୱାରୋପ କରିଛନ୍ତି। କେବଳ ଏତିକି ନୁହେଁ, ଟେଷ୍ଟିଂ, ଟିକାକରଣ, ହସ୍ପିଟାଲ ଭିତ୍ତିଭୂମିର ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ମଧ୍ୟ ମାଣ୍ଡବ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜେନୋମ୍ ସିକ୍ୱେନ୍ସିଂକୁ ତ୍ୱରାନ୍ୱିତ କରି ପଜିଟିଭ୍ ସାମ୍ପୁଲଗୁଡ଼ିକୁ କ୍ରମାନ୍ୱୟରେ ରଖିବା ଏବଂ କୋଭିଡ୍-ଉପଯୁକ୍ତ ବ୍ୟବହାର ଉପରେ ଜନସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମହାମାରୀ ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବାକୁ ସେ କହିଛନ୍ତି। ଏହି ଭର୍ଚୁଆଲ ବୈଠକରେ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀଙ୍କ ସମେତ ଉତ୍ତରାଖଣ୍ଡର ଧନ ସିଂ ରାୱତ୍, ଆସାମର କେଶବ ମହନ୍ତ, ଗୋଆର ବିଶ୍ୱଜିତ୍ ରାଣେ, ଝାଡ଼ଖଣ୍ଡର ବନ୍ନା ଗୁପ୍ତା, ମଧ୍ୟପ୍ରଦେଶର ପ୍ରଭୁରାମ ଚୌଧୁରୀ, ପଞ୍ଜାବର ବଲବୀର ସିଂ, ମଣିପୁରର ସପନ ରଞ୍ଜନ ସିଂ, ହରିୟାଣାର ଅନିଲ ଭିଜ୍, ତାମିଲନାଡୁର ଥିରୁ ମା ସୁବ୍ରମଣ୍ୟମ୍ ଏବଂ ତେଲଙ୍ଗାନାର ଥାନିରୁ ହରିଶ ରାଓ ପ୍ରମୁଖ ସ୍ୱାସ୍ଥ୍ୟମନ୍ତ୍ରୀମାନେ ସାମିଲ ହୋଇଥିଲେ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବର୍ତ୍ତମାନ ଭାରିଆଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ (ଭିଓଆଇ), ଏକ୍ସବିବି.୧.୫ ଏବଂ ଅନ୍ୟ ୬ଟି ଭାରିଆଣ୍ଟ (ବିକ୍ୟୁ.୧, ବିଏ.୨.୭୫, ସିଏଚ୍.୧.୧, ଏକ୍ସବିବି, ଏକ୍ସବିଏଫ୍ ଏବଂ ଏକ୍ସବିବି.୧.୧୬) ଉପରେ ଅନୁଧ୍ୟାନ କରୁଥିବା ବିଷୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଉକ୍ତ ବୈଠକରେ ଅବଗତ କରାଯାଇଛି। ଓମିକ୍ରନ୍ ଏବଂ ଏହାର ସବ୍‌ଲିନିଏଜ୍‌ଗୁଡ଼ିକ ସବୁଠୁ ଘାତକ ଭାରିଆଣ୍ଟ। ଏକ୍ସବିବି.୧.୧୬ ଫେବୃୟାରୀରେ ୨୧.୬% ଥିବାବେଳେ ମାର୍ଚ୍ଚରେ ଏହା ୩୫.୮%କୁ ବୃଦ୍ଧି ପାଇଛି। ବୈଠକରେ ଆହୁରି କୁହାଯାଇଛି ଯେ, ୨୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୧ ନିୟୁତ ଜନସଂଖ୍ୟାରେ ହାରାହାରି ଟେଷ୍ଟ ଜାତୀୟ ହାର ତୁଳନାରେ କମ୍ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

## କୁକୁଡ଼ା ଚୋରିରୁ ...

ଗତ ରବିବାର ଦିନ କେହି ଜଣେ ନେପାଳଙ୍କ କୁକୁଡା ଚୋରି କରି ନେଇଥିବା ଜଣାପଡିଥିଲା। ସେ ଏନେଇ ତାଙ୍କ ପିଉସୀ ପୁଅ ଭାଇ ଜଗବନ୍ଧୁଙ୍କ ପରିବାରକୁ ଦାୟୀ କରିଥିଲେ। ଏହାକୁ ନେଇ ଉଭୟ ପରିବାର ଭିତରେ କଳହର ସୂତ୍ରପାତ ହୋଇଥିଲା। ଘଟଣା ଦିନ ଜଗବନ୍ଧୁଙ୍କ ପରିବାର ଲୋକେ ନୂଆପଡା ଜିଲା ଲଖନାକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ତେଣୁ ସେମାନଙ୍କ ଭିତରୁ କେହି କୁକୁଡା ଚୋରି କରିନାହାନ୍ତି ବୋଲି କହିଥିଲେ। ମାତ୍ର ବିବାଦ ଥମି ନ ଥିଲା। ଗୁରୁବାର ସନ୍ଧ୍ୟାରେ ଏହି ଘଟଣା ନେଇ ଜଗବନ୍ଧୁ ଓ ତାଙ୍କ ପରିବାର ଲୋକେ ବଙ୍ଗୋମୁଣ୍ଡା ଥାନାକୁ ଯାଇଥିଲେ। ତେବେ ସେଠାରେ ସେମାନଙ୍କ ଅଭିଯୋଗ ରଖାଯାଇ ନ ଥିଲା। ପୋଲିସ ଥାନାରୁ ଚାଲିଯିବାକୁ କହିବାରୁ ସେମାନେ ଘରକୁ ଫେରିଥିଲେ ବୋଲି ଜଗବନ୍ଧୁ କହିଛନ୍ତି। ଶୁକ୍ରବାର ଅପରାହ୍ଣରେ ପୁଣି ଥରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ଏହି ସମୟରେ ନେପାଳ ଏକ ଏସିଡ୍ ବୋତଲ ଆଣି ଏହାକୁ ପ୍ରତିପକ୍ଷ ଗୋଷ୍ଠୀଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ଏସିଡ୍ ଜଗବନ୍ଧୁ , ତାଙ୍କ ଭାଇ ସୁବାସ , ମା' ସଞ୍ଜୁ ସାହୁ ଓ ଶଳା ଖଗ ସାହୁଙ୍କ ଦେହରେ ପଡିଥିଲା। ଏସିଡ୍ ବୋତଲ ସୁବାସଙ୍କ ଆଖିରେ ପଡି ଯାଇଥିଲା। ଏସିଡ୍ ମାରିବା ପରେ ବି ଏକ ଠେଙ୍ଗାରେ ନେପାଳ ଓ ତାଙ୍କ ବାପା ଜଗବନ୍ଧୁଙ୍କୁ ଠେଙ୍ଗାରେ ମାଡ ମାରିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ସମସ୍ତ ଆହତ ବ୍ୟକ୍ତିଙ୍କୁ ଦୁଇଟି ୧୦୮ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୋଲିସର ଅବହେଳା କାରଣରୁ ଏଭଳି ଘଟଣା ଘଟିଲା ବୋଲି ପୀଡିତ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ପ୍ରତିପକ୍ଷ ଗୋଷ୍ଠୀର ନେପାଳ ସାହୁ ଏବଂ ତାଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମରାଣ୍ଡିଙ୍କୁ ପଚରା ଯିବାରେ ଦୁଇ ସମ୍ପର୍କୀୟ ପରିବାର ଭିତରେ ଗଣ୍ଡଗୋଳ ହୋଇଛି ଓ ଏହାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ଓଡ଼ିଶାରେ ୨୪ ଘଣ୍ଟାରେ ...

ଘଣ୍ଟାରେ ୩୪ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରାଜ୍ୟରେ ଦୈନିକ ସଂକ୍ରମଣ ଧିରେ ଧିରେ ବୃଦ୍ଧି ପାଉଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟକ୍ତିଙ୍କର ଏଥିରେ ମୃତ୍ୟୁ ହୋଇନାହିଁ। ତେଣୁ ଏହାକୁ ନେଇ ଭୟଭୀତ ନ ହେବା ସହ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** କୌଣସି କଥାକୁ ଠିକ୍ ଭାବରେ ନ ବୁଝି ଅଯଥା ବିରକ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବହନରେ ଝଗଡ଼ାର ଆଶଙ୍କା କିନ୍ତୁ ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟକରିବା ପାଇଁ ମନ ବଳିବ।

**ବୃଷ:** ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ କେହିଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ଅନୁପସ୍ଥିତିରେ ଅଶାନ୍ତିବୋଧ କରିପାରନ୍ତି।

**ମିଥୁନ:** ଆପଣ କୌଣସି ବନ୍ଧୁଙ୍କ ସହ ମତାନ୍ତର ହେତୁକ ଅଶାନ୍ତି ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ମଧ୍ୟ ସନ୍ଦେହ ଓ ବୁଝାମଣାର ଅଭାବ ମାନସିକ ଅଶାନ୍ତିର କାରଣ ହେବ। ଆଜି ଖର୍ଚ୍ଚାନ୍ତ ହେବେ ସିନା, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇବାକୁ ପଡିପାରେ।

**କର୍କଟ:** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ଘଟିବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେ ନାହିଁ।

**ସିଂହ:** କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ଦ୍ୱାରା ମାନସିକ ଚାପ ବୃଦ୍ଧି ପାଇବ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସମସ୍ୟା ସମାଧାନ କରିବାକୁ ଯାଇ ଶୃଙ୍ଖଳାକୁ ପ୍ରାଧାନ୍ୟ ଦେବେ।

**କନ୍ୟା:** ଟେନ୍ସନ ଲାଗିରହିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦୀୟ ହୋଇପଡିବେ। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଦୀର୍ଘଦିନରୁ ସନ୍ଧାନ ପାଉ ନ ଥିବା ତଥା ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି।

**ତୁଳା:** ସବୁ ଥାଇ ମଧ୍ୟ ହାତ ଖାଲି ରହିବା କାରଣରୁ ଅଭାବବୋଧ ଲାଗିରହିବ। ଫେରନ୍ତା ବାଟରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ସହକର୍ମୀଙ୍କ କୃତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ବିଛା:** ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମନରେ ଭାବାନ୍ତର ସୃଷ୍ଟିହେବ। ଅବଶ୍ୟ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ବନ୍ଧୁଙ୍କୁ ଘରକଥା କହି ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଭୂମି, ନିର୍ମାଣାଧୀନ କାର୍ଯ୍ୟ, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ମନକୁ ଆସିବ।

**ଧନୁ:** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ପଡ଼ୋଶୀଙ୍କ ସାହାଯ୍ୟ ହେତୁ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର:** ସାଙ୍ଗସାଥୀ, ପଡ଼ୋଶୀ ତଥା ସମ୍ପର୍କୀୟଙ୍କ ସହ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ମନ ଦେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। କୌଣସି ମୂଲ୍ୟବାନ୍ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ଭାରସାମ୍ୟ ହରାଇବେ।

**କୁମ୍ଭ:** ଆଲୋଚନା ପରିସରରେ ସତ୍ୟ ପ୍ରକାଶ କରି ବନ୍ଧୁମାନଙ୍କ ବିରାଗ ଭାଜନ ହେବେ। ଯାତ୍ରା ସମୟରେ ଅନ୍ୟମନସ୍କ କାରଣରୁ ହାତ, ପାଦରେ ଆଘାତ ଲାଗିବାର ଆଶଙ୍କା ରହିଛି। ସହକର୍ମୀ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି କେତେକ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିବ।

**ମୀନ:** ବିଭିନ୍ନ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ସମ୍ପର୍କୀୟ ବ୍ୟକ୍ତିଙ୍କ ବିରୁଦ୍ଧାଚରଣ କେତେକ ନୂତନ ସମସ୍ୟାକୁ ଜନ୍ମ ଦେଇପାରେ। କେତେକ କ୍ଷେତ୍ରରେ ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟ, ଆଲୋଚନା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

ଆଜି ବୈଶାଖ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶନିବାର, ଶ୍ରୀମନ୍ଦିରରେ ରାବଣବଧ ପ୍ରସ୍ତାବ, ବିଶ୍ୱ ପରମ୍ପରା ଦିବସ, ଏପ୍ରିଲ ୮ ତାରିଖ, ଇଷ୍ଟର ଶନିବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଦିବା ଘ.୦୧।୫୭ ଗତେ ବିଶାଖା ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୩ ଗତେ ଘ.୧୦।୧୬ ମଧ୍ୟେ ରାହୁ କାଳ।



ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଜ୍‌ଙ୍କ ଜିଭ କାଟି ଦେବାକୁ ଧମକ ଦେଇଛନ୍ତି ତାମିଲନାଡୁ କଂଗ୍ରେସ ନେତା ମଣିକନ୍ଦନ। ମଣିକନ୍ଦନଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ମାର୍ଚ୍ଚ ୨୩ ତାରିଖରେ କଂଗ୍ରେସର ଏସ୍‌ସି/ଏସ୍‌ଟି ୱିଙ୍ଗ୍ ପକ୍ଷରୁ ତାମିଲନାଡୁର ଦିଣ୍ଡିଗୁଲରେ ବିକ୍ଷୋଭବେଳେ ମଣିକନ୍ଦନ କହିଥିଲେ, ଦଳ କ୍ଷମତାକୁ ଆସିଲେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ଜଜ୍‌ଙ୍କ ଜିଭ ଆମେ କାଟିଦେବୁ।

# ମୁଣ୍ଡ ଟେକିଲା ମହାମାରୀ

ନୂଆଦିଲ୍ଲୀ,୭।୪

ଉତ୍ତର ପ୍ରଦେଶର ଗଙ୍ଗାନଦୀ ବାଲିରେ କୁଢ଼ କୁଢ଼ ମୃତଦେହ, ଦିଲ୍ଲୀ ଶ୍ମଶାନରେ ଲିଭୁ ନ ଥିବା ଚିତା, ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ସମେତ ଡାକ୍ତରୀ ଉପକରଣର ଅଭାବ ଯୋଗୁ ରାସ୍ତାକଡ଼ ଆମ୍ବୁଲାନ୍ସରେ ଚିକିତ୍ସା ନାମରେ ହୀନସ୍ତା। ୨୦୨୧ ମେ'ର ମହାମାରୀଜନିତ ଏହି ହୃଦୟବିଦାରକ ଦୃଶ୍ୟ ସବୁ ଭାରତୀୟ ଜନମାନସରୁ ଲିଭିନାହିଁ। ଦେଶରେ ପୁଣିଥରେ ମୁଣ୍ଡ ଟେକିଲାଣି ଅଦୃଶ୍ୟ ଭୂତାଣୁ କୋଭିଡ୍-୧୯, ଯାହାକୁ ନେଇ ଚିନ୍ତାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୬,୦୫୦ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। ଆକ୍ରାନ୍ତଙ୍କ ଏହି ସଂଖ୍ୟା ଗତ ୨୦୩ ଦିନ ମଧ୍ୟରେ ସର୍ବାଧିକ। ସକ୍ରିୟ ମାମଲା ୨୮,୩୦୩ରେ



ପହଞ୍ଚିଥିବାବେଳେ ଦୈନିକ ମୃତ୍ୟୁସଂଖ୍ୟା ବି ୧୪କୁ ବୃଦ୍ଧି ପାଇଛି। ଏଥିସହ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୫,୩୦,୯୪୩ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ଗତବର୍ଷ ସେପ୍ଟେମ୍ବର ୧୬ରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୬,୨୯୮ ରେକର୍ଡ କରାଯାଇଥିଲା। ସେବେଠୁ ଅଦ୍ୟାବଧି ଏତେ ସଂଖ୍ୟକ ବ୍ୟକ୍ତି ଗୋଟିଏ ଦିନରେ କୋଭିଡ୍-୧୯ ଭାଇରସ୍‌ରେ ଆକ୍ରାନ୍ତ ହୋଇ ନ ଥିଲେ। କେରଳ, ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତାମିଲନାଡୁ ଓ ହରିୟାଣାରେ ମହାମାରୀ ମାଡ଼ିଚାଲିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍ ଅନୁସାରେ ଦିନକରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ମହାରାଷ୍ଟ୍ରର ୩, କର୍ଣ୍ଣାଟକ ଓ ରାଜସ୍ଥାନର ୨ ଜଣ ଲେଖାଏ, ଦିଲ୍ଲୀ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ପଞ୍ଜାବ ଓ କେରଳର ଜଣେ ଲେଖାଏ ରହିଛନ୍ତି। ସେହିପରି ଦୈନିକ ପଜିଟିଭିଟି ହାର ୩.୩୯% ଥିବାବେଳେ ଏହାର ସାପ୍ତାହିକ ହାର ୩.୦୨% ରହିଛି। ଦେଶରେ ମୋଟ କୋଭିଡ୍ ମାମଲା ସଂଖ୍ୟା ୪,୪୭,୪୫,୧୦୪ ରହିଛି। ମୋଟ ସଂକ୍ରମିତଙ୍କମଧ୍ୟରୁ୦.୦୬% ସକ୍ରିୟମାମଲା ରହିଥିବାବେଳେ ଜାତୀୟ ଆରୋଗ୍ୟ ହାର ୯୮.୭୫% ଥିବା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି।

## ପଣ୍ଡିଚେରୀରେ ମାସ୍କ ବାଧ୍ୟ

ପଣ୍ଡିଚେରୀରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ପକ୍ଷରୁ ଶୁକ୍ରବାରଠାରୁ ସର୍ବସାଧାରଣ ସ୍ଥାନ, ସମୁଦ୍ରକୂଳ ରାସ୍ତା, ପାର୍କ ଓ ଥିଏଟରଗୁଡ଼ିକରେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। କୋଭିଡ୍-ଉପଯୁକ୍ତ ବ୍ୟବହାରର ଅନୁପାଳନ, ସୋସିଆଲ ଡିଷ୍ଟାନ୍ସିଂ ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କେନ୍ଦ୍ରକୁ ଟିକା ମାଗିଲେ ନୀତୀଶ

ବିହାରରେ କିଛିଦିନ ହେଲା ସଂକ୍ରମଣ ବଢୁଛି। ଗୁରୁବାର ୧୭ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣ ହେଉଛନ୍ତି ରାଜଧାନୀ ପାଟନା ବାସିନ୍ଦା। ଏଥିପାଇଁ ରାଜ୍ୟ ପ୍ରଶାସନକୁ ଆଲର୍ଟ କରାଯାଇଛି। ଅଧିକ କୋଭିଡ୍ ଟିକା ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଉହାନ୍ ନମୁନାରେ ଥିଲା ପ୍ରାଣୀଙ୍କ ଡିଏନ୍‌ଏ

### ରିପୋର୍ଟ ଜାରିକଲା ଚାଇନା

ବେଜିଂ,୭।୪

ଚାଇନାର ଏକ ଗବେଷକ ଦଳ ୨୦୨୦ରେ ଉହାନ୍ ସି ଫୁଡ୍ ହୋଲ୍‌ସେଲ୍ ମାର୍କେଟରୁ ସଂଗୃହୀତ ନମୁନାଗୁଡ଼ିକର ବିଶ୍ଳେଷଣ କରି ତଥ୍ୟ ଜାରି କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ସାମ୍ପୁଲଗୁଡ଼ିକ ହେଉଛି ସେହି ସମୟର ଯେତେବେଳେ କି କୋଭିଡ୍-୧୯ ବ୍ୟାପିବାରେ ଲାଗିଥିଲା। ମହାମାରୀ କିପରି ଆରମ୍ଭ ହୋଇଥିଲା ସେହି ରହସ୍ୟ ଉପରୁ ଏହି ବିଶ୍ଳେଷଣରେ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇ ନାହିଁ। ତେବେ ଏଥିରେ ଥିବା ବିବରଣୀ କୋଭିଡ୍ ଉତ୍ପତ୍ତି ସମ୍ପର୍କରେ ଅନୁସନ୍ଧାନ ଲାଗି ଖୋରାକ୍ ଯୋଗାଇପାରେ ବୋଲି କୁହାଯାଉଛି। ୨୦୨୦ ଜାନୁୟାରୀ ୧ରେ ଉହାନ୍ ୱେଟ୍ ମାର୍କେଟ ବନ୍ଦ ହେବା ପରେ ସେଠାରୁ ୯୨୩ ନମୁନା ନିଆଯାଇଥିଲା। ଜାନୁୟାରୀ ୧୮ରୁ ୧୮ ପ୍ରଜାତୀର ପ୍ରାଣୀଙ୍କ ୪୫୭ ସାମ୍ପୁଲ ସଂଗ୍ରହ କରାଯାଇଥିଲା। ଏସ୍‌ଏଆର୍‌ଏସ୍-ସିଓଭି-୨ ପଜିଟିଭ୍ ଚିହ୍ନଟ ହୋଇଥିବା ନମୁନାଗୁଡ଼ିକରେ ପ୍ରାଣୀଙ୍କ ଡିଏନ୍‌ଏ ରହିଥିଲା। ଏହା ଜୈବିକ ପ୍ରମାଣ ସମ୍ପର୍କିତ ପ୍ରଥମ ପ୍ରାକ୍-



ସମୀକ୍ଷା। ବୋଲି 'ନେଚର' ମାଗାଜିନ୍‌ର ଏପ୍ରିଲ ୫ ସଂସ୍କରଣରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବେଜିଂ ସ୍ଥିତ ଚାଇନାଜ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ୍‌ର ୱିଲିୟମ୍ ଜେ ଲିଉ, ପେଇପେଇ ଲିଉ, ୱେନ୍‌ୱେନ୍ ଲେଇ, ଝିୟୁଆନ୍ ଜିଆ ଏବଂ ଶିଆଓ୍ୱୈ ହେ ଏହି ଗବେଷଣାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ରାଜନୀତି ଛାଡ଼ିଲେ ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ




ୱେଲିଂଟନ, ୭।୪

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ରାଜନୀତିରୁ ବିଦାୟ ନେଇଛନ୍ତି। ଦେଶର ସଙ୍କଟ ସମୟରେ ଜେସିଣ୍ଡା ନେତୃତ୍ୱ ନେଇଥିଲେ। ତାଙ୍କର ୫ ବର୍ଷର ନେତୃତ୍ୱ ଜଣେ ସଙ୍କଟ ପରିଚାଳକ ଭାବେ ସ୍ମରଣୀୟ ହୋଇ ରହିବ। ରାଜନୀତି ଆଗରେ ମୁଣ୍ଡ ନୁଆଁଇ ନେତୃତ୍ୱ ପାଇଁ ମହିଳାମାନେ ମାତୃତ୍ୱ ଆଭିମୁଖ୍ୟକୁ ଜଳାଞ୍ଜଳି ନ ଦେବାକୁ ୪୨ ବର୍ଷୀୟା ଜେସିଣ୍ଡା ପରାମର୍ଶ ଦେଇଛନ୍ତି। ରାଜନୀତିରେ ଥାଇ ସେ ଶ୍ରେଷ୍ଠ ମାଆ ହୋଇପାରିଥିଲେ ବୋଲି ବୁଧବାର ପାର୍ଲାମେଣ୍ଟରେ ବିଦାୟକାଳୀନ ଭାଷଣ ଦେଇ କହିଥିଲେ। ସହାନୁଭୂତି ଓ ଦୃଢ଼ ନେତୃତ୍ୱ ପାଇଁ ଜେସିଣ୍ଡା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। ଗତ ଜୁନ୍‌ରେ ସେ ଇସ୍ତଫା ଦେଇ ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲେ। ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ନିର୍ବାଚନରେ ତାଙ୍କ ଲେବର ପାର୍ଟି ଆଗରେ ରହିବ ବୋଲି ଜନମତ ସର୍ଭେରେ ପ୍ରକାଶ ପାଇଛି।

## ସୁଧା ମୂର୍ତ୍ତି ପଦ୍ମ ଭୂଷଣ ଗ୍ରହଣ କରିଥିବାରୁ ଗର୍ବିତ: ଋଷି ସୁନକ


ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍

ଲଣ୍ଡନ, ୭।୪

ଲେଖିକା ତଥା ପରୋପକାରୀ ସୁଧା ମୂର୍ତ୍ତିଙ୍କୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରିଥିବାରୁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଏବଂ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି ଗର୍ବ ଅନୁଭବ କରୁଥିବା କହିଛନ୍ତି। ପୁରସ୍କାର ପ୍ରଦାନ ଉତ୍ସବରେ ବ୍ରିଟେନ୍‌ର ଫାଷ୍ଟ ଲେଡି ଅକ୍ଷତା ଉପସ୍ଥିତ ଥିଲେ। ପରେ ସେ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ମାଆ ସୁଧା ମୂର୍ତ୍ତି ଏବଂ ବାପା ତଥା ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପ୍ରତି ଭାବାବେଗ ଜଣାଇଥିଲେ। ଏହାର ଜବାବରେ ତାଙ୍କ ସ୍ୱାମୀ ତଥା ବ୍ରିଟେନର ପ୍ରଥମ ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଏହା ଏକ ଗର୍ବର ଦିନ ବୋଲି ଲେଖିଛନ୍ତି।

## 'ସପ୍ତ ମୋକ୍ଷ ପୁରୀ' ମଧ୍ୟରେ ଓଡ଼ିଶାର ପୁରୀ

ନୂଆଦିଲ୍ଲୀ, ୭।୪

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପ୍ରଚାର ପ୍ରସାର କରାଯାଉଥିବା ଦେଶର ୭ ମୋକ୍ଷ କ୍ଷେତ୍ର (ସପ୍ତ ମୋକ୍ଷ ପୁରୀ) ମଧ୍ୟରେ ଓଡ଼ିଶାର ପୁରୀ ସ୍ଥାନ ପାଇଛି। ଅନ୍ୟ କ୍ଷେତ୍ରଗୁଡ଼ିକ ହେଲା ଅଯୋଧ୍ୟା, ମଥୁରା, ହରିଦ୍ୱାର, ବାରାଣସୀ, ଉଜ୍ଜୟିନୀ ଏବଂ ଦ୍ୱାରକା। ପର୍ଯ୍ୟଟନ ଓ ତୀର୍ଥଯାତ୍ରାକୁ ପ୍ରୋତ୍ସାହିତ କରିବାରେ ଏହା ସହାୟକ ହେବ। ସପ୍ତ ମୋକ୍ଷ ପୁରୀର ପ୍ରଚାର ପ୍ରସାର କେବଳ ଦେଶ ଭିତରେ ନୁହେଁ ବିଦେଶ ବଜାରରେ ମଧ୍ୟ ଇଲେକ୍ଟ୍ରୋନିକ, ଛାପା ଓ ଡିଜିଟାଲ ଗଣମାଧ୍ୟମରେ କରାଯାଉଥିବା ମନ୍ତ୍ରଣାଳୟ କହିଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ୱେବ୍‌ସାଇଟ ଏବଂ ସୋସିଆଲ ମିଡିଆ ହ୍ୟାଣ୍ଡଲ ଜରିଆରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ଓ ଉତ୍ପାଦଗୁଡ଼ିକର ପ୍ରଚାର ପ୍ରସାର ହେଉଛି। ଚିହ୍ନଟ ତୀର୍ଥସ୍ଥଳ ଓ ଐତିହ୍ୟ ସ୍ଥାନଗୁଡ଼ିକର ସମନ୍ୱିତ ବିକାଶ ଲକ୍ଷ୍ୟରେ କେନ୍ଦ୍ର ସରକାର ପର୍ଯ୍ୟଟନ କାୟାକଳ୍ପ ଏବଂ ଆଧ୍ୟାତ୍ମିକ, ଐତିହ୍ୟ ବୃଦ୍ଧି ଅଭିଯାନ ଜାତୀୟ ମିଶନ (ପ୍ରସାଦ) ଯୋଜନାରେ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ସେହିପରି ସ୍ୱଦେଶ ଦର୍ଶନ ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଯୋଗାଇଦେଉଛି। ଯୋଜନା ଗାଇଡ୍‌ଲାଇନ ଅନୁଯାୟୀ ପୂର୍ବ ଅନୁଦାନର ବିନିଯୋଗ ପତ୍ର ଏବଂ ଉପଯୁକ୍ତ ପ୍ରୋଜେକ୍ଟ ରିପୋର୍ଟ ଦାଖଲ କରିବା ପରେ ପାଣ୍ଠି ମଞ୍ଜୁର ହୋଇଥାଏ ବୋଲି ମନ୍ତ୍ରଣାଳୟ କହିଛି।




ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଲାଟେରାଲ ଏଣ୍ଟ୍ରିର ସ୍ଥିତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ୨୦୧୮ରେ ମୋଦି ସରକାର ବହୁ ପ୍ରତୀକ୍ଷିତ ପ୍ରୋଗ୍ରାମ ଲାଟେରାଲ ଏଣ୍ଟ୍ରି (ବାହାର କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ସରକାରରେ ପ୍ରବେଶ କରାଇବା) ଆରମ୍ଭ କରିଥିଲେ। ସରକାରୀ ବ୍ୟବସ୍ଥାଗୁଡ଼ିକରେ ନୂଆ ଦୃଷ୍ଟିକୋଣ, ବିଶେଷଜ୍ଞତା ଓ ଦକ୍ଷତା ଆଣିବା ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହା ଏବେ ଚମକ ହରାଇବା ଲକ୍ଷ୍ୟ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଫାଇନାନ୍ସିଆଲ ସର୍ଭିସ ବିଭାଗର ଯୁଗ୍ମ ସଚିବ ସୌରଭ ମିଶ୍ର ଥିଲେ ପ୍ରଥମ ପର୍ଯ୍ୟାୟ ଲାଟେରାଲ ଏଣ୍ଟ୍ରିର ୬ଜଣଙ୍କ ମଧ୍ୟରୁ ଜଣେ। ଗତ ବର୍ଷ ଅଗଷ୍ଟରେ ତାଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରାଯାଇଥିଲେ ବି ସେ ଏବେ ପଦ ଛାଡୁଥିବା କୁହାଯାଉଛି। ସେ ପଦ ଛାଡ଼ିବା ପରେ ଲାଟେରାଲ ଏଣ୍ଟ୍ରିର ଆଉ ମାତ୍ର ୫ ଜଣ ଅଛନ୍ତି। ସେମାନେ ହେଉଛନ୍ତି ରାଜୀବ ସକ୍‌ସେନା (ଡିଇଏ), ଡି.ଡି.ଜଗଦଲେ (ଏମ୍‌ଏନ୍‌ଆର୍‌ଇ) ସୁଜିତ କୁମାର ବାଜପେୟୀ (ଏମ୍‌ଓଇଏଫ୍‌), ସୁମନ ପ୍ରସାଦ ସିଂ (ସଡ଼କ ପରିବହନ) ଏବଂ ଭୂଷଣ କୁମାର (ଶିପିଂ)। କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି ଯେ, କର୍ପୋରେଟ ଜଗତର ପ୍ରଲୋଭନ ପାଇଁ ମିଶ୍ର ପଦବୀ ଛାଡିଛନ୍ତି। କିନ୍ତୁ ଆଉ କେତେକେ ଭାବୁଛନ୍ତି, ମିଶ୍ର ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ୍ ଡେଭଲପ୍‌ମେଣ୍ଟ ଅଫ୍ ଇଣ୍ଡିଆ (ଆଇଆର୍‌ଡିଏଆଇ)ରେ ଆଜୀବନ ସଦସ୍ୟ ଭାବେ ଯୋଗଦେବେ। ଏହା ସ୍ପଷ୍ଟ ଯେ, ସରକାରରେ ଲାଟେରାଲ ଏଣ୍ଟ୍ରି କଠିନ ତଥା ବିପରୀତ ସ୍ଥିତିର ସମ୍ମୁଖୀନ ହେଉଛି। ଏବକାର ଅମଲାତନ୍ତ୍ରରୁ ଏହାକୁ ବିରୋଧ କରାଯାଉଛି। ଏହାର କାରଣ ହେଉଛି, ବହୁସମୟରେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତ ଅଧିକାରୀମାନଙ୍କ ଉପରେ ଏହା ବିଶ୍ୱାସ କରିପାରୁନାହିଁ କି ସେମାନଙ୍କୁ ଗ୍ରହଣ କରିପାରୁନାହିଁ। କେତେଜଣ ବାବୁ ବି ଲାଟେରାଲ ଏଣ୍ଟ୍ରିର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିଷ୍ପକ୍ଷତାର ଅଭାବକୁ ନେଇ ସମାଲୋଚନା କରିଛନ୍ତି। ଏବେ ମିଶ୍ରଙ୍କ ପଦତ୍ୟାଗ ପରେ ସରକାର ଏହିସବୁ ଆହ୍ୱାନ ଓ ବାଧାଗୁଡ଼ିକୁ ସମାଧାନ କରିବା ପାଇଁ ଅଧିକ ଚାପରେ ରହିବେ।

### ଯୋଗୀଙ୍କ ଆର୍ଥିକ ଦୃଷ୍ଟିକୋଣ

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ପାଇଁ ଏକ ନୂଆ ଛବି ଗଢ଼ିବାକୁ ଚେଷ୍ଟା କରିଆସୁଛନ୍ତି। ବିଶ୍ୱରୁ ନିବେଶକଙ୍କୁ ଆକର୍ଷିତ କରି ୟୁପିକୁ ଦେଶର ସବୁଠୁ ବୃହତ୍ ଅର୍ଥବ୍ୟବସ୍ଥା କରିବାକୁ ଚାହୁଁଛନ୍ତି। ସେଥିପାଇଁ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍ ଏବଂ ଜି୨୦ ଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମମାନ ରାଜ୍ୟ ପାଇଁ ଆକର୍ଷଣ କେନ୍ଦ୍ର ପାଲଟିଛି। ନିକଟରେ ଯୋଗୀ ଆଦିତ୍ୟନାଥଙ୍କ ଶିଳ୍ପ ପରାମର୍ଶଦାତା ଭାବେ ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅରବିନ୍ଦ କୁମାରଙ୍କ ନିଯୁକ୍ତି ଏହି ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଛି। ଭିତ୍ତିଭୂମି ଏବଂ ଶିଳ୍ପ ବିକାଶ କମିଶନର ଭାବେ କୁମାର ଅବସର ନେବାର ପାଖାପାଖି ଏକ ମାସ ପରେ ଏଭଳି ନିଯୁକ୍ତି କରାଯାଇଛି। ତାଙ୍କ ସର୍ଭିସର ଶେଷ ମାସରେ କୁମାର ଗ୍ଲୋବାଲ ଇନଭେଷ୍ଟର୍ସ ସମିଟ୍‌ର ନିରୀକ୍ଷଣ କରିଥିଲେ ଯାହାର ସଫଳତା ବିଶ୍ୱରେ ୟୁପିକୁ ଏକ ନୂଆ ପରିଚୟ ଦେଇଛି ବୋଲି ଯୋଗୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରାୟ ୧୦,୦୦୦ ନିବେଶକ ଏହି ସମିଟ୍‌ରେ ଯୋଗଦେଇଥିଲେ ଏବଂ ଶିଳ୍ପ କ୍ଷେତ୍ରରେ ୩୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କୁମାରଙ୍କୁ ଏହି ସଫଳତାର ନାୟକ ଭାବେ ଦେଖାଯାଉଛି ଏବଂ ଯୋଗୀ ମଧ୍ୟ କୁମାରଙ୍କ ସର୍ଭିସ୍ ଜାରି ରଖିବାକୁ ଚାହିଁଛନ୍ତି। କୌତୂହଳର ବିଷୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ କୁମାରଙ୍କ ନିଯୁକ୍ତି ପାଇଁ ଏକ ୧୧ ମାସିଆ ଅସ୍ଥାୟୀ ପଦବୀ ୨୯ ଫେବୃୟାରୀ ୨୦୨୪ ଯାଏ ସୃଷ୍ଟି କରାଯାଇଛି। ଯୋଗୀଙ୍କୁ ୟୁପିର ଆର୍ଥିକ ଦୃଷ୍ଟିକୋଣରେ ବିକାଶ କରିବାରେ କେତେଜଣ ବାବୁଙ୍କର ଆବଶ୍ୟକତା ଅଧିକ ଥିବାବେଳେ ଯଦି କୁମାର ଏକାକୀ ତାହା କରିପାରିବେ ତେବେ ଏହା ଏକ ବଡ଼ ସଫଳତା ହେବ।

### ଧାମିଙ୍କ ମୁଣ୍ଡବ୍ୟଥା

ମୋଦି ସରକାରରେ ଆଇଏଏସ୍ ଓ ଆଇପିଏସ୍ ଏବଂ ଅନ୍ୟ ସର୍ଭିସ ମଧ୍ୟରେ ବୃତ୍ତିଗତ ଲଢ଼େଇ ବାରମ୍ବାର ଘଟୁଥିବା ଦେଖାଯାଇଛି। ହେଲେ ଏଥିରେ ସବୁବେଳେ ଏକତରଫା ବିଚାର କରାଯାଇଛି। ବର୍ଷେ କି ଦୁଇ ବର୍ଷ ମଧ୍ୟରେ ବରିଷ୍ଠ ପଦବୀଗୁଡ଼ିକୁ ଅନ୍ୟ ଏଆଇଏସ୍ ସର୍ଭିସ୍ ଜବରଦଖଲ କରୁଥିବା ଆଇଏଏସ୍ ଅଧିକାରୀମାନେ ଲକ୍ଷ୍ୟ କରିଛନ୍ତି ଓ ଏହା ସେମାନଙ୍କୁ ଚିନ୍ତିତ କରିଛି। ଏଭଳି ଧାରା ଏବେ କେତେକ ରାଜ୍ୟରେ ବି ଦେଖାଯାଉଛି। ନିକଟରେ ଉତ୍ତରାଖଣ୍ଡ ସଚିବାଳୟରେ ସ୍ୱତନ୍ତ୍ର ସଚିବ ଭାବେ ଆଇପିଏସ୍ ଅଧିକାରୀ ରିଦ୍ଧିମ ଅଗ୍ରୱାଲଙ୍କ ନିଯୁକ୍ତିକୁ ସଚିବାଳୟ ସଂଘ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଛି। ଏକ ନୂଆ ସ୍ୱତନ୍ତ୍ର ସଚିବ ପଦବୀ ସୃଷ୍ଟି କରିବା ଅନାବଶ୍ୟକ ଓ ଏହି ପଦବୀର ଦାୟିତ୍ୱ ପାରମ୍ପରିକ ଭାବେ ଅତିରିକ୍ତ ସଚିବ ଓ ସଚିବ ପଦବୀ ଅଧୀନରେ ରହିବା ଉଚିତ ବୋଲି ସଂଘ କହିଛି। ସୂତ୍ରରୁ ଜଣାପଡ଼ିଛି ଯେ, ବ୍ୟଥିତ ବାବୁମାନେ ଏଥିପାଇଁ ଅତିରିକ୍ତ ମୁଖ୍ୟ ସଚିବ ରାଧା ରାତୁରିଙ୍କୁ ଦୋଷ ଦେଉଛନ୍ତି। ସ୍ୱତନ୍ତ୍ର ସଚିବ ଭାବେ ଅଗ୍ରୱାଲଙ୍କୁ ନିଯୁକ୍ତ କରି ସେ ଗୃହ ବିଭାଗରେ କ୍ଷମତା ବଢାଇ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ଉତ୍ତରଖଣ୍ଡ ସଚିବାଳୟ ସଂଘର ସଭାପତି ଦୀପକ ଜୋଷୀ ଏ ସଂକ୍ରାନ୍ତରେ ପୁଷ୍କର ସିଂ ଧାମିଙ୍କ ପାଖରେ ଅଭିଯୋଗ କରି ଅଗ୍ରୱାଲଙ୍କ ନିଯୁକ୍ତିକୁ ଦୃଢ ବିରୋଧ କରିଛନ୍ତି। ଏହି ଘଟଣା ଧାମିଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଣୁ ଧାମିଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ।

Email: dilipcherian@gmail.com

# ବ୍ୟାଙ୍କ ଋଣ ଫେରସ୍ତ ମିଳିବ ତ



କିଶୋର ଜେନା

ବ୍ୟାଙ୍କରୁ ନେଇଥିବା ୨୨ ହଜାର କୋଟି ଟଙ୍କାର ଋଣ ପରିଶୋଧ କଲେ ନାହିଁ ବିଗ୍‌ବଜାର, ବ୍ୟାଣ୍ଡ ଫ୍ୟାକ୍ଟ୍ରି, ପାଣ୍ଟାଲୁନ୍‌ର ମାଲିକ କିଶୋର ଭିୟାନୀ। ବ୍ୟାଙ୍କର ୧୨ ହଜାର କୋଟି ଟଙ୍କାର ଋଣ ଥିଲା, ତାହା ପରିଶୋଧ କରି ନ ପାରି ଭିଡିଓକନ ମାଲିକ ବେଣୁଗୋପାଳ ଧୂତ ଜେଲକୁ ଗଲେ। ବ୍ୟାଙ୍କର ଟଙ୍କା ପରିଶୋଧ କରି ନ ପାରି ନିଜକୁ କାର୍ଯ୍ୟତଃ ଦେବାଳିଆ ଘୋଷଣା କରିଥିଲେ ଫ୍ରାନ୍ସରୁ ଆସିଥିବା ଯୁଦ୍ଧବିମାନ ରାଫେଲ ଡିଲ୍‌ର ଅନ୍ୟତମ ଅଂଶୀଦାର ଅନିଲ ଅମ୍ବାନୀ। ବଡ଼ଭାଇ ମୁକେଶ ଯଦି ଶେଷ ମୁହୂର୍ତ୍ତରେ କେଇ ହଜାର କୋଟି ଟଙ୍କା ଅଦାଲତ ମାଧ୍ୟମରେ ଜମା କରି ନ ଥାନ୍ତେ, ତା' ହେଲେ ଆଜି ଅନିଲ ଅମ୍ବାନୀ ଜେଲରେ ରହିଥାଆନ୍ତେ। ବ୍ୟାଙ୍କର କେଇ ହଜାର କୋଟି ଟଙ୍କା ପରିଶୋଧ କରି ନ ପାରି ରୋଟମାକ୍ ପେନ୍‌ର ମାଲିକ ନିଜକୁ ଦେବାଳିଆ ଘୋଷଣା କରିଛନ୍ତି। ବିଜୟ ମାଲ୍ୟା, ମେହୁଲ ଚୋକ୍ସି, ନୀରବ ମୋଦି ତ ହଜାର ହଜାର କୋଟି ଟଙ୍କା ଠକି ଦେଶ ଛାଡ଼ି ପଳାଇ ବେଶ୍ ଅୟସରେ ବିଦେଶରେ ଦିନ କାଟୁଛନ୍ତି। ଆଉ କେନ୍ଦ୍ରର ମୋଦି ସରକାର ସେମାନଙ୍କୁ ଦେଶକୁ ଫେରାଇ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏ ପର୍ଯ୍ୟନ୍ତ ସକ୍ଷମ ହୋଇପାରି ନାହାନ୍ତି। ଏହି ଋଣ ଟଙ୍କା ଉଦ୍ଧାର ହେବା ଏବେ ସନ୍ଦେହରେ। ଏଗୁଡ଼ିକ ନମୁନା ମାତ୍ର। ଏହି ପ୍ରତ୍ୟେକ କର୍ପୋରେଟ୍ ଶିଳ୍ପପତିଙ୍କୁ ସାରା ଦେଶ ଚିହ୍ନିଛି। ଗଣମାଧ୍ୟମରେ ସେମାନଙ୍କ ସମ୍ପର୍କରେ ବ୍ୟାପକ ପ୍ରଚାର ହୋଇଛି। ଏମାନେ ପ୍ରତ୍ୟେକଙ୍କର ସିଧାସଳଖ ଯେ କୌଣସି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଞ୍ଚିବାର କ୍ଷମତା ରହିଛି। କିନ୍ତୁ ଏମାନେ ଆମର ଟଙ୍କା, ଯାହା ଆମେ ନିଶ୍ଚିନ୍ତରେ ବ୍ୟାଙ୍କରେ ଜମା ରଖୁ, ସେହି ଟଙ୍କାର ବଡ଼ ଅଂଶକୁ ବ୍ୟବସାୟ କରିବେ ବୋଲି ଋଣ ଆକାରରେ ବ୍ୟାଙ୍କରୁ ନେଇ ଶୁଝୁ ନାହାନ୍ତି। ବ୍ୟାଙ୍କ ମଧ୍ୟ କିଛି କରିପାରୁ ନାହିଁ। ଅନାଦାୟ ଅଣ ଉତ୍ପାଦକ ସମ୍ପତ୍ତି ବା ନନ୍‌ପରଫର୍ମିଂ ଆସେଟ୍ (ଏନ୍‌ପିଏ) ଦେଖାଇବା ଛଡ଼ା ଆଉ କିଛି କରୁ ନାହିଁ। ମୋଦିଙ୍କ ଶାସନ ଅମଳରେ ଗତ ୪ ବର୍ଷରେ ବ୍ୟାଙ୍କର ଜମାଫର୍ଦ୍ଦ ବା ବାଲାନ୍ସ ସିଟ୍‌କୁ ସଫା ରଖିବା ନାମରେ ସେହି କରଜ ୧୦ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାଡ଼ ଦେବାର ବ୍ୟବସ୍ଥା ହୋଇଛି।

ଆପଣ ଯେତେବେଳେ ଘର କରିବା ପାଇଁ ବ୍ୟାଙ୍କରୁ ଋଣ ନିଅନ୍ତି, ସେତେବେଳେ ଜମି ବା ଫ୍ଲାଟ୍‌କୁ ବନ୍ଧକ ରଖିବାକୁ ପଡ଼େ ବ୍ୟାଙ୍କ ପାଖରେ। ପୂରା ଟଙ୍କା ପରିଶୋଧ ହେଲେ ଯାଇ ସମ୍ପତ୍ତି ଫେରସ୍ତ ମିଳେ। ଗୋଟିଏ କିସ୍ତି ବା ଇଏମ୍‌ଆଇ ବାକି ରହିଗଲେ, ବ୍ୟାଙ୍କ ପକ୍ଷରୁ ତାଗିଦା ଆସେ। ସୁଧ ଉପରେ ଡଣ୍ଡ ବା ପେନାଲ୍‌ଟି ଦେବାକୁ ପଡ଼େ। ଠିକ୍ ସମାନ ଭାବରେ ଏହି ବ୍ୟବସାୟୀମାନେ ଯେତେବେଳେ ହଜାର ହଜାର କୋଟି ଟଙ୍କା ଧାର ନିଅନ୍ତି, କମ୍ପାନୀର ଶେୟାର ଚଳିତ ବଜାର ମୂଲ୍ୟରେ ବନ୍ଧକ ସ୍ୱରୂପ ଏକ ଅତିରିକ୍ତ ପାର୍ଶ୍ୱିକ ପ୍ରତିଭୂତି ବା କୋଲାଟେରାଲ ସିକ୍ୟୁରିଟି ହିସାବରେ ଜମା ରଖିବାକୁ ପଡ଼େ। ଯଦି କମ୍ପାନୀ ଟଙ୍କା ପରିଶୋଧ ନ କରିପାରେ, ତା'ହେଲେ ସେଗୁଡ଼ିକୁ ବ୍ୟାଙ୍କ ବିକ୍ରି କରି ବଜାରରୁ ଟଙ୍କା ଉଠାଇପାରେ। ଏହା ହିଁ ନିୟମ, ଠିକ୍ ଯେପରି ଆପଣ ଗୃହ ଋଣର କିସ୍ତି ଖିଲାପ କଲେ ବା ନ ଶୁଝିଲେ ଫ୍ଲାଟ୍ ବା ଘର ନିଲାମ କରି ବ୍ୟାଙ୍କ ଟଙ୍କା ଉଠାଇପାରେ।





ଆଦାନୀ ଗୋଷ୍ଠୀ ଜାଲିଆତି କରି ଗୋଟିଏ ଟଙ୍କା ବା ଦଶ ଟଙ୍କାର ଶେୟାରର ମୂଲ୍ୟକୁ ହଜାର ହଜାର ଟଙ୍କାକୁ ବଢ଼ାଇଥିଲା। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗୋଷ୍ଠୀର ପ୍ରତ୍ୟେକ କମ୍ପାନୀର ଶେୟାର ମୂଲ୍ୟ ଖସିଯାଇଛି ଏବଂ ଆଦାନୀଙ୍କ ସମ୍ପତ୍ତି ୧୯ ଲକ୍ଷ କୋଟି ଟଙ୍କାରୁ ୯ ଲକ୍ଷ କୋଟି ଟଙ୍କାକୁ କମିଯାଇଛି ଗତ ଏକ ମାସ ମଧ୍ୟରେ। ଏଥିରୁ ଆଦାନୀଙ୍କ ଜାଲିଆତି ପରିଷ୍କାର ଭାବେ ପ୍ରକାଶ ପାଇଛି। ଆଗାମୀ ଦିନରେ ତାଙ୍କ କମ୍ପାନୀଗୁଡ଼ିକର ଶେୟାରର ମୂଲ୍ୟ ଆହୁରି କମିଯିବ। ଶେୟାରର ମୂଲ୍ୟ କମିବାରୁ ଭାରତୀୟ ଜୀବନ ବୀମା ନିଗମ ଆଦାନୀଙ୍କ କମ୍ପାନୀରେ ବିନିଯୋଗ କରିଥିବା ମୋଟ ଟଙ୍କାରୁ ଏବେ ସୁଦ୍ଧା ୫୦ ହଜାର କୋଟି ଟଙ୍କାର କ୍ଷତି କରିଛି।

ଗୌତମ ଆଦାନୀ ତାଙ୍କର ବିଭିନ୍ନ କମ୍ପାନୀ ପାଇଁ ଯେଉଁ ବିପୁଳ ପରିମାଣର ଋଣ ନେଇଛନ୍ତି, ତାହାର ମୋଟ ପରିମାଣ ୨ ଲକ୍ଷ ୨୦ହଜାର କୋଟି ଟଙ୍କା। ଏହା ମଧ୍ୟରୁ ଆମ ଦେଶର ବିଭିନ୍ନ ବ୍ୟାଙ୍କରୁ ଋଣ ନେଇଛନ୍ତି ୬୨ ହଜାର କୋଟି ଟଙ୍କା। ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨୭ ହଜାର କୋଟି, ବ୍ୟାଙ୍କ ଅଫ୍ ବରୋଦାରୁ ୫,୩୮୦ କୋଟି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୭ହଜାର କୋଟି ଟଙ୍କା। ଅର୍ଥାତ୍ ଏହି ସମସ୍ତ ସରକାରୀ ବ୍ୟାଙ୍କରୁ ୪୦ ହଜାର କୋଟି ଟଙ୍କା ଋଣ ନେଇଛନ୍ତି। ଏହାଛଡ଼ା ଆଇସିଆଇସିଆଇ, ଆକ୍ସିସ୍ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏବଂ ଅନ୍ୟ ବ୍ୟାଙ୍କ ମଧ୍ୟ ଋଣ ଦେଇଛନ୍ତି।

କିନ୍ତୁ ସମସ୍ୟା ହେଉଛି ଭିନ୍ନ ଧରଣର। ଯେଉଁ ଆଦାନୀ ଏଣ୍ଟରପ୍ରାଇଜର୍ସର ଶେୟାର ମୂଲ୍ୟ ପ୍ରାୟ ୪ହଜାର ଟଙ୍କା ଦର୍ଶାଇ ବ୍ୟାଙ୍କରୁ ଋଣ ନେଇଛନ୍ତି, ତାହା ଆଜି ୧୪ ଶହ ଟଙ୍କା ହୋଇଯାଇଛି। ଯେଉଁ ଆଦାନୀ ଗ୍ୟାସ୍‌ର ଶେୟାର ମୂଲ୍ୟ ୩ହଜାର ଟଙ୍କା ଦର୍ଶାଇ ଋଣ ନେଇଛନ୍ତି, ତାହାର ମୂଲ୍ୟ ଆଜି ୭୫୦ ଟଙ୍କା। ସମାନ ଅବସ୍ଥା ଅନ୍ୟ ଶେୟାରଗୁଡ଼ିକର ମୂଲ୍ୟ କ୍ଷେତ୍ରରେ। ଅର୍ଥାତ୍ ମୂଲ୍ୟ ପ୍ରାୟ ୭୦ ପ୍ରତିଶତ କମିଯାଇଛି। ଅର୍ଥାତ୍ ଆଦାନୀଙ୍କ ବିଭିନ୍ନ କମ୍ପାନୀ ଯଦି ଫେଲ୍ ହୋଇଯାଆନ୍ତି, ଯାହାର ସମ୍ଭାବନା ପ୍ରାୟ ୮୦ପ୍ରତିଶତ, ତା'ହେଲେ ଶେୟାର ବନ୍ଧକ ରଖିଥିବା ବ୍ୟାଙ୍କଗୁଡ଼ିକ ଶେୟାର ବିକ୍ରି କଲେ ମଧ୍ୟ ଋଣ ଟଙ୍କା ଉଠିବ ନାହିଁ, ଏହା ସ୍ପଷ୍ଟ। ଇତିମଧ୍ୟରେ ବିଦେଶୀ ବିନିଯୋଗକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି ଯେ, ଆଦାନୀ ଗୋଷ୍ଠୀ ଶେୟାର ମୂଲ୍ୟରେ ଜାଲିଆତି ଓ ହେରାଫେରି କରିଥିବାରୁ ସେମାନଙ୍କ ଟଙ୍କା ଆଉ ଫେରସ୍ତ ମିଳିବ ନାହିଁ। ଏଣୁ ସେମାନେ ଟଙ୍କା ଫେରସ୍ତ ଚାହୁଁଛନ୍ତି। ଏଥିପାଇଁ ଚାପ ପ୍ରଦାନ କରୁଛନ୍ତି ଗୌତମ ଆଦାନୀଙ୍କ ଉପରେ। ନୂଆକରି ବିଦେଶରୁ ଟଙ୍କା ଉଠାଇ ପାରୁନାହାନ୍ତି ଆଦାନୀ। ଏକମାତ୍ର ଭରସା ଭାଇ ବିନୋଦ ଆଦାନୀଙ୍କ କଳାଟଙ୍କା ନିର୍ଭର ଅସ୍ତିତ୍ୱହୀନ (ସେଲ୍) କମ୍ପାନୀଗୁଡ଼ିକ ଉପରେ। ଯାହା ମରିସସ୍, ବ୍ରିଟିଶ ଭର୍ଜିନ ଆଇଲାଣ୍ଡ ବା କାରିବିୟାନ ଦେଶରେ ଚାଲିଛି ବା ଦୁବାଇର ଶେଖ୍‌ମାନଙ୍କ କଳା ଟଙ୍କା।

କିନ୍ତୁ ପ୍ରଶ୍ନ ହେଉଛି ଆମେ ସାଧାରଣ ଜନତା ଗୋଟିଏ ମାସିକ କିସ୍ତି ବା ଇଏମ୍‌ଆଇ ନ ଦେଇ ପାରିଲେ ବ୍ୟାଙ୍କ ପ୍ରାୟ ବେକରେ ଦଉଡ଼ି ଲଗାଇ ଟଙ୍କା ଆଦାୟ କରେ ଆଉ ଆଦାନୀଙ୍କ କ୍ଷେତ୍ରରେ ବ୍ୟାଙ୍କ ଅଫ୍ ବରୋଦାର ସିଏମ୍‌ଡି ସଞ୍ଜୀବ ଚଡ୍ଢାଙ୍କ ପରି କହିବେ, ଆବଶ୍ୟକ ହେଲେ ଆଦାନୀଙ୍କୁ ଆହୁରି ଟଙ୍କା ଧାର ଦେବୁ। ଏହିଭଳି ଦୋମୁହାଁ ନୀତି କେତେଦିନ ଧରି ଚାଲିବ! ଏହା ଦେଶ ପାଇଁ ଆଦୌ ମଙ୍ଗଳକର ନୁହେଁ।

ତୁରନ୍ତ ବ୍ୟାଙ୍କଗୁଡ଼ିକ ଯେଉଁଗୁଡ଼ିକ ଆଦାନୀଙ୍କ ଶେୟାର ରଖି ଋଣ ଦେଇଛନ୍ତି, ତାହାର ବଜାର ମୂଲ୍ୟ ଆଜି କେଉଁଠି ପହଞ୍ଚିଛି। ଦେଖନ୍ତୁ ଆଦାନୀ କ'ଣ ଏବେକାର ବଜାର ମୂଲ୍ୟଠାରୁ ଅଧିକ ଶେୟାର ବ୍ୟାଙ୍କରେ ବନ୍ଧା ଦେଇଛନ୍ତି। ସରକାର, ଅର୍ଥ ମନ୍ତ୍ରଣାଳୟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ପରିଷ୍କାର କରି ଜଣାଇ ଦେବା ଉଚିତ ଯେ ଆଦାନୀ ଗ୍ରୁପ୍‌ର ଯେଉଁ ଶେୟାର ବନ୍ଧକ ରହିଛି, ତାହାର ମୂଲ୍ୟ ହ୍ରାସ ହେଲେ ମଧ୍ୟ ଋଣ ପରିମାଣରୁ ଅଧିକ ଟଙ୍କା ଋଣ ଶୁଝାଯାଇ ପାରିବ। ଆମର ଛାତିର ଚଉଡ଼ା କମ୍। ଆମେ ସାଧାରଣ ଜନତା। ଆମେ ବ୍ୟାଙ୍କ ଉପରେ ଭରସା କରି ଆମର ଅର୍ଜିତ ଜମାକୁ ସଞ୍ଚିତ ରଖିଛୁ ବ୍ୟାଙ୍କରେ। ସେହି ଟଙ୍କା କେଉଁଠି ଓ କିଭଳି ଭାବେ ଖଟାଯାଉଛି, ତାହା ଜାଣିବାର ଅଧିକାର ଆମର ରହିଛି। କାରଣ ବ୍ୟାଙ୍କ ବୁଡ଼ିଗଲେ ଯେତେ ଟଙ୍କା ନିଜର ଗଚ୍ଛିତ ଥାଉ ପଛେ ମାତ୍ର ୫ଲକ୍ଷ ଟଙ୍କା ଫେରସ୍ତ ମିଳିବ। ଜନଗଣଙ୍କ ଟଙ୍କା ଜନତାର ବିକାଶ ପାଇଁ କର୍ପୋରେଟ୍ ଲୁଟ ଲାଗି ନୁହେଁ। ଏଥିପ୍ରତି ସରକାର ଦୃଷ୍ଟି ଦେବା ବିଧେୟ।

**ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର,**
**ଚାଉଳିଆଗଞ୍ଜ, କଟକ**
**ମୋ–୯୪୩୭୩୮୪୮୬୭**

# ପ୍ରଶଂସାର ଓଜନ



ଡ.ସତ୍ୟନାରାୟଣ ମିଶ୍ର

ପ୍ରଶଂସା ଓ ନିନ୍ଦା ପ୍ରତ୍ୟେକ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କର୍ମର ପ୍ରତିଫଳନ। ମଣିଷର କର୍ମକୁ ନେଇ ପ୍ରଶଂସା ଓ ନିନ୍ଦାର ସୃଷ୍ଟି। ମଣିଷ ମହତ୍ କର୍ମ କଲେ ପ୍ରଶଂସା ପାଇଥାଏ ଓ ଖରାପ କାର୍ଯ୍ୟ କଲେ ନିନ୍ଦିତ ହୋଇଥାଏ। ତେବେ ନିନ୍ଦାକୁ ସହ୍ୟ କରିବା ଯେତେବେଳେ କଷ୍ଟ ହୋଇଥାଏ, ପ୍ରଶଂସାକୁ ଗ୍ରହଣ କରିବା ଆନନ୍ଦଦାୟକ ହୋଇଥାଏ। ଅତଏବ ନିନ୍ଦାରେ ନିନ୍ଦିତ ହେଉଥିବା ବ୍ୟକ୍ତି ସହିତ ପ୍ରାୟ କେହି ଭାଗୀଦାରି ହେଉ ନ ଥିବା ବେଳେ ପ୍ରଶଂସାରେ ପ୍ରଶଂସିତ ବ୍ୟକ୍ତି ସହିତ ଅନେକ ସାମିଲ ହୋଇଥାନ୍ତି, ଯାହା ସୃଷ୍ଟି କରିଥାଏ ନିଜ ପ୍ରତି, ସମାଜ ପ୍ରତି ଏକ ଉତ୍ସାହ ଓ ପ୍ରେରଣା। ଏଇଠି ମଣିଷ ସୃଷ୍ଟି କରିଥାଏ ଜୀବଦ୍ଦଶା ମଧ୍ୟରେ କେଉଁ କାର୍ଯ୍ୟ କରଣୀୟ ଓ କେଉଁ କାର୍ଯ୍ୟ ନିନ୍ଦନୀୟ ଯାହା ସମାଜର ଅନ୍ୟମାନଙ୍କ ପ୍ରତି ସୃଷ୍ଟି କରିଥାଏ ଏକ ଦୃଷ୍ଟାନ୍ତ। ମାତ୍ର ପ୍ରଶଂସାର ବ୍ୟାପକତା ବା ପ୍ରଚାରର ଗତି ମନ୍ଥର ହେଉଥିବା ବେଳେ ନିନ୍ଦାର ଗତି ଅତି ତୀବ୍ର ବେଗରେ ଚତୁର୍ଦ୍ଦିଗ କମ୍ପନ ସୃଷ୍ଟି କରିଥାଏ, କାରଣ ପ୍ରକୃତ ପ୍ରଶଂସାର ଅଧିକାରୀକୁ ଏ ସମାଜ ସହଜରେ ଗ୍ରହଣ କରିବାରେ ଚିନ୍ତା କରିବା ପାଇଁ ସମୟ ନେଇଥାଏ।

ସାଂପ୍ରତିକ ସମାଜରେ ମଣିଷ କେତେବେଳେ ପ୍ରଶଂସା ପାଇଁ କାର୍ଯ୍ୟ କରିଥାଏ ତ ପୁଣି କେତେବେଳେ କାର୍ଯ୍ୟ ପାଇଁ ପ୍ରଶଂସା ପାଇଥାଏ। ଯେତେବେଳେ ବ୍ୟକ୍ତି ପ୍ରଶଂସା ପାଇଁ କାର୍ଯ୍ୟ କରିଥାଏ ସେତେବେଳେ ଉକ୍ତ ପ୍ରଶଂସାର ଓଜନ ଭାରି ହୋଇଥାଏ, ମାତ୍ର ଯେତେବେଳେ ବ୍ୟକ୍ତିର କାର୍ଯ୍ୟ ପାଇଁ ପ୍ରଶଂସା ହୋଇଥାଏ ସେତେବେଳେ ଆପଣା ଛାଏଁ ପ୍ରଶଂସିତ ବ୍ୟକ୍ତି ସମାଜର ସ୍ୱୀକୃତି ପାଇଥାଏ ଓ ସେଥିରେ ପ୍ରଶଂସାର ଓଜନ ବହୁତ ସ୍ୱଳ୍ପ ଥାଏ। ଅନେକ ସମୟରେ ବ୍ୟକ୍ତି ନିଜର କର୍ମକୁ ଅଧିକ ଲୋକାଭିମୁଖୀ ଓ ଅନ୍ୟର ଉପକାର କରିବା ଉଦ୍ଦେଶ୍ୟରେ ସାମର୍ଥ୍ୟ ଓ ଶକ୍ତିକୁ ଉପଯୋଗ କରିଥାଏ ଏବଂ ସମୟକ୍ରମେ ତାହା ସର୍ବଜନରେ ପ୍ରଶଂସାର ପାତ୍ର ହୋଇଥାଏ। ମାତ୍ର ସମାଜରେ ଅନେକ ବ୍ୟକ୍ତି କେବଳ କିଛି ପ୍ରଶଂସା ପାଇବା ପାଇଁ ବା ପ୍ରଶଂସାକୁ ଆଳ କରି କର୍ମ କରିଥାନ୍ତି ଓ ପ୍ରଶଂସାକୁ ଶ୍ରବଣ କରି ଆତ୍ମହରା ହୋଇଥାନ୍ତି। ଯିଏ ପ୍ରକୃତ କର୍ମଠ ବ୍ୟକ୍ତି ସେ ପ୍ରଶଂସାକୁ ଗୌଣ ମନେକରି କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥାଏ। ପ୍ରଶଂସାକୁ ଏକ ସକାରାତ୍ମକ ଦୃଢ଼ୀକରଣ ଭାବରେ ବିବେଚନା କରାଯାଏ କାରଣ ଏହା ଆଶା ଅନୁଯାୟୀ ଆଚରଣ କରିବା ପାଇଁ ଏକ ଉତ୍ସାହଜନକ ପ୍ରତିକ୍ରିୟା ସୃଷ୍ଟି କରିଥାଏ।

କୌଣସି ପ୍ରୟାସ ବିନା ପ୍ରଶଂସା କିପରି ଅଧିକ ଦିଆଯାଏ ସମାଜ ଆଜି ମର୍ମେ ମର୍ମେ ଅନୁଭବ କରୁଛି। ମାତ୍ର ତାହା ପ୍ରକାଶ କରିବାରେ ଅକ୍ଷମ, କାରଣ ଉକ୍ତ ପ୍ରଶଂସାର ଓଜନ ଅନେକ ଭାରି, ଯାହାକୁ ବହନ କରିବା ପାଇଁ ସ୍ୱାଭିମାନୀ ମଣିଷର ସାମର୍ଥ୍ୟ ନ ଥାଏ। ଅନେକ ବ୍ୟକ୍ତି ଅନୁଭବ କରନ୍ତି ଯେ ସମାଜର ବହୁ ବ୍ୟକ୍ତି ପ୍ରଶଂସା ପାଇବା ପାଇଁ ଯୋଗ୍ୟ ନ ଥାନ୍ତି, ତଥାପି କିଛି ମୁଷ୍ଟିମେୟ ବ୍ୟକ୍ତି ବା ଗୋଷ୍ଠୀର ଚାପରେ ତାହାଙ୍କୁ ଏକ କାର୍ଯ୍ୟକ୍ରମର ଆଧାର ସ୍ୱରୂପ ତୋଷାମଦିର ସୂକ୍ଷ୍ମ ପାଖୁଡାରେ ଆଚ୍ଛାଦିତ କରି ପ୍ରଶଂସା କରାଯାଏ, ଯାହା



ଥାଏ ତୋଷାମଦି ଓ ସ୍ୱାର୍ଥର ଏକ ବୃହତ୍ ସେତୁ।

ବର୍ତ୍ତମାନର ସମାଜର ଆଳଙ୍କାରିକ ବୃଦ୍ଧି ସହିତ ପ୍ରଶଂସା ସହଜରେ ଦିଆଯାଉଛି ଓ ପ୍ରକୃତ ପ୍ରଶଂସାର ଅର୍ଥ ହଜିଯାଇଛି। ବ୍ୟକ୍ତି ଆଶା କରିଥାଏ ଯେ ସେମାନେ ପୂର୍ବରୁ ଉଚିତ କାର୍ଯ୍ୟ କରିବା ପାଇଁ ପୁରସ୍କୃତ ହେବେ ଓ ପ୍ରଶଂସା ପାଇବେ। ଜୀବନ ଧାରଣର ପରିବର୍ତ୍ତିତ ମାନର ସୌଖୀନ ବ୍ୟବସ୍ଥାରେ ମଣିଷ ପ୍ରଯୁକ୍ତି ବିଦ୍ୟା ତଥା ସାମାଜିକ ବର୍ଗୀକରଣର ସାହଚର୍ଯ୍ୟରେ ପ୍ରଶଂସା ସାଉଁଟିବା ପାଇଁ ବ୍ୟସ୍ତ ରହି ନିଜର ସ୍ୱତଃ ପରିଚୟକୁ ଭୁଲିଯାଉଛି। ଭୁଲ୍ ଜିନିଷ ପାଇଁ ଅନେକ ଲୋକଙ୍କୁ ପ୍ରଶଂସା କରିବା ଦ୍ୱାରା ଏହାର ପ୍ରଶଂସା କରିବାର ଅର୍ଥ ଏକ ଭିନ୍ନ ଦୃଷ୍ଟିକୋଣକୁ ଆଧାର କରି ସୃଷ୍ଟି କରୁଛି ଏକ ସନ୍ଦେହର ବଳୟ। ସମାଜରେ ଆଜି ଅଧିକାଂଶ ବ୍ୟକ୍ତି ପୁରସ୍କାର ପାଇବା ପାଇଁ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ କେବଳ ଲୋକଦେଖାଣିଆ ଭାବେ ଏକ ପ୍ରତୀକାତ୍ମକ ଧ୍ୱନି ସୃଷ୍ଟି କରିଥାନ୍ତି ଓ ସମସ୍ତଙ୍କଠାରୁ କିଛି ଆଶା କରନ୍ତି। ସମସ୍ତେ ପ୍ରଶଂସା ପାଇବାକୁ ଯୋଗ୍ୟ ନୁହନ୍ତି, କାରଣ ଏହା କେବଳ ପ୍ରମୁଖ ସମସ୍ୟା ସୃଷ୍ଟି କରିଥାଏ। ପ୍ରତ୍ୟେକ ଖେଳରେ ପ୍ରତ୍ୟେକେ ଜିତିପାରିବେ ନାହିଁ, ତେଣୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରସ୍ତୁତ ହୋଇଥାଏ, ଯାହାଦ୍ୱାରା ବିଜେତାମାନଙ୍କୁ ଆଘାତ ନ ଦେଇ ହଜିଯାଉଥିବା ଉତ୍କର୍ଷଙ୍କୁ ଭଲ ଲାଗେ ଯାହା ସୃଷ୍ଟି କରେ ଭବିଷ୍ୟତର ଆଶା। ମାତ୍ର ଉକ୍ତ ଖେଳରେ ଥାଏ ଉପଯୁକ୍ତ ଶ୍ରମ ଓ ପ୍ରଶଂସା ପାଇଁ ଲଢ଼େଇ। କିନ୍ତୁ ଆଜିକାଲି ଅନେକେ ଇଚ୍ଛା ପ୍ରକଟ କରିସାରିଲେଣି ଯେ ସେମାନେ ନିଜ କାର୍ଯ୍ୟରେ କୌଣସି ପ୍ରୟାସ କରିପାରିବେ ନାହିଁ, ମାତ୍ର ସେମାନେ ସମାଜରେ ଯଥେଷ୍ଟ ପ୍ରଶଂସିତ ହେବେ ଓ ସମସ୍ତେ ତାଙ୍କୁ ଯେମିତି ଭଲ କହିବେ। ଏହା କରିବା ଦ୍ୱାରା ସମାଜର ନୈତିକ ଅଧଃପତନ ସୃଷ୍ଟି ହୋଇ ତାହା ବିଖଣ୍ଡିତ ହୋଇଯାଏ।

ଜୀବନର ସକାରାତ୍ମକ ଦିଗ ଦେଖିବାକୁ ଅନେକଙ୍କୁ ଉତ୍ସାହିତ କରିଥାଏ ପ୍ରଶଂସା। ପ୍ରଶଂସା ଅନ୍ୟମାନଙ୍କୁ ସେମାନଙ୍କର ପ୍ରତିଭାକୁ ଚିହ୍ନିବାରେ, ସେମାନଙ୍କର ଆତ୍ମସମ୍ମାନ ବୃଦ୍ଧି ତଥା ଆଶା ପୁନଃ ସ୍ଥାପିତ କରିବାରେ ସାହାଯ୍ୟ କରେ। ବର୍ତ୍ତମାନ ସମାଜରେ ପ୍ରଶଂସା ଲାଳାୟିତ ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେଉଥିବା ବେଳେ ସେମାନଙ୍କର ପ୍ରଶଂସାର ଓଜନ ଅଧିକ ଗୁରୁତ୍ୱ ଓ ଓଜନିଆ ହୋଇଥାଏ, ଯାହା ସୃଷ୍ଟି କରେ ଅନେକ ଲୁକ୍କାୟିତ ଦ୍ୱନ୍ଦ୍ୱ। ସମାଜରେ ବିଶେଷତଃ ତିନି ପ୍ରକାରର ପ୍ରଶଂସା ଦୃଶ୍ୟମାନ ହୋଇଥାଏ। ଗୋଟିଏ ଥାଏ ଆତ୍ମପ୍ରଶଂସା, ଦ୍ୱିତୀୟ ଥାଏ ପ୍ରଶଂସା ପାଇଁ ବିଭିନ୍ନ ଅନୈତିକ ଉପାୟର ବ୍ୟବସ୍ଥା ଓ ତୃତୀୟରେ ଥାଏ ମହତ୍ କାର୍ଯ୍ୟ ଦ୍ୱାରା ସ୍ୱତଃ ସାମାଜିକ ପ୍ରଶଂସା। କିନ୍ତୁ ପ୍ରକୃତ ପ୍ରଶଂସାର ପାତ୍ର ଯେଉଁ ବ୍ୟକ୍ତି ହୋଇଥାଏ ତାହା ସମାଜର ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ଏକ ଆଲୋଡ଼ନ ସୃଷ୍ଟି କରି ଭାବ ଧାରାର ସ୍ରୋତ ସୃଷ୍ଟି କରେ; ଯାହାର ଓଜନ ମାପିବା ପାଇଁ କାହା ନିକଟରେ ନ ଥାଏ ଓଜନ ମାପିବାର ଯନ୍ତ୍ର ଓ ପ୍ରମାଣ କରିଥାଏ ପ୍ରକୃତ ପ୍ରଶଂସାର ଓଜନ କେତେ। ତେଣୁ ପ୍ରକୃତ ପ୍ରଶଂସାକୁ ଓଜନରେ ମାପିବାର ଆବଶ୍ୟକତା ନ ଥିବା ବେଳେ, କୃତ୍ରିମ ପ୍ରଶଂସାର ଓଜନକୁ ମାପିବାର ଆବଶ୍ୟକତା ଲୋଡ଼ା ଥାଏ।

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର,**
**ଭାରତ ସରକାର**
**ମୋ:୯୯୩୭୩୪୫୯୦୦**

## ଏଇ ଭାରତରେ

ଅଭିଭାବକମାନେ ପିଲାଙ୍କ ପାଇଁ ଜୋତା କିଣି କିଛିଦିନ ପରେ ଛୋଟ ହେଲେ ତାହାକୁ ଫିଙ୍ଗିଦିଅନ୍ତି। କାରଣ ପିଲାଙ୍କ ବୟସ ଅନୁସାରେ ପାଦ ବଢ଼ିବା ଯୋଗୁ ତାହା ସେମାନଙ୍କ ପାଦକୁ ଫିଟ୍ ହୋଇ ନ ଥାଏ। ତେବେ ପିଲାଙ୍କ ପାଇଁ କମ୍ ସମୟ ମଧ୍ୟରେ ବାରମ୍ବାର ଜୋତା କିଣିବା ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛନ୍ତି ପୁଣେର ସତ୍ୟଜିତ୍ ମିତ୍ତଲ। ସେ ଏଭଳି ଜୋତା ତିଆରି କରୁଛନ୍ତି, ଯାହା ପିଲାଙ୍କ ବୟସ ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ସତ୍ୟଜିତ୍ ୨୦୨୨ରେ ଆରେଟୋ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ସତ୍ୟଜିତ୍‌ଙ୍କ ବୟସ ୩୦। ସେ ପୋଡିଆଟ୍ରିଷ୍ଟ (ପାଦ ଚିକିତ୍ସକ)ଙ୍କ ସହଯୋଗରେ ଦୁଇବର୍ଷ ଗବେଷଣା କରିବା ପରେ ଏଭଳି ଜୋତା ତିଆରି କରିବାରେ ସଫଳ ହୋଇଛନ୍ତି। ଏହି କାର୍ଯ୍ୟରେ ସତ୍ୟଜିତ୍‌ଙ୍କ ସହ ରହିଛନ୍ତି ତାଙ୍କ ବାଲ୍ୟବନ୍ଧୁ କୃତିକା ଲାଲ। ସେ ତିଆରି କରିଥିବା ଜୋତା ପୂରା ନରମ ଓ ୩ଟି ପାଦ ସାଇଜ ଯାଏ ଏହାକୁ ଷ୍ଟ୍ରେଚ୍ କରାଯାଇପାରୁଛି। ଏହି ଜୋତାର ମୂଲ୍ୟ ୧,୮୦୦ ଟଙ୍କାରୁ ୨,୬୦୦ ଟଙ୍କା ମଧ୍ୟରେ ରହିଛି। ଷ୍ଟାର୍ଟଅପ୍ ଆରମ୍ଭ କରିବାର ୯ ମାସ ମଧ୍ୟରେ ସତ୍ୟଜିତ୍ ୬ ହଜାର ହଳ ଜୋତା ବିକ୍ରି କରିସାରିଲେଣି। କେବଳ ଗତମାସରେ ସେ ଏଥିରୁ ୨୧ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଏହାର ଅଧିକାଂଶ ଗ୍ରାହକ ହେଉଛନ୍ତି ଦିଲ୍ଲୀ, ପୁଣେ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ସହ ଆମେରିକା ଓ ଇଂଲଣ୍ଡର।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୮

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ମହାମାରୀ ଡେଙ୍ଗୁ ଜ୍ୱର ବ୍ୟାପି ୨୬ ମୃତ।
- ୫୮ ପ୍ରକାରର ମାରଣାସ୍ତ୍ର ଆମଦାନୀ ଉପରେ ଆମେରିକା ସରକାରଙ୍କ ନିଷେଧାଦେଶ ଲାଗୁ।
- ବିଏସ୍‌ପିର ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରବିନ୍ଦ ନେତମଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ନ ଲଭି ସାନ୍ତ୍ୱନା କାହିଁ ଭଗ୍ନପ୍ରାଣ ମାନବ ସନ୍ତାନ
କାଷ୍ଠ ପାଷାଣର ଦେହେ କରଇ ସେ ଦେବତା ନିର୍ମାଣ,
କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ
ମସ୍ତକ ଆଘାତେ
ଅକାରଣ
ଅଶରଣ! –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରୁ ଧର୍ମକୁ ପୃଥକ୍ ରଖାଯିବା ଉଚିତ

ମହାଶୟ,

ଆମ ଦେଶର ନେତାମାନେ ଧର୍ମ ନାମରେ ରାଜନୀତି କରି ଘୃଣ୍ୟ ମନ୍ତବ୍ୟ ଦେଉଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି କିଛି ବ୍ୟକ୍ତି ବିଭିନ୍ନ ଗଣମାଧ୍ୟମ ଓ ସାର୍ବଜନୀନ ମଞ୍ଚରେ ଅନ୍ୟ ସମ୍ପ୍ରଦାୟ ପ୍ରତି ଘୃଣ୍ୟ ମନ୍ତବ୍ୟ ଦେଉଥିବାରୁ ଦଙ୍ଗା ସୃଷ୍ଟି ହୋଇ ସମାଜରେ ଅଶାନ୍ତି ବାତାବରଣ ଦେଖାଦେଉଛି। ବିଶେଷକରି ଘୃଣ୍ୟ ମନ୍ତବ୍ୟ ବିରୋଧରେ ମାମଲା ରୁଜୁ କରାଯାଉ ନ ଥିବାରୁ ସମାଜରେ ଏହାର ଅସ୍ତିତ୍ୱ ବୃଦ୍ଧି ପାଉଛି। ଏକପକ୍ଷେ ଧର୍ମ ନାମରେ ରାଜନୀତି, ଅନ୍ୟପକ୍ଷେ ନେତାଙ୍କ ଘୃଣ୍ୟ ମନ୍ତବ୍ୟ ଯୋଗୁ ଜନସାଧାରଣରେ ଅସ୍ଥିରତା ଦେଖାଦେଇ ଆମ ଗଣତନ୍ତ୍ର କଳୁଷିତ ହେବାରେ ଲାଗିଛି। ଏଣୁ ରାଜନୀତିରେ ଧର୍ମକୁ ବ୍ୟବହାର ବନ୍ଦ କରାଗଲେ ଲୋକଙ୍କ ମଧ୍ୟରେ ମତପାର୍ଥକ୍ୟ ଲୋପପାଇବା ସହ ଏଭଳି ଘୃଣ୍ୟ ମନ୍ତବ୍ୟ ନିଜର ଅସ୍ତିତ୍ୱ ହରାଇବ।

**–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 5 | | | | 7 |
| | | | | | 3 | 2 | | 8 |
| | | 6 | | | | | | |
| | 3 | | 6 | | | | | |
| | | 9 | | 7 | | | | |
| | | | 5 | | | 9 | | |
| | | | | 6 | 2 | 3 | | |
| | | | 7 | 4 | | | | 6 |
| | 2 | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 9 | 4 | 2 | 5 | 8 | 7 | 6 |
| 7 | 2 | 8 | 6 | 9 | 3 | 5 | 1 | 4 |
| 5 | 6 | 4 | 1 | 7 | 8 | 2 | 9 | 3 |
| 8 | 3 | 1 | 5 | 6 | 9 | 4 | 2 | 7 |
| 6 | 9 | 2 | 3 | 4 | 7 | 1 | 5 | 8 |
| 4 | 5 | 7 | 2 | 8 | 1 | 3 | 6 | 9 |
| 1 | 8 | 3 | 7 | 5 | 6 | 9 | 4 | 2 |
| 2 | 7 | 5 | 9 | 3 | 4 | 6 | 8 | 1 |
| 9 | 4 | 6 | 8 | 1 | 2 | 7 | 3 | 5 |

ଗତକାଲିର ଉତ୍ତର

# ବ୍ରିଟେନ୍ ରୟାଲ ଟ୍ରେଜେରିରେ ଭାରତୀୟ ରତ୍ନ ଅଳଙ୍କାର

ଲଣ୍ଡନ: ବ୍ରିଟିଶ୍ ଶାସନ କାଳରେ ଭାରତରୁ ବହୁ ମୂଲ୍ୟବାନ୍ ରତ୍ନ ପଥର, ଗହଣା ଇଂରେଜମାନେ ଜୋର ଜବରଦସ୍ତି ଓ ରାଜନୈତିକ ଜାଲ ବିଛାଇ ହାତେଇ ନେଇଥିଲେ। ତେବେ ଭାରତର କେଉଁ କେଉଁ ମୂଲ୍ୟବାନ୍ ରତ୍ନପଥର ଏବେ ବ୍ରିଟିଶ୍ ରାଜପରିବାର ସିନ୍ଦୁକରେ ଶୋଭା ପାଉଛି ସେ ନେଇ ଉପନିବେଶ ବେଳର ଏକ ଫାଇଲ୍‌କୁ ନେଇ ଚର୍ଚ୍ଚା ହେଉଛି। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜେଜେ ମା' କୁଇନ୍ ମ୍ୟାରୀଙ୍କ ତତ୍ତ୍ୱାବଧାନରେ ଏହି ୪୬ ପୃଷ୍ଠା ସମ୍ବଳିତ ଫାଇଲ୍ ପ୍ରସ୍ତୁତ କରାଯାଇଥିଲା।

ପଞ୍ଜାବର ମହାରାଜା ରଞ୍ଜିତ ସିଂ ତାଙ୍କ ଘୋଡ଼ାକୁ ସଜାଇବାରେ ବ୍ୟବହାର କରୁଥିବା ସୁନାର ଆଭୂଷଣ ଏବେ ବ୍ରିଟେନ୍ ରାଜା କିଙ୍ଗ୍ ଚାର୍ଲ୍ସଙ୍କ ରୟାଲ କଲେକ୍ସନ୍‌ରେ ଯୋଖାଯାଇଛି। ଚାର୍ଲ୍ସ ବ୍ୟବହାର କରୁଥିବା ପାନାର ବେଲ୍ଟ ମଧ୍ୟ ଭାରତର ବୋଲି ଉକ୍ତ ଫାଇଲ୍‌ରେ ଦର୍ଶାଯାଇଛି। ସେହିପରି ମାଣିକରେ ତିଆରି ୩୨୫.୫ କ୍ୟାରେଟ୍‌ର ଶର୍ଟ ନେକ୍‌ଲେସ୍ ସାଙ୍ଗକୁ ୨୨୪ କ୍ୟାରେଟ୍‌ର ମୋତି ହାର ମଧ୍ୟ ଏବେ ବ୍ରିଟିଶ୍ ରାଜ ପରିବାରର ସମ୍ପତ୍ତି ପାଲଟିଛି। ଏହି ମୋତି ହାରକୁ ରାଜା ରଞ୍ଜିତ ସିଂଙ୍କଠାରୁ ନିଆଯାଇଥିବା କୁହାଯାଏ। ସେହିପରି ଦୁନିଆର ସବୁଠୁ ମୂଲ୍ୟବାନ୍ କୋହିନୁର ହୀରାକୁ ବ୍ରିଟିଶ୍ ଶାସକ ଭାରତରୁ ଲୁଟ୍ କରି ନେଇଥିଲେ। ଏହି ହୀରା ସ୍ୱର୍ଗତ ମହାରାଣୀ ଏଲିଜବେଥ୍ ଦ୍ୱିତୀୟଙ୍କ ମୁକୁଟରେ ଖଞ୍ଜାଯାଇଥିଲା। ମେ' ୬ ରେ ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ସମାରୋହ ପାଳନ ହେବାକୁ ଥିବାବେଳେ ରାଜ ପରିବାରର ସମ୍ପତ୍ତିକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।



ରାଜ୍ୟାଭିଷେକ ପାଇଁ ନିମନ୍ତ୍ରଣ ପତ୍ର ଛପା ସରିଛି। ପାଖାପାଖି ୨୦୦୦ ଅତିଥି ଏହିଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବ୍ୟବସ୍ଥା କରାଯାଇଛି।

# ପ୍ରିୟଙ୍କା ପାଇଲେ ବିଗ୍ ପ୍ରୋଜେକ୍ଟ

ୱାଶିଂଟନ୍

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଜୋନାସ ହଲିଉଡ୍‌ରେ ଅଧିକ ସକ୍ରିୟ। ଅନେକ ଇଂଲିଶ ଫିଲ୍ମରେ ଅଭିନୟ କରି ବିଦେଶୀ ସିନେପ୍ରେମୀଙ୍କ ଭଲପାଇବା ହାସଲ କରିଥିବା ପ୍ରିୟଙ୍କାଙ୍କ ହାତକୁ ଆସିଛି ଆଉ ଏକ ବଡ଼ ପ୍ରୋଜେକ୍ଟ। ନିର୍ମାଣ ହେବାକୁ ଥିବା ୱେବ୍ ସିରିଜ୍ 'ହେଡ୍ସ ଅଫ୍ ଷ୍ଟେଟ୍'ରେ ପ୍ରିୟଙ୍କା ଓ ହଲିଉଡ୍ ଅଭିନେତା ଜନ୍ ସେନା ଏକାଠି ନଜର ଆସିବାକୁ ଯାଉଛନ୍ତି। ଏ ନେଇ ଜନ୍ ଟୁଇଟରରେ ଏକ ପୋଷ୍ଟ ଶେୟାର୍ କରି ପ୍ରିୟଙ୍କାଙ୍କୁ ୱେଲ୍‌କମ୍ କରିଛନ୍ତି। ପରେ ପ୍ରିୟଙ୍କା ଜନ୍‌ଙ୍କ ଟୁଇଟ୍‌ର ରିପ୍ଲାଏ ଦେଇ ତାଙ୍କୁ ଥ୍ୟାଙ୍କ୍ୟୁ ଜଣାଇଛନ୍ତି। ଏଥିସହ ସିରିଜ୍‌ର ଶୁଟିଂ ନେଇ ସେ ଖୁବ୍ ଉତ୍ସାହିତ ଥିବା ଲେଖିଛନ୍ତି। ସୂଚନାଯୋଗ୍ୟ ପ୍ରିୟଙ୍କାଙ୍କ ହାତରେ ଏବେ ଅନେକ ହଲିଉଡ୍ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କ ଅଭିନୀତ ଗ୍ଲୋବାଲ୍ ସ୍ପାଏ ସିରିଜ୍ 'ସିଟାଡେଲ୍' ରିଲିଜ୍ ଅପେକ୍ଷାରେ ରହିଛି। ଅନ୍ୟପକ୍ଷେ ପ୍ରିୟଙ୍କା ଏବେ ନିଜ ଫ୍ୟାମିଲି ସହ ଭାରତ ଆସିଛନ୍ତି। ଗୁରୁବାର ପ୍ରିୟଙ୍କା ଝିଅ ମାଲତି ସହିତ ମୁମ୍ବାଇସ୍ଥିତ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଛନ୍ତି। ତେବେ ପ୍ରିୟଙ୍କାଙ୍କ ଝିଅ ଜନ୍ମ ହେବା ପରେ ଏହା ତାଙ୍କର ପ୍ରଥମ ଭାରତଗସ୍ତ। ପ୍ରିୟଙ୍କାଙ୍କ ମନ୍ଦିର ଦର୍ଶନର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।




# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## ଭୂ-ଅର୍ଜନ ଉପବିଭାଗ

(ଭାରତ ସରକାରଙ୍କ ରାଜପତ୍ର, ଅସାଧାରଣ ଭାଗ - ୨, ଖଣ୍ଡ - ୩ (ii)ରେ ପ୍ରକାଶ ନିମନ୍ତେ)

## ଭାରତ ସରକାର

## (ସଡ଼କ ପରିବହନ ଓ ରାଜପତ୍ର ମନ୍ତ୍ରଣାଳୟ)

## ଅଧିସୂଚନା

ନୂଆଦିଲ୍ଲୀ - ୧୦।୦୩।୨୦୨୩

ସଂ. ୧୬୨ ତା: ୦୫।୦୪।୨୦୨୩

No. XXVII-01: କା:ଆ ୧୧୩୮(ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା ୪୮) (ଯାହାକି ପରେ ଉକ୍ତ ଅଧିନିୟମ ରୂପେ ଗୃହୀତ)ର ଧାରା ୩(କ)ର ଉପଧାରା (୧) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥ-୩୨୬ ପାଇଁ କି.ମି. ୩୭୭/୪୨୦ (ଅଁଳା ଯୋଡ଼ି) କି.ମି. ୪୨୩/୮୨୦ (ତାମସା) କି.ମି. ୪୩୩/୭୫୦ (ଏମ୍.ଭି.-୧୯) ୪୮୪/୫୦୦ (ମହାରାଜପଲ୍ଲୀ) ଉଚ୍ଚ ସେତୁ ନିର୍ମାଣ ହେଉଅଛି। ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚକ ଉପରୋକ୍ତ ଉଦ୍ଦେଶ୍ୟରେ (ଘୋଷଣାନାମାରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଗଲା)

ଉକ୍ତ ଅଧିସୂଚନାର ଅଧିନିୟମ ୩(କ) ଉପଧାରା (୩) ସମ୍ବାଦ ଓ ଅନୁପମ ଭାରତ ଖବର କାଗଜରେ ୦୩।୧୧।୨୦୨୨ ଓ ୦୪।୧୧।୨୦୨୨ରେ ପ୍ରକାଶିତ କରାଯାଇଥିଲା।

ଯଦି କୌଣସି ବ୍ୟକ୍ତି ଯାହାର ଉକ୍ତ ଭୂମିରେ ସ୍ୱାର୍ଥଯୁକ୍ତ ହୋଇଥାନ୍ତି, ତେବେ ଉକ୍ତ ନିୟମର ଧାରା ୩(ଗ)ର ଉପଧାରା (୧)ର ଅନ୍ତର୍ଗତ ଏପରି ଭୂମିର ଉପଯୋଗ ସମ୍ବନ୍ଧରେ ଆପତ୍ତି କରିପାରିବେ। ଏହି ସମସ୍ତ ଆପତ୍ତିଗୁଡ଼ିକ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ ଡେପୁଟି କଲେକ୍ଟର ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ) କଲେକ୍ଟରେଟ, ମାଲକାନଗିରି କାର୍ଯ୍ୟାଳୟ ସମ୍ମୁଖରେ ଲିଖିତ ରୂପେ କରାଯିବ ଓ ତାହା କେଉଁ ଆଧାରରେ କରାଯାଉଅଛି, ଉଲ୍ଲେଖ ହେବ, କ୍ଷମତା ପ୍ରାପ୍ତ ଅଧିକାରୀ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ରୂପେ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ଆଇନ୍‌ଜୀବୀଙ୍କ ମାଧ୍ୟମରେ ଅଭିଯୋଗଗୁଡ଼ିକ ଶୁଣିବା ପାଇଁ ସୁଯୋଗ ଦେବେ ଏବଂ ତାଙ୍କ ଅଭିଯୋଗର ତର୍ଜମା ପରେ ଯଦି ଉଚିତ ମନେକରନ୍ତି ତା'ହେଲେ ବିଚାର ନିମନ୍ତେ ଗ୍ରହଣ କରିବେ କିମ୍ବା ଫେରସ୍ତ କରିବେ।

ଉକ୍ତ ଅଧିନିୟମର ଧାରା ୩(ଗ)ର ଉପଧାରା (୨)ର ଅଧୀନ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କରାଯାଇଥିବା ଆଦେଶ ଅନ୍ତିମ ବୋଲି ଧରାଯିବ।

ସ୍ୱା./- ଡେପୁଟି କଲେକ୍ଟର ତଥା ଭୂ-ଅର୍ଜନ ଅଧିକାରୀ କ୍ଷମତା ପ୍ରାପ୍ତ ଅଧିକାରୀ
HL Bridge କଲେକ୍ଟରେଟ, ମାଲକାନଗିରି ଜିଲ୍ଲା

## ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥ - ୩୨୬ ପାଇଁ କି.ମି. ୩୭୭/୪୨୦ (ଅଁଳା ଯୋଡ଼ି) କି.ମି. ୪୨୩/୮୨୦ (ତାମସା) କି.ମି. ୪୩୩/୭୫୦ (ଏମ୍.ଭି. - ୧୯) ୪୮୪/୫୦୦ (ମହାରାଜପଲ୍ଲୀ) (ମାଲକାନଗିରି - ମୋଟୁ) ରୋଡ୍‌ରେ ନୂତନ ସେତୁ ନିର୍ମାଣର ନିର୍ଦ୍ଦିଷ୍ଟ ଭୂ-ଖଣ୍ଡ ନିର୍ମାଣ ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂ-ଅର୍ଜନ ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| କ୍ର.ନଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) | ରୟତିଙ୍କ ନାମ |
|---|---|---|---|---|---|---|---|---|
| ୧ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୦୭ | ସରକାରୀ | ନାଳ | ୦.୧୭୨ | ଆବାଦ ଅଯୋଗ୍ୟ ଅନାବାଦି |
| ୨ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୦୯ | ରୟତି | ଡଙ୍ଗର - ୨ | ୦.୧୦୧ | ଜଗା କବାସୀ |
| ୩ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୧୧ | ରୟତି | ଡଙ୍ଗର - ୨ | ୦.୧୭୯ | କାନା ଜାଲି |
| ୪ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୧୨ | ରୟତି | ଡଙ୍ଗର - ୨ | ୦.୧୭୫ | ସିଙ୍ଗା ଜାଲି, ସାନସିଙ୍ଗା ଜାଲି |
| ୫ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୧୩ | ରୟତି | ଡଙ୍ଗର - ୨ | ୦.୦୬୨ | ସିଙ୍ଗା ଜାଲି, ସାନସିଙ୍ଗା ଜାଲି |
| ୬ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୧୫ | ରୟତି | ଡଙ୍ଗର - ୨ | ୦.୦୧୧ | ଜଗା କବାସୀ |
| ୭ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୨୩ | ରୟତି | ଡଙ୍ଗର - ୨ | ୦.୦୨୫ | ଜଗା କବାସୀ |
| ୮ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୨୪ | ରୟତି | ଡଙ୍ଗର - ୨ | ୦.୨୦୦ | ବଜା କୁଞ୍ଜି |
| ୯ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୨୭ | ରୟତି | ଡଙ୍ଗର - ୨ | ୦.୩୩୯ | ପଦିଆ ମାଢ଼ି |
| ୧୦ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୨୯ | ରୟତି | ଧାନ - ୨ | ୦.୩୫୩ | ଗଙ୍ଗା ମାଡ଼କାମି |
| ୧୧ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୪୧ | ରୟତି | ଧାନ - ୨ | ୦.୧୨୦ | ବଡ଼ ଇର୍ମା ମାଢ଼ି |
| ୧୨ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୪୨ | ରୟତି | ଧାନ - ୨ | ୦.୨୧୨ | ସିଙ୍ଗା ସୋଢ଼ି |
| ୧୩ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୪୩ | ରୟତି | ଧାନ - ୨ | ୦.୦୧୪ | ଏରା ମାଡ଼କାମି |
| ୧୪ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୦ | ରୟତି | ଧାନ - ୨ | ୦.୦୭୮ | ପଦିଆ ମାଢ଼ି |
| ୧୫ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୧ | ରୟତି | ଧାନ - ୨ | ୦.୦୫୫ | ଗଙ୍ଗା ମାଡ଼କାମି |
| ୧୬ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୨ | ରୟତି | ଧାନ - ୨ | ୦.୦୨୦ | ବଜା ମାଡ଼କାମି |
| ୧୭ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୩ | ରୟତି | ଡଙ୍ଗର - ୨ | ୦.୨୬୭ | ଗଙ୍ଗା ସୋଢ଼ି, ଏରା ସୋଢ଼ି, ପତି ସୋଢ଼ି, ଚନ୍ଦ୍ର ସୋଢ଼ି |
| ୧୮ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୪ | ରୟତି | ଘରବାରି | ୦.୧୫୧ | ଇର୍ମା ମାଡ଼କାମି, ଦୁଲା ମାଡ଼କାମି, ଏରା ମାଡ଼କାମି |
| ୧୯ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୪/ ୧୨୪୬ | ରୟତି | ଘରବାରି | ୦.୦୦୭ | ଇର୍ମା ମାଡ଼କାମି, ଦୁଲା ମାଡ଼କାମି, ଏରା ମାଡ଼କାମି |
| ୨୦ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୫ | ସରକାରୀ | ଆବାଦ ଯୋଗ୍ୟ ଅନାବାଦି | ୦.୦୭୦ | ଆବାଦ ଯୋଗ୍ୟ ଅନାବାଦି |
| ୨୧ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୫୬ | ସରକାରୀ | ଘରବାରି | ୦.୩୧୫ | ଆବାଦ ଯୋଗ୍ୟ ଅନାବାଦି |
| ୨୨ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୬୭ | ରୟତି | ଡଙ୍ଗର - ୧ | ୦.୨୮୭ | ଏରା ମାଡ଼କାମୀ |
| ୨୩ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୮୦ | ସରକାରୀ | ପଥରବାଣୀ | ୦.୨୧୯ | ଆବାଦ ଯୋଗ୍ୟ ଅନାବାଦି |
| ୨୪ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୮୨ | ରୟତି | ଡଙ୍ଗର - ୨ | ୦.୦୦୩ | ସିଙ୍ଗ ସୋଢ଼ି |
| ୨୫ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୫୮୪ | ରୟତି | ଡଙ୍ଗର - ୨ | ୦.୦୧୬ | ଏରା ମାଡ଼କାମୀ |
| ୨୬ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୬୦୨ | ସରକାରୀ | ନୟନଯୋଡ଼ି | ୦.୨୨୧ | ରକ୍ଷିତ |
| ୨୭ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୬୦୩ | ସରକାରୀ | ରାସ୍ତା | ୦.୩୪୧ | ରକ୍ଷିତ |
| ୨୮ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୬୦୪ | ସରକାରୀ | ନୟନଯୋଡ଼ି | ୦.୧୬୬ | ରକ୍ଷିତ |
| ୨୯ | ମାଲକାନଗିରି | କାଲିମେଳା | ମହାରାଜାପଲ୍ଲୀ | ୭୨୪ | ସରକାରୀ | ନାଳ | ୦.୦୦୧ | ଆବାଦ ଯୋଗ୍ୟ ଅନାବାଦି |
| ୩୦ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୬୬୫ | ସରକାରୀ | ରାସ୍ତା | ୦.୦୦୨ | ସର୍ବସାଧାରଣ |
| ୩୧ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୬୬୬ | ରୟତି | ଡଙ୍ଗର - ୨ | ୦.୧୫୫ | ଆନ୍ନାବାଲା ମଣ୍ଡଳ |
| ୩୨ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୬୬୭ | ରୟତି | ଡଙ୍ଗର - ୨ | ୦.୨୨ | ବିଧାନ ଚନ୍ଦ୍ର ମଣ୍ଡଳ |
| ୩୩ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭ | ରୟତି | ଧାନ - ୨ | ୦.୦୧ | କିଶୋରୀ ମୋହନ ରାୟ |
| ୩୪ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୨୬ | ସରକାରୀ | ଗୋଚର | ୧.୨୯ | ରକ୍ଷିତ |
| ୩୫ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୩୬/୧ | ରୟତି | ଜଙ୍ଗଲ | ୦.୦୨ | ମୁକା ମାଡ଼କାମି |
| ୩୬ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୩୬/୩ | ରୟତି | ଜଙ୍ଗଲ | ୦.୦୦୬ | ରାଜେଶ ମାଡ଼କାମି |
| ୩୭ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୩୭ | ରୟତି | ଜଙ୍ଗଲ - ୨ | ୦.୦୦୨ | ଧୀରେନ୍ଦ୍ର ନାଥ ମଣ୍ଡଳ |
| ୩୮ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୩୯ | ସରକାରୀ | ନୟନଯୋଡ଼ି | ୦.୩୧ | ପୂର୍ତ୍ତ ବିଭାଗ |
| ୩୯ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୭୪୦ | ସରକାରୀ | ରାସ୍ତା | ୦.୧୯ | ପୂର୍ତ୍ତ ବିଭାଗ |
| ୪୦ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୮ | ରୟତି | ଧାନା - ୨ | ୦.୦୧୬ | କିଶୋରୀ ମୋହନ ରାୟ |
| ୪୧ | ମାଲକାନଗିରି | କାଲିମେଳା | କରେଲମେଟଲା | ୧୮/୩୫୭୮ | ସରକାରୀ | ପତିତ | ୦.୦୦୨ | ଆବାଦ ଯୋଗ୍ୟ ଅନାବାଦି |
| ୪୨ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୦୭/୩୫୭୯ | ସରକାରୀ | ପଥରବାଣୀ | ୦.୦୦୨ | ଆବାଦ ଯୋଗ୍ୟ ଅନାବାଦି |
| ୪୩ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୩୫ | ସରକାରୀ | ଆଢ଼ି | ୦.୦୦୨ | ଜଳ ସେଚନ ବିଭାଗ |
| ୪୪ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୩୬ | ସରକାରୀ | ଆଢ଼ି | ୦.୦୧୪ | ଜଳ ସେଚନ ବିଭାଗ |
| ୪୫ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୩୭ | ସରକାରୀ | ଆଢ଼ି | ୦.୦୦୨ | ଜଳ ସେଚନ ବିଭାଗ |
| ୪୬ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୭୫ | ସରକାରୀ | ପଥରବାଣୀ | ୦.୦୧୦ | ରକ୍ଷିତ |
| ୪୭ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୭୬ | ସରକାରୀ | ନୟନଯୋଡ଼ି | ୦.୦୧ | ରକ୍ଷିତ |
| ୪୮ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୭୭ | ସରକାରୀ | ରାସ୍ତା | ୦.୨୧ | ରକ୍ଷିତ |
| ୪୯ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୭୮ | ସରକାରୀ | ନୟନଯୋଡ଼ି | ୦.୦୧୨ | ରକ୍ଷିତ |
| ୫୦ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୮୦ | ସରକାରୀ | ନୟନଯୋଡ଼ି | ୦.୨୬୫ | ପୂର୍ତ୍ତ ବିଭାଗ |
| ୫୧ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୮୧ | ରୟତି | ଡଙ୍ଗର - ୨ | ୦.୦୫ | ଆନ୍ନାବାଲା ମଣ୍ଡଳ |
| ୫୨ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୮୨ | ସରକାରୀ | ରାସ୍ତା | ୦.୦୪ | ରକ୍ଷିତ |
| ୫୩ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୮୩ | ରୟତି | ଧାନ - ୨ | ୦.୪୭୫ | ରେଣୁବାଳା ତାଲୁକଦାର |
| ୫୪ | ମାଲକାନଗିରି | କାଲିମେଳା | କରେଲମେଟଲା | ୨୮୫ | ରୟତି | ଧାନ - ୨ | ୦.୧୨୫ | କିଶୋରୀ ମୋହନ ରାୟ |
| ୫୫ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୧୩୦ | ସରକାରୀ | ନୟନଯୋଡ଼ି | ୦.୦୮୫ | ପୂର୍ତ୍ତ ବିଭାଗ |
| ୫୬ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୧୩୧ | ସରକାରୀ | ରାସ୍ତା | ୦.୦୨୦ | ପୂର୍ତ୍ତ ବିଭାଗ |
| ୫୭ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୧୪୪ | ସରକାରୀ | ନୟନଯୋଡ଼ି | ୦.୦୪୫ | ପୂର୍ତ୍ତ ବିଭାଗ |
| ୫୮ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୧୪୫ | ସରକାରୀ | ରାସ୍ତା | ୦.୦୦୬ | ପୂର୍ତ୍ତ ବିଭାଗ |
| ୫୯ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୧୯ | ସରକାରୀ | ନୟନଯୋଡ଼ି | ୦.୦୦୪ | ପୂର୍ତ୍ତ ବିଭାଗ |
| ୬୦ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୦ | ସରକାରୀ | ରାସ୍ତା | ୦.୦୦୨ | ପୂର୍ତ୍ତ ବିଭାଗ |
| ୬୧ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୧ | ସରକାରୀ | ନୟନଯୋଡ଼ି | ୦.୦୦୧ | ପୂର୍ତ୍ତ ବିଭାଗ |
| ୬୨ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୩ | ସରକାରୀ | ନୟନଯୋଡ଼ି | ୦.୦୬୫ | ପୂର୍ତ୍ତ ବିଭାଗ |
| ୬୩ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୪ | ସରକାରୀ | ରାସ୍ତା | ୦.୦୮୫ | ପୂର୍ତ୍ତ ବିଭାଗ |
| ୬୪ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୫ | ସରକାରୀ | ନୟନଯୋଡ଼ି | ୦.୧୦୦ | ପୂର୍ତ୍ତ ବିଭାଗ |
| ୬୫ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୨୯ | ରୟତି | ଡଙ୍ଗର - ୧ | ୦.୦୨୮ | ଜଗା ମାଢ଼ି, ବନ୍ଦୀ ମାଢ଼ି, ଭୀମା ମାଢ଼ି, କଷା ମାଢ଼ି |
| ୬୬ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୪୭ | ରୟତି | ଡଙ୍ଗର - ୧ | ୦.୦୭୬ | ଏରମା ମାଢ଼ି |
| ୬୭ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୪୮/୧ | ରୟତି | ଜଙ୍ଗଲ | ୦.୨୧୦ | କଷା ପଡ଼ିଆମି |
| ୬୮ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୪୮/୨ | ରୟତି | ଜଙ୍ଗଲ | ୦.୨୪୦ | ଜଗା ମାଡ଼କାମି |
| ୬୯ | ମାଲକାନଗିରି | କାଲିମେଳା | ପାଲକୋଣ୍ଡା | ୧୫୫୩ | ସରକାରୀ | ନାଳ | ୦.୦୦୨ | ଆବାଦ ଅଯୋଗ୍ୟ ଅନାବାଦି |
| ୭୦ | ମାଲକାନଗିରି | କାଲିମେଳା | ତମସା | ୨୬୩ | ସରକାରୀ | ଘରବାରି | ୦.୦୦୪ | ରକ୍ଷିତ |
| ୭୧ | ମାଲକାନଗିରି | କାଲିମେଳା | ତମସା | ୨୬୪ | ସରକାରୀ | ରାସ୍ତା | ୦.୦୦୪ | ସର୍ବସାଧାରଣ |
| ୭୨ | ମାଲକାନଗିରି | କାଲିମେଳା | ତମସା | ୨୬୬ | ସରକାରୀ | ଘରବାରି | ୦.୧୧୫ | କୃଷି ବିଭାଗ |
| ୭୩ | ମାଲକାନଗିରି | କାଲିମେଳା | ତମସା | ୨୭୪ | ରୟତି | ଧାନ - ୧ | ୦.୦୮୧ | ଗୁରୁ ମାଡ଼କାମି ଏବଂ ଅନ୍ୟ |
| ୭୪ | ମାଲକାନଗିରି | କାଲିମେଳା | ତମସା | ୨୭୬ | ସରକାରୀ | ନୟନଯୋଡ଼ି | ୦.୧୨୨ | ପୂର୍ତ୍ତ ବିଭାଗ |
| ୭୫ | ମାଲକାନଗିରି | କାଲିମେଳା | ତମସା | ୨୭୭ | ସରକାରୀ | ରାସ୍ତା | ୦.୦୯୭ | ପୂର୍ତ୍ତ ବିଭାଗ |
| ୭୬ | ମାଲକାନଗିରି | କାଲିମେଳା | ତମସା | ୨୭୮ | ସରକାରୀ | ନୟନଯୋଡ଼ି | ୦.୦୬୯ | ପୂର୍ତ୍ତ ବିଭାଗ |
| ୭୭ | ମାଲକାନଗିରି | କାଲିମେଳା | ତମସା | ୨୮୦/୧୩୧୭ | ରୟତି | ଡଙ୍ଗର-୧ | ୦.୦୦୪ | ନିତାଇ ଚାନ୍ଦ ମଣ୍ଡଳ |
| ୭୮ | ମାଲକାନଗିରି | କାଲିମେଳା | ତମସା | ୨୮୦/୧୩୧୭ /୧୪୩୦ | ରୟତି | ଡଙ୍ଗର-୧ | ୦.୦୦୪ | ବିଜୟ ବିଶ୍ୱାସ |
| ୭୯ | ମାଲକାନଗିରି | କାଲିମେଳା | ତମସା | ୨୮୦/୧୩୧୭ /୧୪୩୯ | ରୟତି | ଡଙ୍ଗର-୧ | ୦.୦୦୬ | ମଳୟ ସରକାର |
| ୮୦ | ମାଲକାନଗିରି | କାଲିମେଳା | ତମସା | ୨୮୦/୧୩୧୭ /୧୪୬୩ | ରୟତି | ଡଙ୍ଗର-୧ | ୦.୦୦୮ | ହୀରାଧନ ମଣ୍ଡଳ |
| ୮୧ | ମାଲକାନଗିରି | କାଲିମେଳା | ତମସା | ୨୮୦/୧୫୦୧ | ରୟତି | ଡଙ୍ଗର-୧ | ୦.୦୦୯ | ସୁଶାନ୍ତ ସର୍ଦ୍ଦାର |
| ୮୨ | ମାଲକାନଗିରି | କାଲିମେଳା | ତମସା | ୪୨୫ | ସରକାରୀ | ନୟନଯୋଡ଼ି | ୦.୦୦୨ | ପୂର୍ତ୍ତ ବିଭାଗ |
| ୮୩ | ମାଲକାନଗିରି | କାଲିମେଳା | ତମସା | ୪୨୬ | ରୟତି | ଧାନ-୧ | ୦.୧୯୮ | ଗୁରୁ ମାଡ଼କାମି ଏବଂ ଅନ୍ୟ |
| ୮୪ | ମାଲକାନଗିରି | କାଲିମେଳା | ତମସା | ୪୨୭ | ସରକାରୀ | ନାଳ | ୦.୩୭୦ | ଆବାଦ ଅଯୋଗ୍ୟ ଅନାବାଦି |
| ୮୫ | ମାଲକାନଗିରି | କାଲିମେଳା | ତମସା | ୪୨୮ | ସରକାରୀ | ନଦୀ | ୦.୦୭୧ | ଆବଦା ଅଯୋଗ୍ୟ ଅନାବାଦି |
| ୮୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୧ | ସରକାରୀ | ନଦୀ | ୦.୦୭୨ | ଆବଦା ଅଯୋଗ୍ୟ ଅନାବାଦି |
| ୮୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୨ | ସରକାରୀ | ପତିତ | ୦.୦୮୮ | ସରକାରୀ |
| ୮୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୨/୪୮୬୯ | ରୟତି | ଘରବାରି | ୦.୦୧୬ | ରଞ୍ଜିତା ଖରା |
| ୮୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୨/୫୦୧୬ | ରୟତି | ଘରବାରି | ୦.୦୧୬ | ସୁନିତା ଖରା |
| ୯୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୨/୫୪୮୬ | ରୟତି | ଘରବାରି | ୦.୦୦୮ | ରଞ୍ଜିତା ଖରା |
| ୯୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୪୯୫ | ସରକାରୀ | ରାସ୍ତା | ୦.୦୩୨ | ସର୍ବସାଧାରଣ |
| ୯୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୦ | ସରକାରୀ | ପତିତ | ୦.୦୭୭ | ଆବଦା ଅଯୋଗ୍ୟ ଅନାବାଦି |
| ୯୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୦/୫୦୧୯ | ରୟତି | ଧାନ - ୨ | ୦.୩୪୨ | ଦେବା ମାଢ଼ି |
| ୯୪ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୦/୫୦୨୦ | ରୟତି | ଧାନ - ୨ | ୦.୧୫୯ | ଲାକେ ପଡ଼ିଆମି |
| ୯୫ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧ | ରୟତି | ଡଙ୍ଗର - ୧ | ୦.୦୦୬ | ରୀନା ରାଣୀ ମଜୁମଦାର |
| ୯୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୪୯୫୭ | ରୟତି | ଘରବାରି | ୦.୦୧୬ | ବିପୁଳ ବିଶ୍ୱାସ |
| ୯୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୩ | ରୟତି | ଡଙ୍ଗର - ୧ | ୦.୦୨୦ | ଦୁଲାଲ ବିଶ୍ୱାସ |
| ୯୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୩ /୫୪୪୮ | ରୟତି | ଘରବାରି | ୦.୦୧୬ | ଦୁଲାଲ ବିଶ୍ୱାସ |
| ୯୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୫ | ରୟତି | ଡଙ୍ଗର - ୧ | ୦.୦୩୬ | ହରିଦାସ ବିଶ୍ୱାସ |
| ୧୦୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୭ | ରୟତି | ଡଙ୍ଗର - ୧ | ୦.୦୩୭ | ବିଧୁଭୂଷଣ ବିଶ୍ୱାସ |
| ୧୦୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୯ | ରୟତି | ଡଙ୍ଗର - ୧ | ୦.୦୨୦ | ମୋତି ଲାଲ ବିଶ୍ୱାସ |
| ୧୦୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୩୯ /୫୪୪୬ | ରୟତି | ଘରବାରି | ୦.୦୨୦ | ମୋତି ଲାଲ ବିଶ୍ୱାସ |
| ୧୦୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୪୧ | ରୟତି | ଡଙ୍ଗର - ୧ | ୦.୦୨୪ | ରାଜେଶ୍ୱର ବିଶ୍ୱାସ |
| ୧୦୪ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୪୧ /୫୪୪୭ | ରୟତି | ଘରବାରି | ୦.୦୧୬ | ରାଜେଶ୍ୱର ବିଶ୍ୱାସ |
| ୧୦୫ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୪୩ | ରୟତି | ଡଙ୍ଗର - ୧ | ୦.୦୪୧ | ଗୁରୁପଦ ବିଶ୍ୱାସ |
| ୧୦୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୧୪୫ | ରୟତି | ଡଙ୍ଗର - ୧ | ୦.୦୧୪ | ବିପୁଳ ବିଶ୍ୱାସ |
| ୧୦୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୨୧୪ | ରୟତି | ଡଙ୍ଗର - ୧ | ୦.୦୦୫ | ଚମ୍ପା ମଜୁମଦାର |
| ୧୦୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୨୧୬ | ରୟତି | ଡଙ୍ଗର - ୧ | ୦.୦୧୨ | କାଶୀନାଥ ସରକାର |
| ୧୦୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୨୧୮ | ରୟତି | ଡଙ୍ଗର - ୧ | ୦.୦୧୨ | ଆନିମା ବିଶ୍ୱାସ |
| ୧୧୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୧/୫୨୨୦ | ରୟତି | ଡଙ୍ଗର - ୧ | ୦.୦୦୫ | ମଦନ ମୋହନ ସରକାର |
| ୧୧୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨ | ରୟତି | ଡଙ୍ଗର - ୧ | ୦.୦୮୧ | ମନୋରଞ୍ଜନ ବଳ |
| ୧୧୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୫୩ | ରୟତି | ଘରବାରି | ୦.୦୦୯ | ରଞ୍ଜିତ ମିସ୍ତ୍ରୀ |
| ୧୧୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୫୩ /୪୮୭୨ | ରୟତି | ଘରବାରି | ୦.୦୧୧ | ରଞ୍ଜିତ ମିସ୍ତ୍ରୀ |
| ୧୧୪ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୫୪ | ରୟତି | ଘରବାରି | ୦.୦୧୩ | ନୀଳିମା ମଜୁମଦାର |
| ୧୧୫ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୫୪ /୪୮୯୪ | ରୟତି | ଘରବାରି | ୦.୦୦୬ | ନୀଳିମା ମଜୁମଦାର |
| ୧୧୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୫୪ /୫୪୦୧ | ରୟତି | ଘରବାରି | ୦.୦୧୯ | ସୁଜୟ ମଜୁମଦାର |
| ୧୧୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୬୭ | ରୟତି | ଘରବାରି | ୦.୦୩୦ | ପଙ୍କଜ କୁମାର ଦେବନାଥ |
| ୧୧୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୬୭ /୪୮୬୮ | ରୟତି | ଘରବାରି | ୦.୦୧୬ | ପରେଶ ଚନ୍ଦ୍ର ନାଥ |
| ୧୧୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୭୩ | ରୟତି | ଘରବାରି | ୦.୦୨୦ | ମୋନିକା ବିଶ୍ୱାସ |
| ୧୨୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୮୮୨ /୪୯୯୯ | ରୟତି | ଘରବାରି | ୦.୦୨୦ | ସୀମାରାନୀ ହାଲଦାର |
| ୧୨୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୯୬୭ | ରୟତି | ଘରବାରି | ୦.୦୨୨ | କାଳୀଦାସୀ ସରଦାର |
| ୧୨୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୪୯୭୨ | ରୟତି | ଘରବାରି | ୦.୦୧୩ | ହିରାମୋହନ ମଣ୍ଡଳ |
| ୧୨୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୨/୫୧୭୫ | ରୟତି | ଘରବାରି | ୦.୦୨୫ | ଦେବରାଜ ସିଂ |
| ୧୨୪ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୩ | ରୟତି | ଡଙ୍ଗର - ୧ | ୦.୦୨୪ | ହରେକୃଷ୍ଣ ସିକ୍କାର |
| ୧୨୫ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୩/୫୧୨୦ | ରୟତି | ଘରବାରି | ୦.୦୨୬ | ସତୀନ୍ଦ୍ର ନାଥ ସିକ୍କାର |
| ୧୨୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୧୩/୫୧୩୧ | ରୟତି | ଘରବାରି | ୦.୦୧୧ | ପ୍ରତାପ ମିସ୍ତ୍ରୀ |
| ୧୨୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୧ | ସରକାରୀ | ରାସ୍ତା | ୦.୧୩୭ | ପୂର୍ତ୍ତ ବିଭାଗ |
| ୧୨୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୨ | ସରକାରୀ | ନୟନଯୋଡ଼ି | ୦.୧୧୧ | ପୂର୍ତ୍ତ ବିଭାଗ |
| ୧୨୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୪ | ସରକାରୀ | ପତିତ | ୦.୦୦୮ | ଆବାଦ ଯୋଗ୍ୟ ଅନାବାଦି |
| ୧୩୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୫ | ରୟତି | ଡଙ୍ଗର - ୧ | ୦.୦୦୯ | ବୀଣା ଭକ୍ତ ଏବଂ ଅନ୍ୟ |
| ୧୩୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୬ | ସରକାରୀ | ପତିତ | ୦.୦୨୦ | ଆବାଦ ଯୋଗ୍ୟ ଅନାବାଦି |
| ୧୩୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୭ | ରୟତି | ଡଙ୍ଗର - ୧ | ୦.୦୩୩ | ଫୁଲମାଳା ମଣ୍ଡଳ |
| ୧୩୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୮୯୮ | ରୟତି | ଡଙ୍ଗର - ୧ | ୦.୦୦୭ | କିଶୋର ରଞ୍ଜନ ବିଶ୍ୱାସ |
| ୧୩୪ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୯୦୭ | ରୟତି | ଡଙ୍ଗର - ୧ | ୦.୦୧୧ | ସୁଶିଳା ବିଶ୍ୱାସ |
| ୧୩୫ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୯୦୮ | ରୟତି | ଡଙ୍ଗର - ୧ | ୦.୦୦୫ | ରମେନ୍ଦ୍ରନାଥ ବିଶ୍ୱାସ |
| ୧୩୬ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୯୦୮ /୪୯୬୫ | ରୟତି | ଡଙ୍ଗର - ୧ | ୦.୦୦୬ | ଚପଳା ରାଣୀ ବିଶ୍ୱାସ |
| ୧୩୭ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୯୧୦ | ରୟତି | ଘରବାରି | ୦.୦୦୩ | ଅନିଲ ବିଶ୍ୱାସ |
| ୧୩୮ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୪୯୪୭ | ରୟତି | ଡଙ୍ଗର - ୧ | ୦.୦୦୪ | ସୁନିଲ ବିଶ୍ୱାସ |
| ୧୩୯ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୫୩୭୮ | ରୟତି | ଡଙ୍ଗର - ୧ | ୦.୦୦୪ | କାବେରୀ ମଣ୍ଡଳ |
| ୧୪୦ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୫୩୭୯ | ରୟତି | ଘରବାରି | ୦.୦୦୪ | କାକଳି ବିଶ୍ୱାସ |
| ୧୪୧ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୨୮/୫୪୩୫ | ରୟତି | ଡଙ୍ଗର - ୧ | ୦.୦୦୪ | ଅନିଲ ବିଶ୍ୱାସ |
| ୧୪୨ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୩୦/୪୮୯୭ | ରୟତି | ଘରବାରି | ୦.୦୦୭ | ଅର୍ଚ୍ଚନା ସରକାର |
| ୧୪୩ | ମାଲକାନଗିରି | କାଲିମେଳା | ତଣ୍ଡାପଲି | ୧୫୩୦/୫୦୦୩ /୫୨୯୯ | ରୟତି | ଘରବାରି | ୦.୦୧୧ | ଜନାର୍ଦ୍ଦନ ମଣ୍ଡଳ |
| ୧୪୪ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୨ | ସରକାରୀ | ରାସ୍ତା | ୦.୧୧୭ | ପୂର୍ତ୍ତ ବିଭାଗ |
| ୧୪୫ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୨୩ | ରୟତି | ଧାନ - ୨ | ୦.୨୨୧୧ | ରତନ ହନ୍ତାଳ |
| ୧୪୬ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୨୩/୧୦୫୬ | ରୟତି | ଧାନ - ୨ | ୦.୦୧୬୨ | ପ୍ରଫୁଲ୍ଲ କୁମାର ସ୍ୱାଇଁ |
| ୧୪୭ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୨୩୮ | ରୟତି | ଧାନ - ୨ | ୦.୦୦୬୫ | ସହଦେବ ଖରା |
| ୧୪୮ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୩ | ସରକାରୀ | ରାସ୍ତା | ୦.୧୨୦୨ | ପୂର୍ତ୍ତ ବିଭାଗ |
| ୧୪୯ | ମାଲକାନଗିରି | କାଲିମେଳା | କୋଟ୍ରୀମାଝିଗୁଡ଼ା | ୪ | ସରକାରୀ | ରାସ୍ତା | ୦.୦୬୧୧ | ପୂର୍ତ୍ତ ବିଭାଗ |
| ୧୫୦ | ମାଲକାନଗିରି | କାଲିମେଳା | ସଲପଦର | ୨୧୮ | ସରକାରୀ | ଦାଣ୍ଡ | ୦.୦୦୬ | ସର୍ବସାଧାରଣ |
| ୧୫୧ | ମାଲକାନଗିରି | କାଲିମେଳା | ସଲପଦର | ୨୨୫ | ରୟତି | ଡଙ୍ଗର - ୨ | ୦.୦୦୪ | ରାଧବ ଗୋଲଦାରୀ |
| ୧୫୨ | ମାଲକାନଗିରି | କାଲିମେଳା | ସଲପଦର | ୨୩୩ | ସରକାରୀ | ନୟନଯୋଡ଼ି | ୦.୦୪୪ | ରକ୍ଷିତ |
| ୧୫୩ | ମାଲକାନଗିରି | କାଲିମେଳା | ସଲପଦର | ୨୩୪ | ସରକାରୀ | ରାସ୍ତା | ୦.୨୧୧ | ରକ୍ଷିତ |
| ୧୫୪ | ମାଲକାନଗିରି | କାଲିମେଳା | ସଲପଦର | ୨୩୫ | ସରକାରୀ | ରାସ୍ତା | ୦.୦୯୫ | ରକ୍ଷିତ |
| ୧୫୫ | ମାଲକାନଗିରି | କାଲିମେଳା | ସଲପଦର | ୨୩୮ | ସରକାରୀ | ଏସ୍.ଏସ୍.ଜେ | ୦.୪୭୪ | ରକ୍ଷିତ |

ସ୍ୱା./- ଡେପୁଟି କଲେକ୍ଟର ତଥା ଭୂ-ଅର୍ଜନ ଅଧିକାରୀ କ୍ଷମତା ପ୍ରାପ୍ତ ଅଧିକାରୀ
HL Bridge କଲେକ୍ଟରେଟ, ମାଲକାନଗିରି ଜିଲ୍ଲା

OIPR-24074/14/0001/2324

# ପକ୍ଷୀ ପରି ବସିବି

## ଅନୁବାଦ ଗଳ୍ପ

**ମୂଳ ମାଲୟାଲମ୍– ପୁନାଥିଲ୍ କୁନ୍ହାବଦୁଲ୍ଲା**
**ଅନୁସୃଜନ– ସୂଚନା ପାଢ଼ୀ**

ଶେଷରେ କାର୍ ଆସି ପହଞ୍ଚିଲା, 'ସେହି ଲୋକ' ଓହ୍ଲାଇଲା ; ଯାହାକୁ ବର୍ଷ ବର୍ଷ ଧରି ସେ ଅପେକ୍ଷା କରିଥିଲା। ସେହି ଲୋକ ନାଁ ଚନ୍ଦ୍ରନ୍, ଭାରୋତ୍ତୋଳନରେ ସୁନାମ ଅର୍ଜନ କରିଥିବା ଯୁବକ। ଅପେକ୍ଷାରେ ଥିଲା ଚନ୍ଦ୍ରିକା।

ଚନ୍ଦ୍ରିକା ସେଇ ଲୋକଟି କଥା ଦିନରାତି ଭାବୁଥିଲା। କାରଣ ସେ ଚନ୍ଦ୍ରନ୍, ନିଜେ ଚନ୍ଦ୍ରିକା। ପୁଅ ନାଁ ସିସି ଚନ୍ଦ୍ରନ୍, ଚନ୍ଦ୍ରନ୍ ବ୍ରଦର୍ସ କମ୍ପାନୀର ମ୍ୟାନେଜିଂ ପାର୍ଟନର। ସେମାନଙ୍କର ପ୍ରାୟ ଶହେଟି ଟ୍ରକ୍ ବ୍ୟବସାୟ କାମରେ ଲାଗିଥିଲା, ତା'ଛଡ଼ା ତିନୋଟି ଲୁଗାକଳ, ରାସାୟନିକ ଔଷଧ ତିଆରି କାରଖାନା... ଯେଉଁ କାରଖାନାର ଔଷଧ ଧରିତ୍ରୀରୁ ଆକାଶ ବିଷାକ୍ତ କରିଦେଇପାରିବ। ଚନ୍ଦ୍ରନ୍ ଟ୍ରେଡ ୟୁନିୟନ ନେତାମାନଙ୍କୁ ନିୟନ୍ତ୍ରଣ କରିବାର ଅଦ୍ଭୁତ କଳା ହାସଲ କରିଥିଲା। ଚନ୍ଦ୍ରିକା ହୃଦୟର ରାଜକୁମାର ସେଇ ଚନ୍ଦ୍ରନ୍।

ସେଦିନ ଚନ୍ଦ୍ରନ୍‌ର କାର୍ ଚନ୍ଦ୍ରିକା ଘର ଫାଟକ ପାଖରେ ପହଞ୍ଚିବା ପରେ ସାଲ୍ୟୁଟ୍ ମାରି ଜଗୁଆଳି ଫାଟକ ଖୋଲିଥିଲା, ଅପେକ୍ଷାରତା ଚନ୍ଦ୍ରିକା ପ୍ରତି ନମସ୍କାର ଜଣାଇ ସ୍ୱାଗତ କଲା। ସୁସଜ୍ଜିତ ଡ୍ରଇଂରୁମ୍‌କୁ ଆସି ଦୁହେଁ ମୁହାଁମୁହିଁ ବସିଲେ, ମୁହଁରେ ସ୍ମିତହାସ୍ୟ। କ'ଣ କହିବ କେମିତି କହିବ, କେଉଁଠୁ କଥା ଆରମ୍ଭ କରିବ ଜାଣିପାରୁ ନ ଥିଲା ଚନ୍ଦ୍ରିକା, ଅଥଚ ଆଜିର ମୁହୂର୍ତ୍ତ ଆକାଂକ୍ଷା ପୂରଣର ସମୟ। ମୁଣ୍ଡ କାହିଁକି ଘୂରେଇଯାଉଛି! ଅସ୍ତବ୍ୟସ୍ତ ଲାଗୁଛି... କାହିଁକି!

ପ୍ରକୃତ କଥା ହେଲା ଚନ୍ଦ୍ରିକା କଲେଜରେ ପଢ଼ିବା ଦିନଠାରୁ ଚନ୍ଦ୍ରନ୍‌କୁ ଭଲପାଏ... ସମ୍ମାନ କରେ। ଚନ୍ଦ୍ରନ୍ ଅପେକ୍ଷା ଅଧିକ ସୌମ୍ୟବନ୍ତ, ଧନୀ ଯୁବକ ଚନ୍ଦ୍ରିକା ପ୍ରତି ଆକୃଷ୍ଟ ହେଲେ ମଧ୍ୟ ଚନ୍ଦ୍ରିକା ଚାହେଁ ଚନ୍ଦ୍ରନ୍... ତା' ମନର ମଣିଷ। କିନ୍ତୁ ଚନ୍ଦ୍ରନ୍, କିଛି ନ ବୁଝିପାରିବା ଭଙ୍ଗୀରେ ଏଡ଼େଇଯାଏ। କଲେଜ ପଢ଼ା ସମୟରେ ଅନେକଥର ମୁହାଁମୁହିଁ ହେଉଥିଲେ, କିନ୍ତୁ ଚନ୍ଦ୍ରନ୍‌ର ଅଣଦେଖା ଅସହ୍ୟ କରିଦିଏ ଚନ୍ଦ୍ରିକାକୁ।

ପ୍ରେମିକ ଚନ୍ଦ୍ରନ୍‌ଙ୍କୁ ବିଭିନ୍ନ ଉପାୟରେ ମନକଥା ଜଣାଇବାରେ ହେଳା କରୁ ନ ଥିଲା... ପ୍ରତ୍ୟୁତ୍ତର ପାଏନା। ଅପେକ୍ଷା ଉପେକ୍ଷା ? ବର୍ଷ ବର୍ଷ ଧରି ଗ୍ରହମାନେ କକ୍ଷ ପଥରେ ଘୂରିବୁଲିବା ପରି ଚନ୍ଦ୍ରନ୍ ଚାରିପାଖେ ବୁଲୁଥିଲା ଚନ୍ଦ୍ରିକା... ଏକ କକ୍ଷଚ୍ୟୁତ ଗ୍ରହ ?

କଲେଜପଢ଼ା ସରିଲା... ବଦଳିଗଲା ଦୁହିଁଙ୍କ ଜୀବନର ଚଲାପଥ।

ଚନ୍ଦ୍ରିକା ନିଜ ପରିବାରର କୌଳିକ କାର୍ଯ୍ୟରେ ଯୋଗଦେଲା।

ଚନ୍ଦ୍ରନ୍ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପାଇଲା।

ଚନ୍ଦ୍ରିକା କାର୍ଯ୍ୟଭାର ଗ୍ରହଣ କରିବା ପରେ ତା' ମା' କହିଲେ– ଝିଅ! ଏଥର ଦାୟିତ୍ୱ ତୋର। ଇଂଲିଶ୍ ପଢ଼ୁଆ ଝିଅ ପଶ୍ଚାତ୍‌ପଦ ନ ହୋଇ ସମ୍ମତି ଜଣାଇଥିଲା।



ପ୍ରତିଦିନ ଇଂଲିଶ ସମ୍ବାଦପତ୍ର ପଢ଼ିବାବେଳେ ପ୍ରଥମେ ଦୃଷ୍ଟି ବୁଲାଇନିଏ କ୍ରୀଡ଼ା ଖବର, ଛାପା ଅକ୍ଷରରେ ଚନ୍ଦ୍ରନ୍ ନାଁ ଦେଖିଲେ ଛାତି କୁଣ୍ଢେମୋଟ ହୋଇଯାଏ, ଦେହ ଶୀତେଇଉଠେ। ଚନ୍ଦ୍ରନ୍ ମଧ୍ୟ ଭାରୋତ୍ତୋଳନର ବିଭିନ୍ନ ବିଷୟରେ ନୂଆ ତଥ୍ୟ ସଂଗ୍ରହରେ ବ୍ୟସ୍ତ ଥାଏ।

ସେଦିନର ଦୁର୍ଯୋଗ, ହଠାତ୍ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ କୋମା ଅବସ୍ଥାକୁ ଚାଲିଗଲା ଚନ୍ଦ୍ରନ୍। ଚିକିତ୍ସା ପାଇଁ ଅନେକଦିନ ହସ୍ପିଟାଲରେ ରହିଲା। ପଡ଼ିଶା ରୁମ୍‌ରେ ଥିଲା ଚନ୍ଦ୍ରିକା। ଚେତା ଫେରିବା ପରେ ଜାଣିବାକୁ ପାଇଲେ ଦୁହିଁଙ୍କ କାର୍ ଦୁର୍ଘଟଣା ହେତୁ ଦୁହେଁ ଆଘାତପ୍ରାପ୍ତ।

ପ୍ରଥମେ ସୁସ୍ଥ ହୋଇଉଠିଲା ଚନ୍ଦ୍ରନ୍। ଚନ୍ଦ୍ରିକା ରୁମ୍‌କୁ ଯାଇ ଦେଖିଲା, ଅସୁସ୍ଥ ଚନ୍ଦ୍ରିକା, ଆହୁରି ସାତଦିନ ରହି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରଥମଥର ପାଇଁ ଏକ ଲୟରେ ମୁହଁକୁ ଚାହିଁରହି ପଚାରିଲା–

– କିମିତି ଅଛ ?
– ଭଲ ଅଛି।
– ତୁମେ ?
– ପୂରାପୂରି ସୁସ୍ଥ। କି ସାହାଯ୍ୟ କରିବି ?
– ଆମ ଘରକୁ ଥରେ ଆସିପାରିବ ?
– ନିଶ୍ଚୟ... ନିଶ୍ଚୟ ଆସିବି। ନିଶ୍ଚୟ ଶବ୍ଦ ପ୍ରତିଧ୍ୱନିତ ହୋଇଥିଲା ହସ୍ପିଟାଲ କୋଠରିରେ।

ସୁସ୍ଥ ହେବା ପରେ ଚନ୍ଦ୍ରିକା ଘରକୁ ଫେରିଲା, କଥା ରଖି ଚନ୍ଦ୍ରନ୍ ଯାଇଥିଲା ତାଙ୍କ ଘରକୁ... ସଲାମ ଜଣାଇ ସ୍ୱାଗତ କଲା ଫାଟକ ଜଗୁଆଳି।

ଡ୍ରଇଂ ରୁମ୍‌ରେ ଦୁହେଁ ବସିଲେ, ଅଥଚ ରୁମ୍ ଭିତରେ ଅଖଣ୍ଡ ନୀରବତା... ଅଭେଦ୍ୟ ଗମ୍ଭୀରତା! ଅନେକ ସୁସ୍ୱାଦୁ ଖାଦ୍ୟ ପରଷିଦେଇଗଲା ଖାନ୍‌ସମା। ଟୋପିପିନ୍ଧା ଖାନ୍‌ସମା ସାଟେଲାଇଟ୍ ଘୂରିବା ପରି କୋଠରି ଭିତରେ ଏପାଖସେପାଖ ହେଉଥିଲା।

ମୁହାଁମୁହିଁ ବସିଥିଲେ ଚନ୍ଦ୍ରିକା– ଚନ୍ଦ୍ରନ୍। ଜୁସ୍ ପିଇସାରି ଚନ୍ଦ୍ରନ୍ କହିଲା– ପେଟ ପୂରିଗଲା। ଡ୍ରାଇଫ୍ରୁଟ୍ ଖାଇ ଚନ୍ଦ୍ରିକା କହିଲା– ପେଟ ପୂରିଗଲା।

ତା' ପରେ ଟିସୁ ପେପର୍‌ରେ ହାତ ପୋଛି ଦୁହେଁ ଶୋଇବା ଘର ଖଟ ଉପରେ ଆଣ୍ଠୁମାଡ଼ି ବସିଲେ।

କ'ଣ ଚାହଁ ? ଚନ୍ଦ୍ରନ୍‌ର ପ୍ରଶ୍ନ।
– ଯାହା ଚାହେଁ ଦେଇପାରିବ ?
– କୁହ... ହଁ... ପାରିବି।

କାଳ ବିଳମ୍ବ ନ କରି ଚନ୍ଦ୍ରିକା କହିଲା– ତୁମେ ଜଣେ ସ୍ୱନାମଧନ୍ୟ ୱେଟ୍‌ଲିଫ୍ଟର। ମୋତେ ତୁମ ହାତରେ ଉଠେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଟେକିକି ରଖିପାରିବ ? ମୁଁ ତୁମ ବାହୁରେ ପକ୍ଷୀଟିଏ ବସିବା ପରି ରହିବାକୁ ଚାହେଁ।

– ଠିକ୍ ଅଛି, ପାରିବି କିନ୍ତୁ ରୁମ୍ ଭିତରେ ସେ କାମ କରିହେବନି, ସମୁଦ୍ରକୂଳ ଯିବା ଚାଲ।
– ସମୁଦ୍ରକୂଳ!
– ହଁ, ସେଠାରେ ଖୋଲା ଜାଗାରେ ହିଁ ମୁଁ ତୁମକୁ ଉଠେଇ ଧରିପାରିବି, ତାହା ହିଁ ହେବ ମୋର ଶେଷ ଭାରୋତ୍ତୋଳନ। ଯଦି ରାଜି ପ୍ରସ୍ତୁତ ହୁଅ, ଯିବା।

ମନ ଭିତରେ ବାରମ୍ବାର ଶୁଣାଯାଉଥିଲା... ପ୍ରସ୍ତୁତ ହୁଅ, ଯିବା, ପ୍ରସ୍ତୁତ ହୁଅ...। ଯିବି... ଯିବି...।

ଖଦିକନା ତିଆରି ନୂଆ ଡ୍ରେସ୍, ଆମେରିକାରୁ ପୁରୁଷ ବନ୍ଧୁ ପଠାଇଥିବା ଲମ୍ବା ସ୍କାର୍ଫ ବେକରେ ଗୁଡ଼େଇ ଯିବାକୁ ପ୍ରସ୍ତୁତ ହେଲା। ଏତେ ବଡ଼ ସ୍କାର୍ଫ! ପଚାରିଲା ଚନ୍ଦ୍ରନ୍। ହଁ... ଏଇଟି ମୋ' ବନ୍ଧୁର ସ୍ମୃତି... ଖୁବ୍ ବଡ଼, କିନ୍ତୁ ଦିଆସିଲି ଖୋଳରେ ରହିପାରିବ।

କାହା ମନରେ କ'ଣ ଥିଲା କେଜାଣି ? ଗାଡ଼ି ଆଗେଇଲା ସମୁଦ୍ରକୂଳ ଦୁଇଟି ମନକୁ ନେଇ।

ଜନଶୂନ୍ୟ ସମୁଦ୍ର କୂଳେ କୂଳେ ଚାଲୁଥିଲା କାର୍। ମତୁଆଲା କରୁଥିଲା ସମୁଦ୍ର ପବନ, ଉତ୍ତାଳ ଢେଉ। ଆଃ କି ବଢ଼ିଆ ଜାଗା! ଚନ୍ଦ୍ରନ୍!

ଗୀତ ବୋଲି ପାରିବ ?
– ହଁ, ନିଶ୍ଚୟ... ନିଶ୍ଚୟ... ଶୁଣ।

ଜୀବନ ଯନ୍ତ୍ରଣା ଭୁଲିହୁଏନା
ଜାଣିପାରୁଛି ମୁଁ ଜାଣିପାରୁଛି
ଯେମିତି ଥିଲା ଆଜି ସେମିତି ଅଛି।

ଚାଲି ଯାଇଅଛି ଯେଉଁ ସମୟ
ସେଇ ପରିଧିରେ ବଞ୍ଚିଛି,
ମୁଁ ବଞ୍ଚିରହିଛି।
ଭଙ୍ଗା କାଚ ମୁଁ
ଦେଇଛ ଦୂରେଇ
ପାରାବାର ସ୍ୱପ୍ନ, ଅଥୟ କରୁଛି
ଆସିବ କି ସେ ଦିନ
ଫେରିବାକୁ ଚାହୁଁଛି
ଯନ୍ତ୍ରଣା ଭରା ଭଗ୍ନ ହୃଦୟ
ଅବାରିତ ଲୁହ ଆଖିରୁ ଝରୁଛି
ଅତୀତ ଯାଇଛି... ଫେରିବ କହିଛି
ଅତୀତ...
ପାଇବାର ସ୍ୱପ୍ନ ଅଧିର କରୁଛି।

ଗୀତ ଶୁଣି ଚନ୍ଦ୍ରିକା କୋହ ସମ୍ଭରଣ କରିପାରିଲା ନାହିଁ। ବେକରେ ଗୁଡ଼େଇଥିବା ଲମ୍ବା ସ୍କାର୍ଫଟି କେତେବେଳେ କାର୍ ଝରକା ବାଟେ ଉଡ଼ିଯାଇ ପଛ ଚକରେ ଗୁଡ଼େଇ ହୋଇଗଲା। ଗୋଟିଏ ପାଖ ତା' ବେକରେ ଅନ୍ୟ ପାଖ ଗାଡ଼ି ଚକରେ। ଶ୍ୱାସରୁଦ୍ଧ ଅବସ୍ଥା, ନିଶ୍ଚଳ ହେବାପରି ଅଙ୍ଗପ୍ରତ୍ୟଙ୍ଗ। ଡାକୁଥିଲା ଚନ୍ଦ୍ରନ୍! ଚନ୍ଦ୍ରନ୍! ସମୁଦ୍ର ଶବ୍ଦରେ ଶୁଣିପାରି ନ ଥିଲା ଚନ୍ଦ୍ରନ୍। ଗୀତ ବୋଲି ଚାଲିଥିଲା...

କାନ୍ଦି କାନ୍ଦି ବଞ୍ଚିଛି
ଏକାକୀ ସ୍ୱପ୍ନ ଦେଖୁଛି
କଥା ଦିଅ ହେ ସମୟ!

ମୋ: ୯୪୩୮୬୦୪୮୬୫

## କବିତା

### ନାରୀ ତ ନଈ

**ସୁଜିତ୍ କୁମାର ମିଶ୍ର**

କେହି କେବେ ଦେଖିଚ କି
ନଈକୁ କାନ୍ଦିବାର,
ନାରୀ ତ ନଈ...
କାନ୍ଦକୁ କାନ୍ଧେଇ ସେ ଭାସିଯାଏ
ସମୟ ସୁଅରେ!

ଗୋଟିଏ ଘରେ ଶଙ୍ଖା ସିନ୍ଦୂର ଦେଇ
ତାକୁ ବାନ୍ଧିଦିଅ,
ତା' ବିଳାପରେ ହୁଏତ ଖୋଲିଯିବ
ଅବରୁଦ୍ଧ ସମସ୍ତ ହୃଦୟ,
ବିମୁକ୍ତିର ମୁଠାଏ ଫଗୁଣ!

କେବେ ଶୂନ୍ୟ ସଂଚାରିଣୀ
ଡେଣାଲଗା ପରୀଟିଏ ନାରୀ,
କେବେ ବିଖଣ୍ଡିତ ସେ ପକ୍ଷ
ତୀବ୍ର ଯନ୍ତ୍ରଣାର କାକୁସ୍ଥ ସ୍ୱରଟିଏ
ଗୁମୁରି କାନ୍ଦେ
ନଦ ନଦୀ ବିଲ ବଣ ସବୁଜ ପ୍ରାନ୍ତର,
କୁହତ –
ମାଧବୀଲତାର ମୃତ୍ୟୁପରେ
ଆଉ କ'ଣ ଜନ୍ମ ହୋଇନି ନାରୀର ?
ମମିତାର ବୀଭତ୍ସ ହତ୍ୟାକାଣ୍ଡ ପରେ
ଆଉ କ'ଣ ଘଟିନାହିଁ
ନାରୀ ନିର୍ଯ୍ୟାତନା ?
ବୋହି ନାହିଁ ଶ୍ରାବଣର ଅଶ୍ରୁ ?
ଏତେ ସବୁ ପରେ ବି
ନାରୀଟିଏ ଏତେ କୋମଳ କାହିଁକି,
କାହିଁକି ବାନ୍ଧିରଖେ ତା' ମମତାର
ପଣତକାନିରେ!

ନାରୀ କେବଳ ନଦୀ ନୁହେଁ
ସେ ସୁଶୀଳତା ମିଠା ଝରଟିଏ,
ତୃପ୍ତ କରାଉଥାଏ
ସମସ୍ତ ତୃଷାର୍ତ୍ତ ଆତ୍ମା
ପୁଲକର ମହୁଆ ନିଶାରେ
ବିଗଳିତ କରୁଥାଏ ହୃଦୟ,
ସେ ଛଳଛଳ
ପାହାଡ଼ି ମିଠା ଝରଟିଏ
ବହୁଥାଏ ସଦା କାଳକାଳ!

ମୋ: ୭୬୮୩୮୬୭୭୪୨

### ତମାମ ଜନ୍ମ

**ମନୋରମା ସାହୁ**

ତମାମ ଜନ୍ମ କମ୍ ପଡ଼ିଯାଏ
ଗୋଟିଏ ମନକୁ ବୁଝିବା ପାଇଁ
ଛାତିତଳେ ଶ୍ରାବଣ ସଙ୍ଗୀତ ଗାଉଥାଏ
କିନ୍ତୁ ଆଖିତଳେ
ବୈଶାଖର ଖାଁ ଖାଁପଣ
ଦିଶୁଥାଏ ତ ଦିଶୁଥାଏ।

ଆଲୁଅଠାରୁ ଅନ୍ଧାରର ଆୟୁଷ
ବୋଧହୁଏ ଅନେକ ଲମ୍ବା
ଯାହା ସରିଲା ଭଳି ଲାଗୁଥାଏ
କିନ୍ତୁ ସରୁନଥାଏ, ସରୁନଥାଏ।

ଜହ୍ନରାତି ବାଟଭାଙ୍ଗି ଚାଲିଯାଏ
ଅମାବାସ୍ୟା ଆସନ ପାତି ବସିଥାଏ
ଫୁଲରୁ ବାସ୍ନା ସରିବା ପରେ ବି
ଭଅଁରଟିଏ ଉଡୁଥାଏ ତ ଉଡୁଥାଏ।

ପାଖରେ କେଉଁଠି ରତୁଟିଏ
କଡ଼ ଲେଉଟାଉଥାଏ
ସମ୍ମୋହନର ସ୍ୱାଗତିକା ସହ
ନିରୁତା ନିପାରିଲାପଣ
ସାଲିସ କରୁଥାଏ ତ କରୁଥାଏ
କଣା ମାଠିଆରେ ତଥାପି
ଜଳ ଭରୁଥାଏ ତ ଭରୁଥାଏ।

ଯନ୍ତ୍ରଣାର ମଞ୍ଜିରୁ ଜୀବନର ଗଜାଟିଏ
ଅଙ୍କୁରୋଦ୍‌ଗମ ପାଇଁ
ଅପେକ୍ଷା କରିଥାଏ ତ କରିଥାଏ
ସେତେବେଳକୁ କିନ୍ତୁ
ଦୀପରୁ ତେଲ ସରୁଥାଏ ତ ସରୁଥାଏ।

ମୋ: ୭୭୩୫୦୭୫୦୬୫

### ଅନସୂୟା

**ଯଶୋବନ୍ତ ସେଠୀ**

ଏଇ ତ କିଛିକ୍ଷଣ ପୂର୍ବରୁ
ମୁଁ ସମାଧି ଦେଇ ଆସିଛି ମୋର
ସମସ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଉଦ୍ଦାମତା
ଇଚ୍ଛାମାନଙ୍କର ମୁହୁର୍ମୁହୁଃ ଉଦ୍‌ବେଳନ
ସରାଗମାନଙ୍କର ଅନାବିଳତା
ଅସୂୟାମାନଙ୍କର ଅକଥ୍ୟ ନିର୍ମମତା।

ତମେ ସବୁ ମୋ' ହାତରେ
ତ୍ରିପିଟକଟିଏ ଦେଖି
ଆଶ୍ଚର୍ଯ୍ୟାନ୍ୱିତ ହେଉଥାଇପାର ;
କିନ୍ତୁ କେଉଁଠୁ, କେବେ, କେମିତି, କାହିଁକି
ଏହା ମୋର ହସ୍ତଗତ ହେଲା,
ଜଣେ କେହି ଥରେହେଲେ ତ ପଚାର!

ସତରେ ମୁଁ ବି ଜାଣେନା
ସେ ଥିଲା କେଉଁ ବେହିସାବୀ ରାତ୍ରିର
କେଉଁ ନିଃଶବ୍ଦ ପ୍ରହର।
ଏବଂ ସେତେବେଳେ
ମୋ' କାନକୁ କାହିଁକି ଶୁଭିନଥିଲା
କୁଢ଼କୁଢ଼ ଝରାଶେଫାଳୀ
ଶତଶତ ଅଭିଶପ୍ତା ପାଷାଣୀ
ଅହଲ୍ୟାଙ୍କର
ବେଦନାର ଉଚ୍ଚାଟ ଅନ୍ତଃସ୍ୱର।

ନିର୍ବାଣାର୍ଥେ ମୋର ଏ ଯାତ୍ରା ;
ମତେ କେହି ପଛରୁ ଡାକନା।
ଅବିଶ୍ୱାସ ହେଉଥିଲେ
ମୋର ପେଡ଼ିପୁଟୁଳା ଖୋଲି
ଦେଖିପାର।
ବୁଦ୍ଧ, ଧର୍ମ, ସଂଘର
ଦୁର୍ବାର ଆକର୍ଷଣ ଛଡ଼ା
ଆଉ କିଛି ମିଳିଗଲେ
ହାତଗୋଡ଼ ବାନ୍ଧି ସର୍ବସମ୍ମୁଖରେ
ମତେ ତମେ ହତ୍ୟା କରିପାର।

ମୋ: ୯୪୩୭୩୪୩୪୫୭

## କାଳକାଳକୁ

**"ସୌନ୍ଦର୍ଯ୍ୟର ଅପ୍ରତ୍ୟାଶିତ ଅନୁପ୍ରବେଶ, ତାହା ହିଁ ତ ଜୀବନ।"**

**– ସଲ୍ ବେଲୋ**



**ସଲ୍‌ବେଲୋ**ଙ୍କ ଜନ୍ମ ୧୦ ଜୁଲାଇ ୧୯୧୫ରେ, କାନାଡ଼ାରେ ଓ ପରଲୋକ ୫ ଏପ୍ରିଲ ୨୦୦୫ରେ, ଆମେରିକାରେ। ବିଶ୍ୱବିଦିତ ଏହି ଲେଖକଙ୍କ ରଚନାରେ ଥାଏ ଏକ ଅଭାବିତ ଅନ୍ତର୍ଦୃଷ୍ଟି ଓ ପ୍ରଜ୍ଞାପ୍ରଖର ପ୍ରକାଶଶୈଳୀ। ସବୁ ଲେଖାର ଚେର ଥାଏ ସଂସ୍କୃତିର ଗଭୀରତାରେ। 'Herzog', 'Seize the Day', ଓ 'Henderson the Rain King' ଆଦି ବହୁ କାଳଜୟୀ ଗ୍ରନ୍ଥର ସେ ଗ୍ରନ୍ଥକାର। ବିଶ୍ୱ ସାହିତ୍ୟକୁ ଅମର ଅବଦାନ ପାଇଁ ୧୯୭୬ରେ ତାଙ୍କୁ ମିଳେ 'ପୁଲିଜର ପୁରସ୍କାର' ଓ 'ନୋବେଲ ପୁରସ୍କାର'। ସମକାଳୀନ ସମାଜର ଜଟିଳ ଓ ଦ୍ୱନ୍ଦ୍ୱିଳ ଜୀବନବୋଧ ସଲ୍ ବେଲୋଙ୍କ ପ୍ରତ୍ୟେକଟି ଉପନ୍ୟାସରେ ଯେପରି ଜୀବନ୍ତ, ତା'ର କ୍ୱଚିତ୍ ପଟାନ୍ତର ବିଶ୍ୱ-ସାହିତ୍ୟରେ ଦେଖିବାକୁ ମିଳେ। ୧୯୫୪, ୧୯୬୫ ଓ ୧୯୭୧– ତିନିଥର ସେ 'ଜାତୀୟ ପୁସ୍ତକ ପୁରସ୍କାର'ରେ ସମ୍ମାନିତ। ସେ କହନ୍ତି: "ମୁଁ ବିଜନତାକୁ ଭଲପାଏ, କିନ୍ତୁ ଭାରି ଖୁସିହୁଏ, ଯଦି ସାଙ୍ଗ ମିଳନ୍ତି।"

## ପୁସ୍ତକ ପରିଚୟ

### କବିତା ଏକଶତ



**କବି:** ଡ. ଲିଙ୍ଗରାଜ ରଥ
**ପ୍ରକାଶକ:** ଲିପିକା, ହରିରାଜପୁର, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/–

ଆଲୋଚ୍ୟ କବିତା ପୁସ୍ତକଟିରେ ସ୍ଥାନିତ ମୋଟ ଶହେଟି କବିତା। ବହିର ପ୍ରଥମ କବିତା 'ମୁଁ ଯେ କବିଟିଏ', ଯହିଁରେ କବି ଭାବେ ଲିଙ୍ଗରାଜ ତାଙ୍କ ପ୍ରତିବଦ୍ଧ ତାକୁ ଉଜାଗର କରିଛନ୍ତି ଏହିପରି: "ମୁଁ ତ ମହାସ୍ୱପ୍ନର ସ୍ତୁତିକାର/ ମୁଁ ତ ମହାଜୀବନର ଗୀତିକାର/ମୁଁ ଯେ କବିଟିଏ/ ମୁଁ ଯେ ନିଖିଳ ଜନର ଛବିଟିଏ ।" ବହିରେ ଥିବା କବିତାଗୁଡ଼ିକ ମଧ୍ୟରୁ କବି ଓ କବିତାକୁ ନେଇ ପ୍ରାୟ କବିତା ପରିକଳ୍ପିତ ହୋଇଛି। ଯଥା: 'କବିର ସ୍ୱପ୍ନ, 'ସେଇଥି ପାଇଁ ମୁଁ କବି', 'କବିତାଟେ ଦିଅ ଆଣି', 'କବିର ଦୃଷ୍ଟି', 'କବିତା ଲେଖିଲି ତେଣୁ' ଓ 'କବିତା ଦେଉଛି ବାର୍ତ୍ତା' ଇତ୍ୟାଦି। 'ନିଜ କଥା'ରେ ରଥେ ଲେଖିଛନ୍ତି: "କବିତା ଚିରନ୍ତନ। ଏହି ଦୃଷ୍ଟିରୁ କବିତାର ସ୍ରଷ୍ଟା କବି ମଧ୍ୟ ଚିରନ୍ତନ, ଯଦିଓ କୌଣସି କବି ବ୍ୟକ୍ତିଗତ ଭାବେ ଚିରନ୍ତନ ନୁହେଁ।" କବି ଦୁଃଖୀ ମଣିଷର ଅନ୍ତରତଳ କଥା ପଢ଼ିପାରେ, ତା'ର ବେଦନା–ଯାତନା ମାପିପାରେ। ଦେଖେ ଅଦେଖା ଛବି ଓ ଚାଲେ ଅମଡ଼ାବାଟରେ। କବିର ସ୍ୱରୂପ କ'ଣ ଓ କବିତାର ଲକ୍ଷ୍ୟ କ'ଣ ହେବା ଉଚିତ– ଏହା ଜାଣିବାକୁ ଆଗ୍ରହୀ ଥିବା ପାଠିକାପାଠକଙ୍କ ପାଇଁ ଆଲୋଚ୍ୟ ବହିଟି ଖୁବ୍ ପ୍ରେରଣାଦାୟୀ ହେବ ବୋଲି ଆଶା । ପ୍ରକାଶକ କବି ଭିକାରୀ ବଳ ଲେଖିଛନ୍ତି ବହିଟିର ପୃଷ୍ଠବନ୍ଧ।

### ସହଯାତ୍ରୀ ଓ ଅନ୍ୟାନ୍ୟ ଗଳ୍ପ



**ଗାଳ୍ପିକ:** ହଂସନାଥ ମୁଦୁଲି
**ପ୍ରକାଶକ:** ବହିଘର, ଆଜିମାବାଦ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୦୦/–

ମୋଟ ୨୨ଟି ଗଳ୍ପ ଏ ବହିଟିରେ ସ୍ଥାନିତ ହୋଇଛି। ଆକାରରେ ଗଳ୍ପଗୁଡ଼ିକ ବେଶୀ ବଡ଼ ନୁହେଁ, କିନ୍ତୁ ଆବେଦନରେ ତୀବ୍ର। ବହିର ଆରମ୍ଭରେ ହଂସନାଥ ଲେଖିଛନ୍ତି: "ମୋ ଲେଖାର ପ୍ରାରମ୍ଭରେ ମୁଁ ଗପ ଲେଖିବା ସମୟରେ ଗପଗୁଡ଼ିକ ମୋ' କଳ୍ପନାପ୍ରସୂତ ଥିବାବେଳେ ପରବର୍ତ୍ତୀ ସମୟରେ ଆମ ଚାରିପାଖରେ ଘଟୁଥିବା ଘଟଣାଗୁଡ଼ିକରୁ ମନକୁ ଛୁଇଁ ଯାଉଥିବା ବିଷୟବସ୍ତୁକୁ ନେଇ ହିଁ ଲେଖିଥାଏ। ବହିର ଗଳ୍ପଗୁଡ଼ିକୁ ପଢ଼ିଲେ ମନେହୁଏ, ଏ ସବୁ ମନଗଢ଼ା ନୁହନ୍ତି, ବାସ୍ତବ ଜଗତରେ ଆତଯାତ ହେଉଥିବା ଚରିତ୍ରଗୁଡ଼ିକର ଜୀବନଗାଥା। ପ୍ରତି ଗଳ୍ପରେ ଲେଖକଙ୍କର କିଛି ନା କିଛି ବକ୍ତବ୍ୟ ରହିଛି, ଅଥଚ ସେ ବକ୍ତବ୍ୟ ଗଳ୍ପଗୁଡ଼ିକୁ ପ୍ରଚାରଧର୍ମୀ କରିନାହାନ୍ତି। 'ସହଯାତ୍ରୀ', 'ବିଶ୍ୱାସ', 'ସନ୍ଦେହ', 'ଟେଲିଗ୍ରାମ', 'ବିବେକ', 'ଅଭୀପ୍ସା', 'ବୁଥ୍‌ବାଲା', 'ତୋଷାମଦ' ଓ 'ପାର୍ଥକ୍ୟ' ପ୍ରଭୃତି ଗଳ୍ପ ଏହାର ଉଦାହରଣ। 'ତଥାପି ମହତ' ଗପଟି ପୁରୀର ଜଣେ ରିକ୍ସାବାଲାକୁ ନେଇ। ସେ ବିଷାଦଗ୍ରସ୍ତ, କ୍ଳାନ୍ତ। ଟାଣଖରାରେ ରିକ୍ସା ଚଳାଇ ପାରୁ ନ ଥାଏ। ଅଧାବାଟରୁ ରିକ୍ସାରୁ ଓହ୍ଲାଇ ପଡ଼ି ଅନ୍ୟ ଏକ ରିକ୍ସା ଧରି ଯିବାକୁ ସିଦ୍ଧାନ୍ତ କରନ୍ତି ଗଳ୍ପନାୟକ, କିନ୍ତୁ ଅଧାବାଟ ପାଇଁ ଚୁକ୍ତି ଅନୁସାରେ ପୂରା ପଇସା ଯାଚିବାରୁ ରିକ୍ସାବାଲାଟି ନେବାକୁ କୁଣ୍ଠିତ। ସେ ଦରିଦ୍ର, ହୁଏତ ନିଶାସକ୍ତ, କିନ୍ତୁ ଅମହତ ନୁହେଁ। ଲେଖକ ଆଜିର ଦୁର୍ନୀତିଗ୍ରସ୍ତ ମଣିଷଙ୍କ ସହ ତା'ର ସରଳ ବିବେକୀ ବ୍ୟକ୍ତିତ୍ୱକୁ ତୁଳନା କରିଛନ୍ତି ମନେ ମନେ। ଅଭାବ ସତ୍ତ୍ୱେ ମଣିଷର ଭଲପଣ ତାଙ୍କୁ ଭାବିତ କରିଛି। ଏହିପରି ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗରେ ବହିର ପ୍ରାୟ ଗଳ୍ପ ସମୃଦ୍ଧ।

# ତ୍ରିଭୁଜର ଶୀର୍ଷବିନ୍ଦୁ

## ଗଳ୍ପ

**ଡ. ସ୍ମୃତି ପଟ୍ଟନାୟକ**

ଆଜି କଲେଜରେ ପିଜି ପିଲାମାନଙ୍କର ଅନ୍‌ଲାଇନ୍ କ୍ଲାସ୍ ନେଉଥିଲି କ୍ଲାସ୍ ରୁମ୍‌ରେ ବସି, ହଠାତ୍ ମୋ' ଆଖି ଝରକା ବାହାରକୁ ଚାଲିଯାଇଥିଲା, ଛୋଟ ଝିଅଟିଏ ନଡ଼ିଆ ଗଛ ତଳେ ବସି ବାଲିରେ କ'ଣ କରୁଛି। ମନଟା ମୋର ତା' ପାଖରେ ଯାଇ ରହିଲା, ଭାବୁଥିଲି ଖରା ଅଧିକ ହେବାରୁ କଲେଜ ସବୁ ବନ୍ଦ ଅଛି ଆଜି ପର୍ଯ୍ୟନ୍ତ (ଦୁଇ ତାରିଖ ପର୍ଯ୍ୟନ୍ତ), ତେବେ ଏତେ ଖରାରେ ଛୋଟ ଝିଅଟି ଘରୁ କେମିତି ଚାଲି ଆସିଛି, କ'ଣ କରୁଛି ବାଲିରେ, ଏମିତି ହେଇ ମୋର ଅନ୍‌ଲାଇନ୍ କ୍ଲାସ୍ ସରିଲା। ଆମ କଲେଜ ସବୁ କଲେଜଠାରୁ ଟିକେ ଅଲଗା, ସରକାର ଛୁଟି ଘୋଷଣା କଲେ, ଆମ ପ୍ରିନ୍ସପାଲ୍ ସାର୍ ପିଲାମାନଙ୍କର ଅନ୍‌ଲାଇନ୍ କ୍ଲାସ୍ ନେବା ପାଇଁ କହିଲେ, ପ୍ରତ୍ୟେକ ପିଲା ବହୁତ ଡିସିପ୍ଲିନ୍‌ଡ।

ଯେମିତି ମୋର କ୍ଲାସ୍ ସରିଲା ମୁଁ ସେ ଛୋଟ ଝିଅଟି ପାଖକୁ ଗଲି। ସେତେବେଳକୁ ସମୟ ଅପରାହ୍ନ ଗୋଟାଏ ପଇଁଚାଳିଶ। ସେଇ ଛୋଟ ଝିଅଟି ବାଲିରେ ଭାଗ ଭାଗ କରି ସଜାଡ଼ି ରଖିଛି ଭାତ, ଡାଲି, ତରକାରି, ଶାଗ ଇତ୍ୟାଦି। ମୁଁ ଆଶ୍ଚର୍ଯ୍ୟ ହେଇ ଯାଉଥିଲି, ଝିଅଟିର ବୟସ ଖୁବ୍ ବେଶୀରେ ତିନି/ଚାରି ବର୍ଷ ହେବ, ଏକୁଟିଆ ବସି ବସି ଏଠି ବାଲିଘର କରିଛି, ତା' ଦେହରେ ଖାଇବା ଜିନିଷ ସଜାଡ଼ି ମିଛିମିଛିକା ଖାଉଛି ଏତେ ବଡ଼ ଖରାବେଳଟାରେ, ମୋ' ଆଖିରେ କାହିଁକି କେଜାଣି ଲୁହ ଆସିଗଲା ଆପେ ଆପେ, ତାକୁ ପଚାରିଲି ତୋ' ନାଁ କ'ଣ ? ସେ ଉତ୍ତର ଦେଲା ରେଶମା, ତୁ ଏଠି ଏକୁଟିଆ କ'ଣ କରୁଛୁ ? ତୋ' ବାପା, ମାଆ କାହାନ୍ତି ? ରେଶମା କହିଲା ସେମାନେ ଦୁହେଁ କାମ କରିବାକୁ ଯାଇଛନ୍ତି। ଚାରିଟା ବେଳକୁ ମାଆ ଆସିବ। ତମ ଘର କେଉଁଠି ? ଏଇ ପଛପଟରେ। ଘରେ ଆଉ କିଏ ଅଛନ୍ତି ? କେହି ନାହାନ୍ତି। ମୁଁ ପୁଣି ପଚାରିଲି ତୁ କ'ଣ ଖାଇଛୁ ? ସେ କହିଲା– ଭାତ, ଡାଲି,

ମୋ।' ମିଷ୍ଟର୍ ମୋତେ କରୋନା ସମୟରେ ପଢ଼ିବାକୁ ଦେଇଥିଲେ ଇଣ୍ଡିଆନ ଅଥୋର୍ ମୁଲ୍କରାଜ ଆନନ୍ଦଙ୍କର ଉପନ୍ୟାସ ଅନଟଚେବଲ୍ ଏବଂ କୁଲି ଯେଉଁ ଦୁଇଟିରେ ମୁଖ୍ୟ ଚରିତ୍ର ଯଥାକ୍ରମେ, ବାଖା ମ୍ୟୁନିସିପାଲିଟି ସୁଇପର୍ ଓ ମୁନ୍ନୁ ରିକ୍ସାପୁଲର୍ ଭାବେ କାମ କରୁଥିଲେ। ସତରେ କେତେ ମାର୍ମିକ ଥିଲା ଉପନ୍ୟାସ ଦୁଇଟିର ପୃଷ୍ଠଭୂମି।

ତରକାରି, ହେଇ ପା ଏଇଠି ସବୁ ଏବେ ଖାଉଥିଲି। ମୁଁ ଆଉ ଭାବିପାରୁ ନ ଥିଲି...

ସତରେ ଏଇ ଛୋଟ ଝିଅଟିର କେତେ ଧୈର୍ଯ୍ୟ, ମୁଁ ତାକୁ ମୋ' ଟିଫିନ ବକ୍ସରୁ ବାହାର କରି ମିଠାଦେଲି ଖାଇବା ପାଇଁ। କହିଲା– ମୁଁ ପା ଏଇ ସାଙ୍ଗେ ସାଙ୍ଗେ ଖାଇଲି, ଆଉ ଖାଇବିନି, ମାଆ ଆସିଲେ ମୁଁ ଘରକୁ ଯିବି। ସତରେ ତା' କଥା ଶୁଣିଲା ପରେ ମୁଁ ବି ଆଉ ଖାଇପାରିଲି ନାହିଁ। ସେ ତା'ର ପାଣି ବୋତଲରୁ ପାଣି ଖାଲି ପିଉଥିଲା, ମୁହଁରେ ତା'ର ଆତ୍ମତୃପ୍ତିର ଝଲକ, ସେ ତା'ର ବାଲିରେ ଛୋଟ ଛୋଟ ଫୁଲ ଫଳ ଆଙ୍କି ଖେଳିବାରେ ଲାଗିଥାଏ। ଏମିତି ହେଇ ଚାରିଟା ବାଜିଗଲା। ମୁଁ ଭାବୁଥାଏ କେମିତି ବାୟୋମେଟ୍ରିକରେ ଟିପ ଚିହ୍ନ ଦେଇ ଘରକୁ ଆସିବି। ଘରେ ସାନ ଝିଅ ଏକା ଅଛି, ତା'ର ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଚାଲିଛି। ପୁଣି ରେଶମାକୁ ଏକା ଛାଡ଼ି ଆସିବାକୁ ଇଚ୍ଛା ହଉ ନ ଥିଲା। ଏଇ ସମୟରେ ରେଶମାର ମାଆ ଆସି ପହଞ୍ଚିଲା, ହାତରେ ପାଉଁରୁଟି ପ୍ୟାକେଟ୍‌ଟିଏ ଧରିଥାଏ, ସେ ମୋତେ ଦେଖି କହିଲା ଦିଦି ନମସ୍କାର। ତମେ ସିନା ମୋତେ ଚିହ୍ନି ନ ଦିଦି, ମୁଁ ତମକୁ ଜାଣିଛି। ତମେ କୁଆଡ଼େ ଯାଇଥିଲ ଝିଅକୁ ଏଠି ଛାଡ଼ି ? ଦିଦି କାମକୁ ଯାଇଥିଲି, ମୁଁ ଏଇ ପାଖ ଓମ୍‌ଫେଡ୍ ଅଫିସ୍‌ରେ କାମ କରୁଛି, ରୋଷେଇ କରେ, ରେଶମାର ବାପା ସେଇ ଅଫିସ୍‌ରେ ସୁଇପର ଅଛନ୍ତି। ସେ ଛଅଟା ବେଳକୁ ଆସିବେ। ରେଶମା ପାଇଁ ମୁଁ ଆଗ ଚାଲି ଆସିଲି, ଘରେ କେହି ନାହାନ୍ତି ଦିଦି, ଶାଶୁ, ଶ୍ୱଶୁର କରୋନାରେ ଚାଲିଗଲା ପରଠାରୁ ରେଶମା ଏମିତି ଏଠିସେଠି ବସି ମନକୁ ମନ ଖେଳୁଥାଏ ମୁଁ ଫେରିବା ପର୍ଯ୍ୟନ୍ତ। ସକାଳୁ କ'ଣ ଟିକେ ଛତୁଆ ଗୋଳେଇ ଦେଇଥିଲି ଖାଇଥିଲା, ଯିଏ ଯାହା ଦେଲେ କିଛି ନବନି। ଦିଦି ପାଠ ଏବେ ଏବେ ଆରମ୍ଭ କରିଛି, ଭଲ ଚିତ୍ର ଆଙ୍କୁଛି, ଯାହା ସେଇ ଈଶ୍ୱରଙ୍କର ଇଚ୍ଛା ଥିବ। ଆମେ ତ ଗରିବ ଲୋକ, ଖଟିଲେ ଖାଇବୁ ଦି'ଓଳି, ନହେଲେ ଉପାସରେ ରହିବୁ। ହଉ ହେଲା ତମ ନାଁ ତ କ'ଣ କହିଲନି ମୋତେ। ଦିଦି ମୋ ନାଁ ସୁମତି, ଯାଙ୍କ ନାଁ ରଘୁ। ମୁଁ ତରତର ହେଉଥିଲି, କହିଲି ସୁମତି ତୁମେ ଏଇ ମିଠା ରଖ, ରେଶମାକୁ ଦବ। ତା' ହାତକୁ ଶହେ ଟଙ୍କା ଦେଇ କହିଲି ରେଶମା ପାଇଁ ଚକୋଲେଟ ଆଣିବ। ସେ କହିଲା– ଦିଦି ତମେ ନିଜେ ଆଣିବ। ଆରେ ମୁଁ ଏବେ ଝିଅର ପରୀକ୍ଷା ପାଇଁ ଛୁଟିରେ ରହିବି କିଛି ଦିନ। ଏଇଆ କହି ତା' ହାତରେ ଶହେ ଟଙ୍କା ଦେଇ ଚାଲି ଆସିବାକୁ ବାହାରିଲା ବେଳକୁ ସୁମତି ଆଖି ଛଳଛଳ କରି କହିଲା– ନାଇଁ ଦିଦି ଟଙ୍କା ଦିଅନି, ତୁମେ ଯେବେ ଆସିବ ରେଶମା ପାଇଁ ଚକୋଲେଟ ଆଣିବ। ସୁମତିର ସ୍ୱାଭିମାନକୁ ମୁଁ ପରଖୁଥିଲି। ଗାଡ଼ିରେ ବସି ଭାବୁଥିଲି, ସତରେ କେତେ ବିଚିତ୍ର ଏଇ ଜୀବନର କାହାଣୀ। ମୋ' ମିଷ୍ଟର୍ ମୋତେ କରୋନା ସମୟରେ ପଢ଼ିବାକୁ ଦେଇଥିଲେ ଇଣ୍ଡିଆନ ଅଥୋର୍ ମୁଲ୍କରାଜ ଆନନ୍ଦଙ୍କର ଉପନ୍ୟାସ ଅନଟଚେବଲ୍ ଏବଂ କୁଲି ଯେଉଁ ଦୁଇଟିରେ ମୁଖ୍ୟ ଚରିତ୍ର ଯଥାକ୍ରମେ, ବାଖା ମ୍ୟୁନିସିପାଲିଟି ସୁଇପର୍ ଓ ମୁନ୍ନୁ ରିକ୍ସାପୁଲର୍ ଭାବେ କାମ କରୁଥିଲେ। ସତରେ କେତେ ମାର୍ମିକ ଥିଲା ଉପନ୍ୟାସ ଦୁଇଟିର ପୃଷ୍ଠଭୂମି। ଭାରି ଗୁମ୍‌ସୁମ୍ ଲାଗୁଥିଲା ରେଶମା କଥା ଭାବି। କେତେବେଳେ ଆସି କଟକ ମହାନଦୀ ବିହାରରେ ପହଞ୍ଚି ଯାଇଥିଲି ଜଣା ନ ଥିଲା। ଡ୍ରାଇଭରର ଡାକରେ ସଂବିତ୍ ଫେରିପାଇଲି। କାର୍‌ରୁ ଓହ୍ଲାଇ ଘର ଭିତରକୁ ପଶିଲି, କାନ୍ଥ ଘଣ୍ଟାରେ ଛଅଟା ବାଜିଥିଲା। ଟିକେ ଫ୍ରେସ୍ ହେଇ ସଂଧ୍ୟାଦେଲି। ଚା'କପ୍ ଧରି ଝିଅର ପଢ଼ା ଟେବୁଲ ପାଖରେ ବସି ଭାବୁଥିଲି ସତ କାହାଣୀ ଓ ସ୍ୱାଭିମାନର କଥା। ବଗିଚାରେ ଫୁଲମାନଙ୍କର ବର୍ଣ୍ଣାଳି ଆକାଶ ଛୁଇଁ ଯାଉଥିଲା ...ଝିଅ ତ୍ରିଭୁଜଟିଏ ଆଙ୍କୁଥିଲା ଖୁବ୍ ମନଯୋଗ ସହକାରେ। ଶୀର୍ଷବିନ୍ଦୁକୁ ମୁଣ୍ଡୁଳି ବୁଲାଇ ଦେଇଥିଲା। କହିଲା– ମାମା, ଏଇ ବିନ୍ଦୁଟି ହେଉଛି ସବୁଠାରୁ ସାନ, ତାକୁ ଅନ୍ୟ ଦୁଇ ବିନ୍ଦୁ ଧରି ରଖିଛନ୍ତି। ସେ କିନ୍ତୁ ତା'ର ନିଜସ୍ୱ ପଣରେ ମହକିତ ସଦା। ଝିଅର କଥାରେ ମୁଁ ଅନ୍ୟମନସ୍କ ହୋଇ ଭାବୁଥିଲି ରେଶମା କଥା। ଆରେ ସତେ ତ! ସେ ତ୍ରିଭୁଜର ଶୀର୍ଷବିନ୍ଦୁଟିଏ!



ୟୁଏନ୍ କଲେଜ, ଅଡ଼ଶପୁର

## ଛୁରା ମାଡ଼ରେ ଜଣେ ଗୁରୁତର

ଆସିକା,(ଡି.ଏନ୍.ଏ.)- ଆସିକା ଥାନା ଅନ୍ତର୍ଗତ ପମାଗଡ଼-ଅସୁରାଇପଲ୍ଲୀରେ ରାସ୍ତାରେ ଶୁକ୍ରବାର ରାତି ୯ଟାରେ ଛୁରାମଡ଼ରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଅସୁରାଇପଲ୍ଲୀ ଗାଁର ରଙ୍କନିଧି ପାତ୍ର(୬୨)। ରଙ୍କନିଧି ସାଇକେଲରେ ବାଲ୍ଲିସିରାରୁ ଗାଁକୁ ଫେରୁଥିବା ବେଳେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତମାନେ ତାଙ୍କୁ ଅତର୍କିତ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ରଙ୍କନିଧିଙ୍କୁ ଆସିକା ମେଡିକାଲରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ବିଭିନ୍ନ ସାହିରେ ଠାକୁରାଣୀଙ୍କ ଘଟ ପରିକ୍ରମା


ମା'ଙ୍କ ଘଟ ପରିକ୍ରମା


ଅସ୍ଥାୟୀ ମଣ୍ଡପରେ ମା ଠାକୁରାଣୀଙ୍କ ଘଟ।


ଛୋଟ ଶିଶୁଙ୍କ ରାଧା ବେଶ।

ବ୍ରହ୍ମପୁର ଅଫିସ,୭।୪

ବ୍ରହ୍ମପୁର ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ୪ର୍ଥ ଦିନ ଶୁକ୍ରବାର ମା' ଠାକୁରାଣୀଙ୍କ ଘଟ ବିଭିନ୍ନ ସାହି ପରିକ୍ରମା କରିଥିଲା। ଏଥିରେ ପାର୍ଶ୍ୱ ଘଟ ମଧ୍ୟ ରହିଥିଲେ। ରାତ୍ରି ପ୍ରାୟ ୯ଟା ପରେ ମା'ଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରିଥିଲା। ପରେ ମହୁରୀ ରାଜବାଟିରେ ରାଜା ଅଶୋକ କୁମାର ନରେନ୍ଦ୍ରଦେବ ମା'ଙ୍କ ଘଟ ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କ ଘଟ ପ୍ରଥମେ ବଡ ବଜାର ଅଞ୍ଚଳରେ ପହଞ୍ଚିଥିଲା। ଏହାପରେ କମଳାବାରୀ ସାହି, ସାଆନ୍ତାଣୀ ସାହି ଓ ମାର୍ଥାପେଟା ସାହିକୁ ଯାତ୍ରା କରିଥିଲେ। ଘଟ ପରିକ୍ରମା ସମୟରେ ପ୍ରତି ସାହିରେ ଶତାଧିକ ମହିଳା କଳସୀରେ ହଳଦୀ ପାଣି, ଆଳତୀ ଓ ଭୋଗ ଧରି ଅପେକ୍ଷା କରିଥିଲେ। ଘଟ ପରିକ୍ରମା ସମୟରେ ପ୍ରତି ସାହିରେ ନୂଆ ଶାଢି ପକାଯାଇଥିଲା। ମା'ଙ୍କ ଘଟ ଧରିଥିବା ଦେବକୀ ସେହି ଶାଢି ଉପରେ ଚାଲି ଚାଲି ଆସିଥିଲେ। ହଳଦୀ ପାଣିରେ ମହିଳାମାନେ ମା'ଙ୍କ ପାଦ ଧୋଇଥିଲେ। ଏଥିସହ ମୁଖ୍ୟ ଘଟକୁ ଆଳତୀ କରିବା ସହ ମହିଳାମାନେ ଭୋଗରାଗ ମଧ୍ୟ କରିଥିଲେ। ଘଟ ସମସ୍ତ ସାହି ପରିକ୍ରମା କରିବା ପରେ ମାର୍ଥାପେଟା ସାହି ଦେଇ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ଅସ୍ଥାୟୀ ମଣ୍ଡପରେ ଆଳତୀ ପରେ ଅନ୍ନ ଭୋଗ କରାଯାଇଥିଲା। ଏହି ସମୟରେ ମାଙ୍କ ଦର୍ଶନ ପାଇଁ ଅସ୍ଥାୟୀ ମଣ୍ଡପ ବାହାରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ଲମ୍ୱା ଧାଡି ଦେଖିବାକୁ ମିଳିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ହରପ୍ରିୟା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ୱା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ୱର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପୋଖରୀରେ ବୁଡି ମନ୍ଦିର ସଭାପତିଙ୍କ ମୃତ୍ୟୁ

#### ଶ୍ମଶାନରୁ ଫେରି ଗାଧୋଉଥିଲେ

ହିଞ୍ଜିଳିକାଟୁ, ୭।୪(ଡି.ଏନ.ଏ.): ମୁମ୍ୱାଇ ସାକିନାକାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ସଭାପତି ହିଞ୍ଜିଳିର ରମେଶ ମୁନିଙ୍କ ଶୁକ୍ରବାର ହିଞ୍ଜିଳି ଦେଉଳ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ରମେଶ ୪ ଦିନ ତଳେ ଗ୍ରାମକୁ ଫେରିଥିଲେ। ହିଞ୍ଜିଳି ବଡ଼ସାହିର ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିଲା। ରମେଶ ଉକ୍ତ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇଥିଲେ। ମଧ୍ୟାହ୍ନରେ ଶ୍ମଶାନରୁ ଫେରି ଗାଧୋଇବାପାଇଁ ଯାଇଥିଲେ। ପହଁରୁଥିବା ବେଳେ ଆଉ କୂଳକୁ ଆସି ପାରିଲେ ନାହିଁ। ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର ଅଫିସ, ୭।୪: ଅବକାରୀ ଟିମ ୪ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ରଘୁନାଥ ମହାନ୍ତି, ଫୁଲବାଣୀ ଜିଲା ସଦର ଥାନା ଅନ୍ତର୍ଗତ ଭେଟଖୋଲ ଗ୍ରାମର ଜଗନ୍ନାଥ ବେହେରା, ସିଦ୍ଧାର୍ଥ ବେହେରା ଓ ଦୀପକ ଗଣ୍ଡା। ସେମାନଙ୍କ ନିକଟରୁ ୧୨ କେଜି ଗଞ୍ଜେଇ ଓ ଚୋରା ଚାଲାଣରେ ବ୍ୟବହୃତ ୨ଟି ମୋଟରସାଇକେଲ ଜବତ କରାଯାଇଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି।

### ଘରୁ ଚୋରି ଅଭିଯୋଗ

ଗୋପାଳପୁର,୭।୪(ଡି.ଏନ.ଏ.)- ଗୋପାଳପୁର ଥାନା ଡୁରା ଗ୍ରାମ କଳିଙ୍ଗ ନଗରର ଏକ ଘରକୁ ଭାଙ୍ଗି ଲୁହା ସାମଗ୍ରୀ ଓ ମୋଟର ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଧିନ ଡୁରା ଗ୍ରାମ ନିକଟସ୍ଥ କଳିଙ୍ଗ ନଗରରେ ସମ୍ରାଟ ରାଜ ଏକ କୋଠରୀରେ ସଟର ପ୍ଲେଟ, ମୋଟର ଓ ଅନ୍ୟ ଲୁହା ସାମଗ୍ରୀ ରଖିଥିଲେ। ଗତ ୨ ତାରିଖରେ କୋଠରୀରେ ତାଲା ପକାଇ ସମ୍ରାଟ କୌଣସି କାର୍ଯ୍ୟ ନେଇ ଭୁବନେଶ୍ୱର ଯାଇଥିଲେ। ଗୁରୁବାର ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

## କନ୍‌ଷ୍ଟେବଲ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ପାରଳାଖେମୁଣ୍ଡି,୭।୪(ଡି.ଏନ୍.ଏ.)

ଗଜପତି ଜିଲାରେ କ୍‌ନଷ୍ଟେବଲ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଲିଖିତ ପରୀକ୍ଷାରେ କମ୍ ନମ୍ୱର ରଖିଥିବା ପ୍ରାର୍ଥୀ ଚାକିରି ପାଇଥିବା ବେଳେ ଅଧିକ ନମ୍ୱର ରଖିଥିବା ପ୍ରାର୍ଥୀ ଚାକିରିରୁ ବାଦ୍ ପଡିଥିବା ଅଭିଯୋଗରେ ପୁନର୍ବାର ଯାଞ୍ଚ କରି ଫଳାଫଳ ବାହାର କରିବା ଦାବିରେ ପ୍ରାର୍ଥୀମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗତ ଫେବୃୟାରୀ ୨୬ରୁ ଆରମ୍ଭ ହୋଇଥିଲା କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା। ମାର୍ଚ୍ଚ ୨୬ ତାରିଖରେ ୧୦୫ ପଦବୀ ପାଇଁ ପରୀକ୍ଷା ଓ ସିଲେକ୍ସନ ହୋଇଥିଲା। ଏହି ପରୀକ୍ଷାରେ ଜିଲାର କୋଣନୁକୋଣରୁ ଆଦିବାସୀ, ଅଣଆଦିବାସୀ, ସଂରକ୍ଷିତ ଓ ସାଧାରଣ ବର୍ଗର ପିଲା ପରୀକ୍ଷା ଦେଇଥିଲେ। ଗୁରୁବାର ଏହାର ଫଳାଫଳ ଘୋଷଣା କରାଯାଇଛି। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବା ହେଲା ଅଧିକାଂଶ ପରୀକ୍ଷାର୍ଥୀ କମ୍ ନମ୍ୱର ରଖି ଚାକିରି ପାଇଛନ୍ତି କିନ୍ତୁ ଅଧିକ ନମ୍ୱର ରଖିଥିବା ପରୀକ୍ଷାର୍ଥୀ ଏଥିରୁ ବାଦ୍ ପଡ଼ିଛନ୍ତି। ତେଣୁ ଏହାର ପୁନର୍ବାର ଯାଞ୍ଚ କରି ଫଳାଫଳ ବାହାର କରାଯାଉ ବୋଲି ଦାବି କରିଛନ୍ତି। ଫଳାଫଳ ପୁନର୍ବିଚାରକୁ ନ ନେଲେ ଆଇନର ଆଶ୍ରୟ ନେବେ ବୋଲି ପରିକ୍ଷାର୍ଥୀ ସୀତାକାନ୍ତ ରଇତ, ଟିବାଳକ୍ରିଷ୍ଣା,ଗୁପ୍ତେଶର ଗମାଙ୍ଗ ପ୍ରମୁଖ କହିଛନ୍ତି।

## ବୋମାମାଡ଼ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୭।୪

ଜଣେ ଯୁବକ ବୋମା ପକାଇ ଆତଙ୍କରାଜ କରିଥିବା ମାମଲାର ୧୦ବର୍ଷ ପରେ ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ପାଣିଗ୍ରାହୀ ନଗରର ସୁମନ କୁମାର ସାହୁ (୩୨)। ମାମଲା ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ସରିତା ପଟ୍ଟନାୟକ ଓ ମୁଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଭାକର ସାବତ ମକଦ୍ଦମା ପରିଚାଳନା କରିଥିଲେ। ପ୍ରକାଶ ଯେ, ୨୦୧୩ ମାର୍ଚ୍ଚ ୧୪ରେ ଜଣେ ଅସାମାଜିକ ଯୁବକ ପାଣିଗ୍ରାହୀ ନଗରରେ ବୋମା ପକାଇଥିଲେ। ସେ ଲୋକମାନଙ୍କୁ ଭୟଭୀତ କରିବା ସହ ଅଞ୍ଚଳରେ ଆତଙ୍କରାଜ ଖେଳାଇଥିଲେ। ପୋଲିସ ସୁମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ସୁମନ ଜାମିନରେ ଛାଡ଼ ପାଇଥିଲେ। ମାମଲାର ରାୟ ପ୍ରକାଶ ବେଳେ ସୁମନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସିଜେଏମ୍ ସୁମନଙ୍କୁ ନିର୍ଦ୍ଦୋଷ ବୋଲି ରାୟରେ ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୭।୪

ବରିଷ୍ଠ ନାଗରିକଙ୍କୁ ଟ୍ରେନ ଯାତ୍ରାରେ ସମସ୍ତ ସୁବିଧା ଭଳି ୫ ଦଫା ଦାବି ସମୂହ ନେଇ ଶୁକ୍ରବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ଷ୍ଟେଶନ ପ୍ରବନ୍ଧକ ଦୁର୍ଗାପ୍ରସାଦ ବ୍ରହ୍ମାଙ୍କୁ ବିଭିନ୍ନ ଦାବି ନେଇ ଏକ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବି ସମୂହକୁ ନେଇ ଆସନ୍ତା ୨୫ ତାରିଖ ଦିନ ଖୋର୍ଦ୍ଧା ରୋଡ ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନୀରବ ପ୍ରତିବାଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ବିକ୍ଷୋଭରେ ଆଇନ ପରାମର୍ଶଦାତା ପ୍ରଭାତ କୁମାର ମିଶ୍ରଙ୍କ ସମେତ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଲଳିତ ମୋହନ ସାହୁ, ପ୍ରମୋଦ କୁମାର ପଟ୍ଟନାୟକ, ବସନ୍ତ କୁମାର ନାୟକ, କାମରାଜୁ ମହାରଣା, ଅଶୋକ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ପଞ୍ଚାୟତରେ ୭୨୯ ମାନସିକ ଅସୁସ୍ଥ ବ୍ୟକ୍ତି ଚିହ୍ନଟ

ଫୁଲବାଣୀ ଅଫିସ, ୭।୪

ଜିଲାର ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର ୩୦ଟି ପଞ୍ଚାୟତ ମଧ୍ୟରୁ ୭୨୯ ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯକ୍ରମରେ ଅର୍ନ୍ତଭୁକ୍ତ କରିବା ପ୍ରୟାସ ଜାରି ରହିଛି । ସେମାନଙ୍କ ମଧ୍ୟରୁ ୩୫୭ ଜଣ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଚିକିତ୍ସା ସେବା ପାଉଛନ୍ତି। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମାଗଣା ଔଷଧ ଓ ବିଶେଷଜ୍ଞ ମାନଙ୍କ ପରାମର୍ଶ ଦ୍ୱାରା କିଛି ଯୁବକ ଆରୋଗ୍ୟ ଲାଭ କରି ନିଜ ପୂର୍ବ ଅବସ୍ଥାକୁ ଫେରିଆସିଛନ୍ତି। ଏମାନଙ୍କ ମଧ୍ୟରୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଜଣେ ନାମ ଲେଖାଇ ନିଜର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବା ସହିତ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି । ବର୍ତ୍ତମାନ ଜିଲାରେ ମାନସିକ ବିଶେଷଜ୍ଞ ପରାମର୍ଶ ପାଇଁ ୨ ଦିନ ଧାର୍ଯ୍ୟ ରଖାଯାଇଛି । ଦୂରଦୂରାନ୍ତରୁ ଆସୁଥିବା ଅସୁସ୍ଥ ବ୍ୟକ୍ତି ଓ ପରିବାର ପାଇଁ ତାହା ଯଥେଷ୍ଟ ହୋଇପାରୁନି । ଏକ ସ୍ଥାୟୀ ମାନସିକ ଚିକିତ୍ସକ ନିଯୁକ୍ତି ଏବଂ ବିଭିନ୍ନ ବ୍ଲକରେ ପରାମର୍ଶ ସେବା ଦିଆଗଲେ ଅନେକ ଅସୁସ୍ଥ ବ୍ୟକ୍ତି ଓ ପରିବାର ସେବା ପାଇପାରିବେ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ପରିବାରରେ ସମନ୍ୱୟ ରଖିବା ପାଇଁ ୨୫ଟି ପରିବାର ସହଯୋଗ ଦଳ ଗଠନ କରାଯାଇଛି। ଆଜି ପର୍ଯ୍ୟନ୍ତ ୩୦ଟି ପଞ୍ଚାୟତରୁ ୨୫ ଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇଛନ୍ତି। ମାନସିକ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ସ୍ୱାତୀ ଅନୁଷ୍ଠାନ ପରିଚାଳନା କରୁଛି।

## ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୭।୪– ଫିରିଙ୍ଗିଆ ଥାନା ପୋଲିସ ଡିମିରିଗୁଡା ପଞ୍ଚାୟତ ବରପଡା ଗାଁରେ ଚଢ଼ାଉ କରି ୧୨୦ କିଲୋ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବରପଡ଼ାର ମିଥୁନ ମାଝି ଓ ହନୁମନ୍ତ ସାହାଣୀଙ୍କୁ ଗିରଫ କରାଯାଇଛି। ହନୁମନ୍ତଙ୍କ ଘର ପଛ ପଟେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା । ଏକ ଟିମ୍ ସେଠାକୁ ଯାଇ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ଥାନାରେ ୫୪/୨୩ରେ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି।

## ପୂର୍ଣ୍ଣିମା ସାହିତ୍ୟ ଆଲୋଚନାଚକ୍ର

ଭଞ୍ଜନଗର, ୭।୪(ଡି.ଏନ୍.ଏ):

ଓଡ଼ିଆ ଭାଷା,ସାହିତ୍ୟ,କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସରର ସ୍ୱର' ବାଲିପଦର ପକ୍ଷରୁ ୧୨୨ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଗୁଡିପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବକ୍ତା ଭାବେ ସୋମନାଥ ନାୟକ ଯୋଗ ଦେଇଥିଲେ। କବି ଅନନ୍ତ କର, ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, ଖଲି ପରିଡା, ଗୌରୀଶଙ୍କର ମିଶ୍ର, ମାଗୁଣି ମିଶ୍ର, ଲୋକନାଥ ସାହୁ, ରବୀନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଗତସିଂହପୁରର ବରିଷ୍ଠ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, କବି ମାଗୁଣି ମିଶ୍ର, ୟୁ. ରାମଚନ୍ଦ୍ର ଦୋରା, ରବିନ୍ଦ୍ର ପାତ୍ର, ଏଲ. ସତୀଶ ରେଡ୍ଡୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଡ. ଗୁରୁମୂର୍ତ୍ତୀ ନାୟକ, ଅଶୋକ କୁମାର ସ୍ୱାଇଁ, ନଳିନୀ ପ୍ରଭା ଦାସ, ଡାକ୍ତର ଗାୟତ୍ରୀ ସାହୁ, ସସ୍ମିତା କୁମାରୀ ଦାସ, ସରୋଜକାନ୍ତ ଦାସ, ରମାକାନ୍ତ ରାଉତ, ସୂର୍ଯ୍ୟ ସାମନ୍ତରା ପ୍ରମୁଖ କବିତା ପାଠ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମନିର୍ଭର ଭାରତ ଗଠନ ଲକ୍ଷ୍ୟ

ରମ୍ଭା, ୭।୪

ସ୍ଥାନୀୟ ଚାମୁଣ୍ଡା ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଦଳୀୟ ପତକା, ପ୍ଲାକାର୍ଡ ଓ ସ୍ଲୋଗାନ ସହ ୪୪ ତମ ପ୍ରତିଷ୍ଠା ଦିବସ ରମ୍ଭା ଭାଜପା ନଗର ସଭାପତି ସୀମାଞ୍ଚଳ ବାଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆତ୍ମ ନିର୍ଭର ଭାରତ ଗଠନ କରିବା ପାଇଁ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ଆବଶ୍ୟକତା ରହିଛି ବୋଲି ରାଜ୍ୟ ଭାଜପାର ଉପସଭାପତି ଭୃଗୁ ବକ୍ସି ପାତ୍ର ପ୍ରକାଶ କରିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗଞ୍ଜାମ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କର, ରାଜ୍ୟ ସମ୍ପାଦକ କୃଷ୍ଣ ନାୟକ, ଗଞ୍ଜାମ ଜିଲା ସମ୍ପାଦକ ଭୀମସେନ ବେହେରା, ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, କାଉନସିଲର ସରୋଜିନୀ ସେନାପତି, ଡଲି ବେହେରା, ମଞ୍ଜୁଳା ସେଠୀ, କୁମାରୀ ଯାନୀ, ଜୟନ୍ତୀ ଗୌଡ଼, ବନ୍ଦନା ଗୌଡ଼, ଅଭିରାମ ବେହେରା, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ବାନାମ୍ବର ସେଠ, କେଦାର ବାରିକ, ମୁନା ସ୍ୱାଇଁ, ଦିଲୀପ ତରେଇ, ନାଗେଶ୍ୱର ବେହେରା, ମନୋଜ ଗୌଡ଼, ସୁଦର୍ଶନ ସେନାପତି, ସୁବାଷ ବେହେରା, ମୁନା ପାତ୍ର, କାଳିଆ ବେହେରା, ବିଦ୍ୟାଧର ତରେଇ, ଗୌତମ ପଲେଇ ରବି ସ୍ୱାଇଁ, ବିକାଶ ସ୍ୱାଇଁ, ଅଜୟ ସାହୁଙ୍କ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଖଣ୍ଡା, ଛୁରିରେ ଆକ୍ରମଣ

ଖଲ୍ଲିକୋଟ, ୭।୪(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ବାଦପଲ୍ଲୀ ପଞ୍ଚାୟତର କମାରସିଂ ଗ୍ରାମ ନିକଟରେ ଶୁକ୍ରବାର ବାକୁଟୁ ଗାଁର ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଯୁବକ ଜଣକ ହେଲେ ବାକୁଟୁ ଗାଁର ଆଲୋକ ସାହୁ(୨୫)। ଆଲୋକ ଓ ଅନ୍ୟ ଜଣେ ଯୁବକ ସକାଳେ ବାଇକ ଯୋଗେ ବାଦପଲ୍ଲୀରୁ ନିଜ ଗାଁକୁ ଫେରୁଥିବା ବେଳେ କମାର ସିଂ ଗ୍ରାମ ନିକଟରେ ପୂର୍ବରୁ ଛକି ରହିଥିବା ୫ ରୁ ୭ ଜଣ ଯୁବକ ଖଣ୍ଡା, ଛୁରି ଓ ପଥର ଯୋଗେ ଆକ୍ରମଣ କରିଥିଲେ। ଆଲୋକଙ୍କ ଗୋଡ଼କୁ ଖଣ୍ଡାରେ ହାଣିବା ସହ ଛୁରିରେ ପେଟକୁ ଭୁଷି ଦେଇଥିଲେ। ଗୁରୁତର ଅବସ୍ଥାରେ ଆଲୋକଙ୍କ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣ ପରେ ଘଟଣାସ୍ଥଳରୁ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ କୌଣସି ଏତଲା ଦାଖଲ ହୋଇ ନଥିବା କହିଛନ୍ତି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ।

## ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ଏତଲା

ବ୍ରହ୍ମପୁର ଅଫିସ,୭।୪

ଏକ ଘରୋଇ ବ୍ୟାଙ୍କରୁ ଜଣେ ବ୍ୟକ୍ତି ୨ କୋଟି ୯୫ ଲକ୍ଷ ଟଙ୍କା ଋଣ ନେଇ କିସ୍ତି ପରିଶୋଧ ନ କରିବା ଓ ପରେ ତାଙ୍କର ମୃତ୍ୟୁ ହେବାକୁ ନେଇ ବିବାଦ ଉପୁଜିଛି। ଏହି ଋଣ ପ୍ରଦାନରେ ବ୍ୟାଙ୍କ ମ୍ୟାନେଜରଙ୍କ ତ୍ରୁଟି ଥିବା ଦର୍ଶାଇ ପରିବାର ସଦସ୍ୟମାନେ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ୧୪୮/୨୩ରେ ଏକ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ ଯେ, ନିଳାଦ୍ରିବିହାର ପ୍ରଥମ ଲାଇନର ସ୍ୱର୍ଗତ ବୃନ୍ଦାବନ ପାତ୍ରଙ୍କ ୪ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଏହି ୫ ଜଣଙ୍କ ନାଁରେ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ରାଜେନ୍ଦ୍ରପୁର ମୌଜାରେ ଏକ ପ୍ଲଟ ରହିଛି। ସେହି ପ୍ଲଟକୁ ବନ୍ଧକ ରଖି ବଡପୁଅ ସି.ଏଚ. ରଜନୀକାନ୍ତ ପାତ୍ର ଏକ ଘରୋଇ ବ୍ୟାଙ୍କ ଶାଖାରୁ ୨ କୋଟି ୯୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ରଜନୀକାନ୍ତ ନିଜ ୩ ଭାଇ ଓ ଭଉଣୀ ଯଥା ସି.ଏଚ. ମହେଶ୍ୱର ପାତ୍ର, ସି.ଏଚ. ପ୍ରଦୀପ କୁମାର ପାତ୍ର, ସି.ଏଚ. ରାଜେନ୍ଦ୍ର କୁମାର ପାତ୍ର ଓ ରେଣୁବାଇ ପାତ୍ରଙ୍କ ନାଁରେ ଥିବା ଯୁଗ୍ମ ସମ୍ପତ୍ତିକୁ ବ୍ୟାଙ୍କରେ ବନ୍ଧକ ରଖି ଋଣ ଉଠାଇଥିଲେ ମଧ୍ୟ ଏ ବିଷୟରେ କାହାରିକୁ ଜଣାଇନଥିଲେ। ଗତ ମାସ ୧୪ ତାରିଖରେ ରଜନୀକାନ୍ତଙ୍କ ଭାଇ ଓ ଭଉଣୀଙ୍କ ନିକଟକୁ ବକେୟା ଋଣ ପଇଠ କରିବାକୁ ନୋଟିସ ଆସିଥିଲା। ବ୍ୟାଙ୍କ ଯାଇ ଯାଞ୍ଚ ପରେ ସେମାନଙ୍କ ବଡ଼ଭାଇ ରଜନୀକାନ୍ତ ଏହି ଋଣ ଉଠାଇଥିବା ଜଣାପଡ଼ିଥିଲା। ଋଣ ପ୍ରଦାନ କରିଥିବା ଉକ୍ତ ବ୍ୟାଙ୍କ ମ୍ୟାନେଜର ଏତେ ଟଙ୍କା ଋଣ ଦେବା ବେଳେ ଯୁଗ୍ମ ସମ୍ପତ୍ତିର ଭାଗିଦାରୀ ଥିବା କୌଣସି ସଦସ୍ୟଙ୍କୁ ଡାକିନଥିଲେ କି ଦସ୍ତଖତ ଯାଞ୍ଚ କରିନଥିଲେ। ଗତ ୧ ତାରିଖରେ ରଜନୀକାନ୍ତଙ୍କ ମୃତ୍ୟୁ ହୋଇଯିବା ପରେ ମାମଲାଟି ଅଧିକ ଜଟିଳ ହୋଇପଡ଼ିଛି। ପୋଲିସ ସଂପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ପଚରାଉଚରା କରିବା ସହ ଋଣ ସମ୍ପର୍କିତ ସମସ୍ତ କାଗଜପତ୍ର ଥାନାରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି।

# ଆସିକା ଚିନିଶିଳ୍ପରେ ଅବ୍ୟବସ୍ଥା

### ରେଜିଷ୍ଟ୍ରାରଙ୍କ ଦୃଷ୍ଟି ଆକର୍ଷଣ କଲେ ପରିଚାଳନା ପରିଷଦ ସଦସ୍ୟ

ଆସିକା, ୭।୪ (ଡି.ଏନ୍.ଏ.):

ଆସିକା ସମବାୟ ଚିନିଶିଳ୍ପରେ ଲାଗିରହିଥିବା ଅବ୍ୟବସ୍ଥାର ପ୍ରତିକାର ହୋଇପାରୁନଥିବାରୁ ଚିନିଶିଳ୍ପ ପରିଚାଳନା ପରିଷଦର କେତେକ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁରୁବାର ପରିଚାଳନା ପରିଷଦର ୭ଜଣ ସଦସ୍ୟ ଭୁବନେଶ୍ୱରଠାରେ ସମବାୟ ବିଭାଗର ରେଜିଷ୍ଟ୍ରାର ଡ. ଉଦୟ ମାଝୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ପରାମର୍ଶଦାତାଙ୍କୁ ସାକ୍ଷାତ କରି ଚିନିଶିଳ୍ପରେ ଲାଗି ରହିଥିବା ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦେବା ଲାଗି ନିବେଦନ କରିଥିବା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ ସୂଚନା ଦେଇଛନ୍ତି। ବରାଡଙ୍କ ସମେତ ପରିଚାଳନା ପରିଷଦର ସଦସ୍ୟ ବସନ୍ତ ଦଳାଇ, ଉଦୟନାଥ ପ୍ରଧାନ, ସନ୍ତୋଷ ପ୍ରଧାନ, ରତ୍ନାକର ସାହୁ, ନିରଞ୍ଜନ ପ୍ରଧାନ, ଧରମୁ ପ୍ରଧାନ ଓ ଶତୃଘନ ଭୂୟାଁଙ୍କ ଏହି ପ୍ରତିନିଧି ଦଳ ଅଧିକାରୀ ଓ ମନ୍ତ୍ରୀଙ୍କୁ ଚିନିଶିଳ୍ପରେ ଦୀର୍ଘଦିନ ଧରି ଖାଲିପଡିଥିବା ପରିଚାଳନା ନିର୍ଦ୍ଦେଶକ, ପର୍ଶନାଲ ମ୍ୟାନେଜର, ସେଫ୍ଟି ଅଫିସର, ଆଖୁ ପରିଚାଳକ ଭଳି ମୁଖ୍ୟ ପଦବୀରେ ନିଯୁକ୍ତି, ଚିନିଶିଳ୍ପର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ନିୟମାନୁଯାୟୀ ପରିଚାଳନା ପରିଷଦର ବୈଠକରେ ଆଲୋଚନା କରି ନିଷ୍ପତ୍ତି, ଚିନିଶିଳ୍ପ ମଦ ପ୍ରସ୍ତୁତି କାରଖାନାରୁ ବାହାରୁଥିବା ଆସିକା ୪୦ ପ୍ୟାକିଂ ବଦଳାଇ ପଲି ପ୍ରପୋଲିନ ମାଧ୍ୟମରେ ପ୍ୟାକିଂ କରି ପରିବେଶ ସୁରକ୍ଷା ସହ ଖର୍ଚ୍ଚ କମାଇବା ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।


ରେଜିଷ୍ଟ୍ରାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ସୂଚନା ଯୋଗ୍ୟ ଗତ ଡିସେମ୍ବର ୧୩ ତାରିଖରେ ଚିନିଶିଳ୍ପ ପରିଚାଳନା ପରିଷଦର ପ୍ରଥମ ବୈଠକ ବସିଥିଲା। ତା ପରବର୍ତ୍ତି ଅବସ୍ଥାରେ ଆଉ ବୈଠକ ବସିପାରିନାହିଁ। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଗତ ମାର୍ଚ୍ଚ ୨୩ରେ ପରିଚାଳନା ପରିଷଦର ଉପସଭାପତି ସ୍ନେହଲତା ଚଣ୍ଡଙ୍କ ଅଧ୍ୟକ୍ଷତାରେ ୯ଜଣ ଡାଇରେକ୍ଟରଙ୍କ ଏକ ବୈଠକ ବସିଥିଲା। ଏହି ବୈଠକରେ ପରିଚାଳନା ପରିଷଦର ସଭାପତିଙ୍କୁ ତୁରନ୍ତ ବୈଠକ ଡକାଇ ସମସ୍ୟା ବିଷୟରେ ଆଲୋଚନା କରିବା ସହ ବ୍ୟବସାୟିକ ନୀତି ନିର୍ଦ୍ଧାରଣ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଏକ ସ୍ମାରକପତ୍ର ଦିଆଯାଇଥିଲା । ତଥାପି ସମସ୍ୟାର କୌଣସି ସମାଧାନ ନହେବାରୁ ନିର୍ବାଚିତ ନିର୍ଦ୍ଦେଶକମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ବାଧ୍ୟ ହେଲେ ବୋଲି ବରାଡ଼ ପ୍ରକାଶ କରିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରଗଡ଼ି,୭।୪(ଡି.ଏନ.ଏ.):** କୋରେଇ ବ୍ଲକ କଚରାସାହି ଗ୍ରାମର ସୋନୁ ବେହେରା(୧୮)ଙ୍କ ଝୁଲନ୍ତା ମୃତଦେହକୁ ତାଙ୍କ ଘର ଭିତରୁ ଶୁକ୍ରବାର ପୂର୍ବାହ୍ନରେ କୋରେଇ ପୋଲିସ ଜବତ କରିଛି। ଆରଟିଓ ଜରିମାନାକୁ ନେଇ ବାପା ଗାଳିଗୁଲଜ କରିଥିବାରୁ ସୋନୁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। କୋରେଇ ପୋଲିସ ଯାଜପୁର ଟାଉନ ହସ୍ପିଟାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ବଡ଼ଭାଇ ଆକ୍ରମଣରେ ସାନ ମୃତ

**ପାଇକମାଳ,୭।୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ଥାନା ଅଧୀନ ଡୁଙ୍ଗୁରିପାଲି ଗ୍ରାମରେ ବଡ଼ଭାଇ ଆକ୍ରମଣରେ ସାନଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ ମନୋଜ ସୁନା (୨୫)। ଏହି ଘଟଣାରେ ଅଭିଯୁକ୍ତ ଉପେନ୍ଦ୍ର ସୁନା(୨୯)ଙ୍କୁ ଗିରଫ କରି ଶୁକ୍ରବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୪।୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି।

ପୋଲିସ ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଉପେନ୍ଦ୍ର ଘରକୁ ଆସି କୌଣସି କାରଣରୁ ମନୋଜଙ୍କୁ ଗାଳିଗୁଲଜ କରିଥିଲେ। ମନୋଜ ଏହାର ପ୍ରତିବାଦ କରିବାରୁ ଉପେନ୍ଦ୍ର ଏକ ରୁଟିସେକା ଲୁହା ତାୱାରେ ମନୋଜଙ୍କ କାନ ପାଖରେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମନୋଜ ମରିଯିବା ଦେଖି ଉପେନ୍ଦ୍ର ଭୟରେ ପାଇକମାଳ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ଶୁକ୍ରବାର ଏ ନେଇ ମୃତକଙ୍କ ସ୍ତ୍ରୀ ମାଧୁରୀ ସୁନା ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଖବର ପାଇ ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଓ ଆଇଆଇସି ସୁଶାନ୍ତ କୁମାର ବଡେଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

# ବୋମା ନିଷ୍କ୍ରିୟ ବେଳେ ଯବାନ ଗୁରୁତର

**ମାଲକାନଗିରି, ୭।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ମାଓବାଦୀ ହିଂସା ଦେଖିବାକୁ ମିଳିଛି। ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ବୋମାକୁ ନିଷ୍କ୍ରିୟ କରିବାକୁ ଯାଇ ଜଣେ ଯବାନ ଗୁରୁତର ହୋଇଛନ୍ତି। ବୋମା ନିଷ୍କ୍ରିୟ ବେଳେ ଏହା ବିସ୍ଫୋରଣ ହୋଇଥିଲା। ସମ୍ପୃକ୍ତ ଯବାନ ଜଣକ ହେଲେ ଅଞ୍ଜୁରିରାମ ବାଗେଲ। ସେ ଡିଆର୍‌ଜି ଯବାନ ରୂପେ କାର୍ଯ୍ୟ କରୁଥିଲେ। ଖବରରୁ ଜଣାପଡ଼ିଛି, ଶୁକ୍ରବାର ନାରାୟଣପୁର ଜିଲା ଛୋଟେଡଙ୍ଗର ବାହାକେର ଜଙ୍ଗଲରେ ମାଓବାଦୀ ଦମନ ଲାଗି ଯବାନମାନେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ପୂର୍ବରୁ ଖଞ୍ଜିଥିବା ଏକ ଆଇଇଡି ବୋମାକୁ ସେମାନେ ଠାବ କରିଥିଲେ। ଏହାକୁ ଯବାନମାନେ ନିଷ୍କ୍ରିୟ କରୁଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ଅଞ୍ଜୁରିରାମ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ନାରାୟଣପୁର ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।


ଗୁରୁତର ଅଞ୍ଜୁରିରାମଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।


# Classified Everyday 0674-2580101, 2549949


REAL ESTATE

**SALE**

ANTQUE Model bullet sale with valid documents. Contact. 9938205600. D-0043

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ-800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

Gharabari plot for sale Sivasakti Nagar (Hanspal) per sqft.- 2750/-. 7008492511. D- 0047

ଭୁବନେଶ୍ୱର ଟଙ୍କପାଣି ରୋଡ୍ **BJEM-2 backside** ରାସ୍ତା ପାଖରେ **2100sqft.** ବାଉଣ୍ଡରି ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ବର୍ଗଫୁଟକୁ **900/-. Mob: 9438220432, 8144658008.** D- 0049

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

ଭୁବନେଶ୍ୱର ସାଇମନ୍ଦିର ଛକରୁ 7K.M. ଦୂରରେ ରଙ୍ଗବଜାର ପାଖରେ ଘରବାରି ପ୍ଲଟ୍ ମିଳୁଛି। 8093465134, 9668194157. D-74839

**Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ) D-0023**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

Land for sale at Pubasasan Mouza, infront of CIFA having area 2200sqft. with yellowzone (gharabari). Contact: 9938205600. D-0042

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରିଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Farmhouse having 5acre area sale near 9K.M. from Chaudwar. Contact: 9938205600. D-0041

**AFFIDAVIT**

By virtue of an affidavit before Notary Public, Cuttack, I have changed my surname from Setha to Seth. Henceforth I shall be known as Ajit Kumar Seth for all purposes.
Ajit Kumar Seth.
D-0050

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




All types of professional body massage by professional therapy. Contact: 9556924059, 7077933109. D-0046

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Newly open health benefits SPA special Offer @ 799, Jaydev Vihar. 8018429809. D-73697

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Asribadaa Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669




University Gold medallist offers expert PERSONAL coaching for English, Maths, Science Class 8 to 10 any board. Khandagiri 8599086770. D-0044

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୠସନ୍ତୋଷ କୁମାର ଆଚାର୍ଯ୍ୟ**
ପ୍ଲଟ୍ ନଂ.-୧୨୭, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୭।୦୪।୧୯୪୫
ତିରୋଧାନ: ୩୦।୦୩।୨୦୨୩
ଚାହୁଁ ଚାହୁଁ ୧୦ଦିନ ବିତିଗଲା, ଆମଠାରୁ ଲୋଭ, ମାୟା, ସଂସାର ମୋହ ତୁଟାଇ ଅଜଣା ରାଇଜକୁ ଚାଲିଗଲା ତୁମର ସ୍ନେହ, ପ୍ରେମ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମର ସ୍ମୃତି ହୋଇ ରହିବ। ପ୍ରତିଟି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**
ଧ-୦୦୪୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୠବାଞ୍ଛାନିଧି ସୁଆର**
ପିତା: ବନମାଳି ସୁଆର
ଆବିର୍ଭାବ: ୧୦।୦୫।୧୯୩୮
ତିରୋଭାବ: ୨୮।୦୩।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ହୃଷୀକେଶ, ବସନ୍ତ, ନଳିନୀକାନ୍ତ, ସିଦ୍ଧାର୍ଥ ଓ ଶିବରାମ, ପୁତ୍ରବଧୂ: ସୁଲୋଚନା ଓ ମମତା, କନ୍ୟା: କଲ୍ୟାଣୀ ଓ ଶର୍ମିଷ୍ଠା, ନାତିନାତୁଣୀ: ଚିନ୍ମୟୀ, ସୌମ୍ୟକାନ୍ତ, ବିଶ୍ୱଜିତ୍, ଶୁଭକାନ୍ତ, ଧୃତିମୋହନ ଓ ଶ୍ରୀପ୍ରିୟା।
ଧ-୦୦୦୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଓଡ଼ିଶା ସରକାର
## ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

No.254 Dated 29.03.2023

**No.VI-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ମାନେଶ୍ୱର, ଥାନା-ସଦର, ତହସିଲ-ମାନେଶ୍ୱର, ଜିଲ୍ଲା-ସମ୍ବଲପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR&R Act-2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୧୧୭୧ ତା.୦୧.୦୭.୨୦୧୭ ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଉକ୍ତ ଆଇନର ଧାରା ୧୯ (୭) ଅନୁଯାୟୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା ୧୦୮୦୭, ତା.୨୨.୦୩.୨୦୨୩ ଦ୍ୱାରା ଧାରା ୧୯ (୧) ର ଘୋଷଣାନାମା ଜାରି କରିବା ପାଇଁ ସମୟ ଅବଧି ତା.୩୧.୦୩.୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ମାନେଶ୍ୱର, ଥାନା-ସଦର, ତହସିଲ-ମାନେଶ୍ୱର, ଜିଲ୍ଲା- ସମ୍ବଲପୁର ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର - ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.sambalpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଅଛି। ଉକ୍ତ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ଭୂମିର ନକ୍ସା ଓ ଭୂମି ଅନୁସୂଚୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ସମ୍ବଲପୁର ତହସିଲ-ମାନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାନେଶ୍ୱର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୭୮୦ | ଏଥିସହିତ ସଂଲଗ୍ନ |

●ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ପ୍ରଯୁଜ୍ୟ ନୁହେଁ

ଘୋଷଣାନାମାର ବୈଧ ତାରିଖ ୩୧.୦୩.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ସମ୍ବଲପୁର

**Detailed list of Displaced families of village-Maneswar coming under R & R Scheme relating to Talcher-Sambalpur Rail Link Doubling Project**

| Sl. No. | Name with plot no. wise | Provision of housing unit in case of displacement (Rs. 1,50,000/-) | Land for Land | Choice for Annuity or employment/ onetime payment of (Rs.5 Lakh) | Subsistence grant for displaced families for a period of one year @3000/- per month | Transportation cost for displaced families (Rs.50,000/-) | Cattle sheds/ paddy shops cost (Rs.25,000/-) | One-time grant to artisans small traders and certain others (Rs.25,000/-) | Fishing Rights | One time resettlement allowances (Rs.50,000/-) | Total amount under R & R scheme (in Rs.) | Remarks |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | 157/864 Sanjay Pradhan, S/o. Krushna Chandra Pradhan | 1,50,000/- | - | - | 36,000/- | 50,000/- | - | - | - | 50,000/- | 2,86,000/- | Govt. Servant |
| 2 | 157/864 Brundaban Pradhan, S/o. Krushna Chandra Pradhan | 1,50,000/- | - | 5,00,000/- | 36,000/- | 50,000/- | - | - | - | 50,000/- | 7,86,000/- | |
| 3 | 157/864 Gopinath Pradhan, S/o. Krushna Chandra Pradhan | 1,50,000/- | - | 5,00,000/- | 36,000/- | 50,000/- | - | - | - | 50,000/- | 7,86,000/- | |
| Total | | 4,50,000/- | - | 10,00,000/- | 1,08,000/- | 1,50,000/- | | | | 1,50,000/- | **18,58,000/-** | |
| (Rupees Eighteen Lakh fifty eight thousand only) | | | | | | | | | | | | |

## ଭୂମି ଅନୁସୂଚୀ

**ମୌଜା-ମାନେଶ୍ୱର, ତହସିଲ-ମାନେଶ୍ୱର, ନଂ-୨୧୫, ଥାନା-ସମ୍ବଲପୁର ସଦର, ଜିଲ୍ଲା-ସମ୍ବଲପୁରରେ ସମ୍ବଲପୁର-ତାଳଚେର (ସମ୍ବଲପୁର-ବାମୁର ସେକ୍ସନ) ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ରମିକ ନମ୍ବର | ଖାତା ନମ୍ବର | ରୟତଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୬ | ଅଲେଖ ବେହେରା, ଗୋଲଖ ବେହେରା, ପି.ଦନାର ବେହେରା, ଲୋଚନା ବେହେରା, ସ୍ୱା.ଦନାର ବେହେରା, ଜା.ଗଉଡ.ବା.କଣ୍ଡାଇପାଲି | ୧୬୦ | ଚକଭୁକ୍ତ | ୧.୬୭୦ | ୦.୨୨୦ |
| ୨ | ୧୨ | ଏସ.ନାଜଗୋପାଳନ, ପି.ଶଙ୍କର ନାୟାର, ବା. ଥାକାଦି, ଥା.ଏଡାଥୁଆ, ଜି.ଆଲେପି, କେରଳ | ୨୮୯ | ଚକଭୁକ୍ତ | ୦.୧୨୦ | ୦.୧୨୦ |
| ୩ | ୧୮ | କାହ୍ନୁ ଚରଣ ପୂଝାରୀ, ପରୀକ୍ଷିତ ପୁଝାରୀ, ସୁରେଶ ପୁଝାରୀ, ପି.ଯୋଗେନ୍ଦ୍ର ପୁଝାରୀ, ଶଶୀ ପୁଝାରୀ, ସ୍ୱା.ଯୋଗିନ୍ଦ୍ର ପୁଝାରୀ, ଜା. ଥନାପତି, ବା.ନିଜଗାଁ | ୨୭୫ | ଚକଭୁକ୍ତ | ୧.୭୭୦ | ୦.୨୫୦ |
| ୪ | ୧୯ | କୁଞ୍ଜ ବିହାରି ପୁଝାରୀ, ବିପିନ ବିହାରି ପୁଝାରୀ, ସରସ୍ୱତୀ ପୁଝାରୀ, ପି.ଗୋବିନ୍ଦ ପୁଝାରୀ, ଜା.ଥନାପତି, ବା.ନିଜଗାଁ | ୨୭୬ | ପତିତ | ୦.୦୨୦ | ୦.୦୨୦ |
| ୫ | ୧୯ | | ୨୭୩ | ଚକଭୁକ୍ତ | ୦.୭୯୦ | ୦.୧୯୦ |
| ୬ | ୧୮୦/୨୧୮ | ମନୋଜ ମେହେର, ପି.ନିଳମଣି ମେହେର, ଜା.କୁଲିସ, ବା.ନିଜଗାଁ | ୨୭୩/ ୮୦୬ | ଘରବାରୀ | ୦.୦୫୦ | |
| ୭ | ୧୮୦/୨୬୪ | ସୂର୍ଯ୍ୟମଣି ସାହୁ, ପି.ହରିହର ସାହୁ, ଜା.ଗୁଡିଆ, ବା.ମାନେଶ୍ୱର, ଥା.ସଦର, ଜି.ସମ୍ବଲପୁର | ୨୭୩/ ୮୪୦ | ଘରବାରୀ | ୦.୦୬୦ | |
| ୮ | ୧୮୦/୪୬୦ | ବ୍ରଜମୋହନ ମେହେର, ପି.ତାପସ ମେହେର, ଜା.କୁଲିସ, ବା.ନିଜଗାଁ | ୨୭୩/ ୧୦୧୪ | ଘରବାରୀ | ୦.୦୫୦ | |
| ୯ | ୧୮୦/୪୬୨ | ମୋହିତ ମେହେର, ମନୀଷ ମେହେର, ପି.ସରୋଜ ମେହେର, ଜା.କୁଲିସ, ବା.ନିଜଗାଁ | ୨୭୩/ ୧୦୧୬ | ଘରବାରୀ | ୦.୦୫୦ | |
| ୧୦ | ୫୦ | ଦଶମ ବେହେରା,ପି.କହ୍ନେଇ ବେହେରା, ଭୀମ ବେହେରା, ପି.ଚକ୍ର ବେହେରା, ଜା.ଗଉଡ, ବା.ନିଜଗାଁ | ୧୫୮ | ଚକଭୁକ୍ତ | ୦.୨୭୦ | ୦.୧୧୦ |
| ୧୧ | ୫୭ | ଦୁର୍ଗା ମାଧବ ପୁଝାରୀ, ଅରୁନ୍ଧତି ପୁଝାରୀ, ପି.ଅଯୋଧ୍ୟା ପ୍ରସାଦ ପୁଝାରୀ, ଜା.ଥନାପତି,ବା.ନିଜଗାଁ | ୨୭୨ | ଚକଭୁକ୍ତ | ୦.୫୭୦ | ୦.୧୫୦ |
| ୧୩ | ୧୮୦/୨୭୮ | ଭାସ୍କର ମିର୍ଦ୍ଧା, ପି.ନିଳାମ୍ବର ମିର୍ଦ୍ଧା, ବା.ଝରଝରୀ,କୁଯୋମରା, ସମ୍ବଲପୁର | ୨୭୨/ ୭୨୦ | ଘରବାରୀ | ୦.୦୫୦ | |
| ୧୪ | ୧୮୦/୧୩୭ | ହରିପ୍ରିୟା ମେହେର, ସ୍ୱା.କାଶିନାଥ ମେହେର, ଜା.କଟିଆ,ବା.ମାନେଶ୍ୱର | ୨୭୨/ ୭୩୧ | ଘରବାରୀ | ୦.୧୬୦ | |
| ୧୫ | ୧୮୦/୬୨ | ନନକ ପୁଝାରୀ, ଉମା ପୁଝାରୀ, ପି.ଶମ୍ଭୁ ଚରଣ ପୁଝାରୀ, ଜା.ବ୍ରାହ୍ମଣ, ବା.ନିଜଗାଁ | ୨୭୧ | ଚକଭୁକ୍ତ | ୦.୬୮୦ | ୦.୧୭୦ |
| ୧୬ | ୬୦ | ଦେବକୀ ପୁଝାରୀ, ସ୍ୱା-ଶମ୍ଭୁ ଚରଣ ପୁଝାରୀ, କୁମୁଦ ପୁଝାରୀ, ଲଳିତ ମୋହନ ପୁଝାରୀ, ପି.ଧନୁର୍ଯ୍ୟୟ ପୁଝାରୀ, କାହ୍ନୁ ଚରଣ ପୁଝାରୀ, ପରିକ୍ଷିତ ପୁଝାରୀ, ସୁରେଶ ପୁଝାରୀ, କିଶୋର ପୁଝାରୀ, ଡାଳିମ୍ବ ପୁଝାରୀ, ପି.ଯୋଗେନ୍ଦ୍ର ପୁଝାରୀ, ଶଶୀ ପୁଝାରୀ, ସ୍ୱା.ଯୋଗେନ୍ଦ୍ର ପୁଝାରୀ, ଜା.ଥନାପତି, ବା.ନିଜଗାଁ | ୨୮୬ | ପତିତ | ୦.୧୦୦ | ୦.୦୧୦ |
| ୧୭ | ୯୮ | ବିଦେଶୀ କୁମ୍ଭାର, ପି.ଛାଲ କୁମ୍ଭାର, ଜା.ଗଣ୍ଡା, ବା.କଣ୍ଟେଇପାଲି | ୨୩୫ | ଚକଭୁକ୍ତ | ୦.୪୦୦ | ୦.୧୦୦ |
| ୧୮ | ୧୮୦/୩୧୪ | ରମେଶ ଚନ୍ଦ୍ର ଅଗ୍ରୱାଲା, ପି. ଭଗିରଥମଲ ଅଗ୍ରୱାଲା, ଜା.ବୈଶ୍ୟ, ବା.ଭିଏସଏସ ମାର୍ଗ, ଥା.ଟାଉନ | ୨୩୫/ ୭୭୪ | ଘରବାରୀ | ୦.୮୮୦ | |
| ୧୯ | ୧୪୦ | ରେବତୀ ମହାପାତ୍ର, ସ୍ୱା.ପ୍ରତିମନ ମହାପାତ୍ର, ଜା.ଖଣ୍ଡାୟତ, ବା.ନିଜଗାଁ | ୨୩୦ | ଚକଭୁକ୍ତ | ୦.୫୩୦ | ୦.୧୮୦ |
| ୨୦ | ୧୪୯ | ଆଶିଷ କୁମାର ଅଗ୍ରୱାଲ, ପି.ବୈଦ୍ୟନାଥ ଅଗ୍ରୱାଲ, ଜା.ବଣିଆ, ବା.ଶିବକୁଂଜ, ଭି.ଏସ.ଏସ. ମାର୍ଗ, ସମ୍ବଲପୁର | ୧୫୭ | ଚକଭୁକ୍ତ | ୦.୦୨୦ | ୦.୦୬୦ |
| ୨୧ | ୧୮୦/୨୯୮ | ଶୈଳେନ୍ଦ୍ର କୁମାର ପୁରୋହିତ, ପି.ହରିଶଙ୍କର ପୁରୋହିତ, ଜା.ବ୍ରାହ୍ମଣ, ବା.ମିର୍ଗାମୁଣ୍ଡା | ୧୫୭/ ୮୬୩ | ଘରବାରୀ | ୦.୦୫୦ | |
| ୨୨ | ୧୮୦/୩୨୭ | ଶୈଳେନ୍ଦ୍ର କୁମାର ପୁରୋହିତ, ପି.ହରିଶଙ୍କର ପୁରୋହିତ, ଜା.ବ୍ରାହ୍ମଣ, ବା.ମିର୍ଗାମୁଣ୍ଡା | ୧୫୭/ ୮୬୫ | ଘରବାରୀ | ୦.୦୩୦ | |
| ୨୩ | ୧୮୦/୨୯୯ | ବୃନ୍ଦାବନ ପ୍ରଧାନ, ଗୋପିନାଥ ପ୍ରଧାନ, ସଞ୍ଜୟ ପ୍ରଧାନ, ପି.କୃଷ୍ଣଚନ୍ଦ୍ର ପ୍ରଧାନ, ଜା.କୁଲତା, ବା.ସୁଡୁଙ୍ଗା ସାହାପାଲି | ୧୫୭/ ୮୬୪ | ଘରବାରୀ | ୦.୧୦୦ | |
| ୨୪ | ୧୫୪ | ଶଶୀ ଭୂଷଣ ପରିଡା, ପି.କୁଞ୍ଜ ବିହାରି ପରିଡା, ଜା.ଖଣ୍ଡାୟତ, ବା.ନିଜଗାଁ | ୨୨୪ | ଚକଭୁକ୍ତ | ୦.୮୧୦ | ୦.୧୩୦ |
| ୨୫ | ୧୮୦/ ୨୭୫ | ସରୋଜ କୁମାର ସାହୁ, ପି. ରାହାସ ସାହୁ, ଜା.ଗୁଡିଆ, ବା.ନିଜଗାଁ | ୨୨୪/ ୮୪୮ | ଘରବାରୀ | ୦.୦୪୦ | |
| ୨୬ | ୧୮୦/୪୭୭ | ତ୍ରିମୁର୍ତ୍ତୁଲୁ ପି.ସତ୍ୟନାରାୟଣ, ଜା. ଚେଟି ବାଲାଜି, ବା. ସନ୍ତୋଷୀପଡା ପପଙ୍ଗା ଥାନା.ଭେଡେନ, ଜିଲ୍ଲା- ବରଗଡ | ୨୨୪/ ୧୦୩୧ | ଘରବାରୀ | ୦.୦୯୦ | |
| ୨୭ | ୧୮୦/୩୨୬ | ରମେଶ ଚନ୍ଦ୍ର ଅଗ୍ରୱାଲ, ପି. ଭାଗିରଥିମଲ ଅଗ୍ରୱାଲ, ଜା.ବୈଶ୍ୟ, ବା.ଭି.ଏସ.ଏସ. ମାର୍ଗ, ସମ୍ବଲପୁର | ୨୩୧ | ଚକଭୁକ୍ତ | ୦.୨୦୦ | ୦.୦୫୦ |
| ୨୮ | ୧୮୦/୧୬୦ | ପରିକ୍ଷିତ ପୁଝାରୀ, ସୁରେଶ ଚନ୍ଦ୍ର ପୁଝାରୀ, ପି.ଯୋଗେନ୍ଦ୍ର ପୁଝାରୀ, ଜା.ଥନାପତି, ବା.ନିଜଗାଁ | ୨୮୮ | ଚକଭୁକ୍ତ | ୧.୯୯୦ | ୦.୦୨୦ |
| | ମୋଟ | | | | | ଏ.୧.୭୮୦ |

ରାଜସ୍ୱ ନିରୀକ୍ଷକ
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

ଜିଲ୍ଲାପାଳ
ସମ୍ବଲପୁର

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର

OIPR-15013/14/0001/2324

# ଜୁନାଗଡ଼-ଜୟପୁରରେ ଟ୍ରେଣ୍ଡ୍‌ସର ନୂଆ ଷ୍ଟୋର

ଭୁବନେଶ୍ୱର,୭।୪




ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଆଉ ୨ଟି ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କଳାହାଣ୍ଡି ଜିଲାର ଜୁନାଗଡ଼ ଓ କୋରାପୁଟ ଜିଲାର ଜୟପୁର ସହରରେ ଟେଣ୍ଡ୍‌ସର ନୂତନ ଷ୍ଟୋର ନିକଟରେ ଶୁଭାରମ୍ଭ କରାଯାଇଛି। ବିଶେଷକରି ଜୁନାଗଡ଼ ଠାରେ ୭୦୦୦ ବର୍ଗଫୁଟ ଏବଂ ଜୟପୁରରେ ୧୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଖୋଲିଥିବା ଉକ୍ତ ଷ୍ଟୋର ଦ୍ୱୟରେ ସ୍ଥାନୀୟ ଗ୍ରାହକମାନଙ୍କ ଲାଗି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଉପଲବ୍ଧ ରହିଛି। ଏପରିକି ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ଉଭୟ ଷ୍ଟୋରକୁ ବେଶ୍ ଆକର୍ଷଣୀୟ କରି ତୋଳିଛି। ସେହିଭଳି ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ। ଏପରିକି ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନର ବ୍ୟାପକ ସମ୍ଭାର ରହିଛି। ଏପରିକି ୩୯୯୯ଟଙ୍କାର କ୍ରୟ ଉପରେ ୨୪୯ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଉଲ୍ଲେଖଯୋଗ୍ୟ, ଉଭୟ ଜୁନାଗଡ଼ ଓ ଜୟପୁର ସହରରେ ଟ୍ରେଣ୍ଡ୍‌ସ ଷ୍ଟୋର ନୂତନ ଏବଂ ପ୍ରଥମ ଷ୍ଟୋର ଖୋଲିଥିବା ବେଳେ ଉଭୟ ଷ୍ଟୋରର ମଡର୍ନ ଲୁକ୍ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବ।

# ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର କଲେକ୍ସନ 'ଥାଞ୍ଜାଭୁର'

ଭୁବନେଶ୍ୱର,୭।୪



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ମାଜେଷ୍ଟିକ ଥାଞ୍ଜାଭୁର'ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ଅକ୍ଷୟ ତୃତୀୟା ପାଇଁ ଏଭଳି ଏକ ଆକର୍ଷଣୀୟ କଲେକ୍ସନ 'ଥାଞ୍ଜାଭୁର'ର ବଜାର ପ୍ରବେଶ କରାଯାଇଛି। ଏଭଳି ଏକ ଫାଇନ୍ ଜୁଏଲେରି କଲେକ୍ସନ ଯାହାକି ମନ୍ଦିର,ରାଜକୀୟ ଦରବାର ହଲ୍ ଓ ବୋମାଇ ଡଲ୍‌ସର ସୂକ୍ଷ୍ମ କଳାକୃତି ଦ୍ୱାରା ଅନୁପ୍ରେରିତ। ସେହିଭଳି ରିଲାଏନ୍ସ ଜୁଏଲ୍ସର 'ଥାଞ୍ଜାଭୁର' କଲେକ୍ସନରେ ବ୍ୟାପକ ଶ୍ରେଣୀୟ ସମ୍ଭାର ରହିଛି, ଯାହାକି ସବୁ ଅବସର ପାଇଁ ଉତ୍କୃଷ୍ଟ। ବିଶେଷକରି ଏହା ବିବାହଠାରୁ ଆରମ୍ଭକରି ପାର୍ବଣରତୁ ବା କୌଣସି ସ୍ୱତନ୍ତ୍ର ଉତ୍ସବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହି କଲେକ୍ସନରେ ଆକର୍ଷଣୀୟ ନେକ୍‌ଲେସ୍ ସେଟ୍, ଚୋକର୍ସ, ଲେୟାରଡ୍ ନେକ୍‌ଲେସ୍, ଚୁଡ଼ି, ବ୍ରେସ୍‌ଲେଟ୍, ଇୟରିଂ, ରିଂ, ୱେଷ୍ଟବେଲ୍ଟ, ମାଙ୍ଗଟିକା, କାନର ଚେନ୍ ଓ ଆହୁରି ଅନେକ ଉପଲବ୍ଧ। ପ୍ରତ୍ୟେକ ଗହଣାର ଏକ ସ୍ୱତନ୍ତ୍ର କଳାକୃତି ରହିଛି, ଯାହାକି ଅଦ୍ୱିତୀୟ । ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ବର୍ଷର ଅକ୍ଷୟ ତୃତୀୟା ପାଇଁ ଆମେ ସାରା ଭାରତରେ ଥାଞ୍ଜାଭୁର କଲେକ୍ସନ ବଜାର ପ୍ରବେଶ କରାଇଥିବାରୁ ଅତ୍ୟନ୍ତ ଆନନ୍ଦିତ। ବିଶେଷକରି ତାମିଲନାଡୁର ଥାଞ୍ଜାଭୁରର ସମୃଦ୍ଧ ଐତିହ୍ୟକୁ ଏହା ବହନ କରିଥାଏ। ଆମର ଥିମାଟିକ୍ ଜୁଏଲେରି କଲେକ୍ସନ ଭାରତର ବ୍ୟାପକ ସଂସ୍କୃତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏପରିକି ସିଜନ୍ ୭.୦ର ଶୁଭାରମ୍ଭ ସହ ଏହି ଧାରାକୁ ଅବ୍ୟାହତ ରଖିଥିବାରୁ ଅତ୍ୟନ୍ତ ଆନନ୍ଦିତ। ସେହିଭଳି ଗ୍ରାହକମାନେ ଆମର ଉତ୍କୃଷ୍ଟ କାରିଗରିକୁ ସର୍ବଦା ପସନ୍ଦ କରି ଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କଲେକ୍ସନ ରିଲାଏନ୍ସ ଜୁଏଲ୍ସର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଏପରିକି ରିଲାଏନ୍ସ ଜୁଏଲ୍ସର କ୍ୟାମ୍ପେନ ଅବଧି ୨୦୨୩ ଏପ୍ରିଲ ୨୪ ପର୍ଯ୍ୟନ୍ତ ରହିଛି। ଏହି ସମୟ ମଧ୍ୟରେ ସୁନାଗହଣାର ଗଢ଼ା ମଜୁରି ଉପରେ ଓ ଡାଏମଣ୍ଡ ଜୁଏଲେରି ଇନ୍‌ଭଏସ୍ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।

# ବିଶ୍ୱଶ୍ରେଣୀୟ ଷ୍ଟିଲ୍ ଉତ୍ପାଦନ ଲକ୍ଷ୍ୟ

ଭୁବନେଶ୍ୱର,୭।୪


ଅଭ୍ୟୁଦୟ ଜିନ୍ଦଲ

ଦେଶର ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍(ଜେଏସ୍ଏଲ୍)ର ବାଣିଜ୍ୟିକ କାର୍ଯ୍ୟକଳାପକୁ ନେଇ କ୍ରିସିଲ ଏଏ ରେଟିଂ ପଜିଟିଭକୁ ବୃଦ୍ଧି କରାଇଛି। ଏହି ସମୟରେ ସ୍ୱଳ୍ପକାଳୀନ ବ୍ୟାଙ୍କ ସୁବିଧା ଉପରେ ମୂଲ୍ୟାୟନ କ୍ରିସିଲ ଏ୧+ରେ ପୁନଃ ପ୍ରମାଣିତ ହୋଇଛି। ଏପରିକି କମ୍ପାନୀର ଉନ୍ନତ ବ୍ୟବସାୟ ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ଏଥିରୁ ସ୍ପଷ୍ଟ ହୋଇଛି। ବିଶେଷକରି ଦୃଷ୍ଟିକୋଣ ବୃଦ୍ଧି ପାଇଁ କ୍ରିସିଲ ରେଟିଂଗୁଡ଼ିକ ଧ୍ୟାନ ଦେଇଥିବା କିଛି ମାପଦଣ୍ଡ ଅନୁସାରେ କମ୍ପାନୀ ସହ ଜିନ୍ଦଲ ଷ୍ଟେନ୍‌ଲେସ୍ ହିସାର ଲିମିଟେଡ୍‌ର ମିଶ୍ରଣ ପ୍ରକ୍ରିୟା ଓ ବ୍ୟବସାୟର ସୁଲଭ ପ୍ରକ୍ରିୟା ଓ ଆପଦକୁ ଅନ୍ତର୍ଭୁକ୍ତ କରିଛି। ଏହି ବିଜ୍‌ନେସ ମଡେଲରେ ୨.୯ ମିଲିୟନ ଟନ୍ ପର୍ଯ୍ୟନ୍ତ ବିସ୍ତାରକୁ ଅନ୍ତର୍ଭୁକ୍ତ ସହ ଘରୋଇ ଷ୍ଟେନ୍‌ଲେସ୍ ଶିଳ୍ପରେ କମ୍ପାନୀର ନେତୃତ୍ୱ ସ୍ଥିତି ଓ ସୁସ୍ଥ ଦୃଷ୍ଟିକୋଣ ଏବଂ ବହୁ ପରିମାଣର ରପ୍ତାନି ଅଭିବୃଦ୍ଧି ହୋଇପାରିଛି।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏକ ସ୍ଥାୟୀ ଇକୋ ସିଷ୍ଟମ ଉପରେ ଆମର ଧ୍ୟାନ କେନ୍ଦ୍ରିତ ରହିଛି। ଏହା ସହ ବର୍ଦ୍ଧିତ ଷ୍ଟିଲ୍‌ର ଚାହିଦା ପୂରଣ ଲାଗି ଆମେ ବିଶ୍ୱଶ୍ରେଣୀୟ ଷ୍ଟିଲ୍ ଉତ୍ପାଦନ ଲକ୍ଷ୍ୟରେ ନିଜର ପ୍ରୟାସକୁ ଜାରି ରଖିବାକୁ ଚାହୁଁଛୁ। ସେହିଭଳି କ୍ରିସିଲ ରେଟିଂ ଦ୍ୱାରା ନବୀକରଣ ହୋଇଥିବା ଦୃଷ୍ଟିକୋଣ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୃଢ଼ ବ୍ୟବସାୟ ମୌଳିକତା ଓ ପରିବେଶ ତଥା ସାମାଜିକ କୁପ୍ରଭାବକୁ ହ୍ରାସ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ।

# ଟାଟା ଷ୍ଟିଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୭।୪

ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ତ୍ରୈମାସିକରେ କମ୍ପାନୀ ସର୍ବାଧିକ ୧୯.୯ ନିୟୁତ ଟନ୍‌ର ଅଶୋଧିତ ଇସ୍ପାତ ଉତ୍ପାଦନ ସହ ବାର୍ଷିକ ଭିତ୍ତିରେ ୪% ଅଭିବୃଦ୍ଧି ହାସଲ କରିଛି। ବିଶେଷକରି କମ୍ପାନୀ ତା'ର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ଉତ୍ପାଦନକୁ ମଧ୍ୟ ବଢ଼ାଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ଅଶୋଧିତ ଇସ୍ପାତ ଉତ୍ପାଦନ ତ୍ରୈମାସିକ ଭିତ୍ତିରେ ୩% ବୃଦ୍ଧି ପାଇ ୫.୧୫ ନିୟୁତ ଟନ୍ ରହିଥିଲା। ଆର୍ଥିକ ବର୍ଷରେ ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ଟାଟା ଷ୍ଟିଲ୍‌ର ଡେଲିଭରି ୩% ବୃଦ୍ଧି ପାଇ ପୂର୍ବରୁ ୨୦୨୧-୨୨ ଆର୍ଥିକ ବର୍ଷରେ ହାସଲ କରାଯାଇଥିବା ଶ୍ରେଷ୍ଠ ରେକର୍ଡକୁ ଅତିକ୍ରମ କରିଛି। ଅପରପକ୍ଷରେ ଦେଶ ଭିତରେ ଡେଲିଭରି ବର୍ଷକୁ ବର୍ଷ ଭିତ୍ତିରେ ୧୦% ବୃଦ୍ଧି ପାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟିଭି ନରେନ୍ଦ୍ରନ୍ କହିଛନ୍ତି, ଏକ ଆହ୍ୱାନପୂର୍ଣ୍ଣ ପରିବେଶ ସତ୍ତ୍ୱେ ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ରେକର୍ଡ ଭଙ୍ଗକାରୀ ପରିଚାଳନା ପ୍ରଦର୍ଶନ ହାସଲ କରିଛି। ବିଶେଷକରି ଆମର ସର୍ବକାଳୀନ ବାର୍ଷିକ ଉତ୍ପାଦନ ଓ ଡେଲିଭରି ସଫଳତା ୨୦୨୧-୨୨ ଆର୍ଥିକ ବର୍ଷର ରେକର୍ଡକୁ ଅତିକ୍ରମ କରିଛି, ଯାହା ଆମର ଦୃଢ଼ତାର ପରିଚୟ ଦେଉଛି। ଆମର ଦୃଢ଼ ମାର୍କେଟିଂ ନେଟ୍‌ୱର୍କ ଓ ଦ୍ରୁତ କ୍ରିୟାଶୀଳ ବ୍ୟବସାୟ ମଡେଲ୍ ଆମକୁ ସବୁ କ୍ଷେତ୍ରରେ ବଢ଼ିବାରେ ସକ୍ଷମ କରିଛି। ଗତ ୨ ତ୍ରୈମାସିକରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ଉତ୍ପାଦନରେ ଉନ୍ନତି ଦେଖି ଆମେ ଆନନ୍ଦିତ। ଏହି ଧାରା ବଜାୟ ରଖିବା ଏବଂ ଅଭିବୃଦ୍ଧି ଆଗକୁ ବଢ଼ାଇବା ଲାଗି ଆମେ ଆମ ଦୃଢ଼ତାର ବ୍ୟବହାର ଜାରି ରଖିବୁ।

# ପି ଟ୍ରନ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୭।୪




ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ୍ ପି ଟ୍ରନ୍ ପକ୍ଷରୁ ଏକ ନୂତନ ଉତ୍ପାଦ 'ବା ସ୍ୱୋଡ୍ସ ଏନ୍‌କୋର'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହାର ୱେୟାରଲେସ୍ ଇୟରବଡ୍ସର ଶ୍ରେଣୀରେ ସଦ୍ୟତମ ସଂଯୋଜନା। ଏପରିକି ବାସ୍ୱଡସ୍ ଏନ୍‌କୋର ଇୟରବଡ୍ସ ଦୁନିଆର ଏକ ଗେମ୍ ଚେଞ୍ଜର। ଅତ୍ୟାଧୁନିକ ପରିବେଶୀୟ ଶବ୍ଦକୁ ରଦ୍ଦ କରିବାର ଜ୍ଞାନକୌଶଳରେ ସଜ୍ଜିତ ଏହି ଇୟରବଡ୍ସ ପରିବେଶୀୟ ଶବ୍ଦ ୩୦ଡିବି ପର୍ଯ୍ୟନ୍ତ ହ୍ରାସ କରିପାରେ ବୋଲି କୁହାଯାଉଛି। ସେହିଭଳି ବା ସ୍ୱୋଡ୍ ଏନ୍‌କୋର ଇୟରବଡ୍ସର ବ୍ୟାଟେରି ଲାଇଫ ୫୦ ଘଣ୍ଟା ପର୍ଯ୍ୟନ୍ତ ରହିଛି, ଯାହା କି ଅନେକ ଦିନ ଧରି ନିରବଚ୍ଛିନ୍ନ ଶୁଣିବା ସୁନିଶ୍ଚିତ କରିଥାଏ । ଏପରିକି ଚାର୍ଜିଂ କେସ୍ ବ୍ୟବହାର କରି ଇୟରବଡ୍ସକୁ ଏକାଧିକ ଥର ଚାର୍ଜ କରାଯାଇପାରିବ। ଏହା ଇୟରବଡ୍ସ ପାଇଁ ସୁରକ୍ଷା ଏବଂ ସହଜ ଷ୍ଟୋରେଜ ମଧ୍ୟ ପ୍ରଦାନ କରିଥାଏ। ଏହି ଇୟରବଡ୍ସରେ ବ୍ଲୁଟୁଥ୍ ୫.୩ ଜ୍ଞାନକୌଶଳ ରହିଛି।

ଏ ସମ୍ପର୍କରେ ପି ଟ୍ରନ୍‌ର ପ୍ରତିଷ୍ଠାତା ତଥା ସିଇଓ ଅମିନ ଖୱାଜା କହିଛନ୍ତି, ବାସ୍ୱଡସ୍ ଏନ୍‌କୋର ଇୟରବଡ୍‌ର ଶୁଭାରମ୍ଭ କରି ଆମେ ବେଶ୍ ଆନନ୍ଦିତ। ଯେଉଁଥିରେ ସୁଲଭ ମୂଲ୍ୟରେ ଅସାଧାରଣ ଅଡିଓ ଗୁଣବତ୍ତା ଏବଂ ଉନ୍ନତ ବୈଶିଷ୍ଟ୍ୟ ଉପଲବ୍ଧ ରହିଛି। ଆମେ ଆମ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିପାରୁଛୁ ଏବଂ ସେମାନଙ୍କ ଦୈନନ୍ଦିନ କଲିଂ ଏବଂ ମନୋରଞ୍ଜନ ଆବଶ୍ୟକତା ପୂରଣ କରିବା ପାଇଁ ବାସ୍ୱଡ୍‌ସ ଏନ୍‌କୋର ଡିଜାଇନ୍ କରିଛୁ। ବାସ୍ୱଡ୍‌ସ ଏନ୍‌କୋର ଇୟରବଡ୍ ୩ଟି ରଙ୍ଗ୍ ମିଡ୍ ନାଇଟ କଳା, ନିଓନ୍ ନୀଳ ଏବଂ ଗ୍ରାଫାଇଟ୍ କଳାରେ ଉପଲବ୍ଧ ଏବଂ ୧ ବର୍ଷର ୱାରେଣ୍ଟି ସହିତ ଆସିଥାଏ ।

# ସହଭାଗିତା ବ୍ରାଣ୍ଡ୍‌ର ଉପସ୍ଥିତିକୁ ମଜଭୁତ କରିବ

ଭୁବନେଶ୍ୱର,୭।୪

ହିନ୍ଦ୍‌ୱେର୍ ଲିମିଟେଡ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ର ୨ଟି ବଡ଼ ଦଳ ପଞ୍ଜାବ କିଙ୍ଗ୍‌ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସହ ଆସନ୍ତା ୨୦୨୩ ସିଜନ୍ ପାଇଁ ସହଭାଗିତା କରିଥିବା ଜଣାପଡ଼ିଛି। ଏପରିକି ଉକ୍ତ ସହଭାଗିତା ହିନ୍ଦୱେୟାରର କାରବାର ମହଜୁଦ କରିବ। ବିଶେଷକରି ବ୍ରାଣ୍ଡ୍ ଦୃଶ୍ୟମାନତା ଏବଂ କ୍ରିକେଟ ପ୍ରଶଂସକଙ୍କ ସହ ଯୋଗଦାନକୁ ଅଧିକ ସକ୍ଷମ କରାଇବ। ଏ ସମ୍ପର୍କରେ ହିନ୍ଦ ୱେୟାର ଲିମିଟେଡ୍‌ର ସିଇଓ (ବାଥ୍ ଏବଂ ଟାଇଲ୍ସ) ସୁଧାଂଶୁ ପୋଖ୍ରିଆଲ୍ କହିଛନ୍ତି, କ୍ରିକେଟ୍ ହେଉଛି ଏକ ଖେଳ, ଯାହା ସମଗ୍ର ଦେଶକୁ ରୋମାଞ୍ଚକର କ୍ରୀଡ଼ା କାର୍ଯ୍ୟ ସହିତ ଯୋଡ଼ିଥାଏ, ଯାହାକି ସମଗ୍ର ବିଶ୍ୱରେ ଭାରତୀୟଙ୍କ ପାଇଁ ଏକ ଖୁସିର ଅବସର ଆଣି ଦେଇଥାଏ। ଏପରିକି ପଞ୍ଜାବ କିଙ୍ଗ୍‌ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସହ ଜଡ଼ିତ ହୋଇ ଆମେ ବେଶ୍ ଆନନ୍ଦିତ। ଏହି ସିନର୍ଜିକ୍ ସହଭାଗିତା ମାଧ୍ୟମରେ ଆମେ ଆମର ଦର୍ଶକଙ୍କ ସହିତ ଜଡିତ ହେବାକୁ ଅପେକ୍ଷା କରିଥାଉ। ଆମେ ନିଶ୍ଚିତ ଯେ ଏହି ସହଭାଗିତା ଆମ ବ୍ରାଣ୍ଡ୍‌ର ଉପସ୍ଥିତିକୁ ମଜଭୁତ କରିବା ସହ ବଜାରରେ ମଧ୍ୟ ଉଚ୍ଚ ପ୍ରତିଯୋଗିତାମୂଳକ ବାଥ୍‌ରୁମ୍ ସମାଧାନ ଅଭିବୃଦ୍ଧି ଘଟାଇବାରେ ବେଶ୍ ସହାୟକ ହେବ।


**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CANAL CIRCLE, BURLA**
E-Mail Id.- addlceccburla@gmail.com
**E-Procurement notice No.-CCB-03/2022-23**
**Bid Identification No.CCB-03/2022-23**
**TENDER NOTICE**

**No.A-11:-** Bids in online invited under double cover system for the work "Engagement of different Categories of personnel on outsourcing basis for operation and maintenance of Hirakud System for different Divisions under Additional Chief Engineer, Canal Circle, Burla for the year 2023-24". The details of the bidding process are as follows:

| Sl. No | Bidding Schedule | Deadline |
|---|---|---|
| 1 | Date and time of availability of bid document in the portal | 10.04.2023 at 11.00 AM to 25.04.2023, 5.30 PM |
| 2 | Last date/Time for receipt of bids in the portal | 25.04.2023 at 05.30 PM |
| 3 | Date of Opening of Technical Bid (Cover-I) | 26.04.2023 at 10.00 AM |
| 4 | Date of Opening of Financial Bid (Cover -II) | To be intimated later |
| 5 | Name and Address of the officer inviting Bid | Additional Chief Engineer, Canal Circle, Burla |

1. Any addendum/corrigendum/ cancellation/ erratum of tender can also be seen in the said Website.
2. The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website www.tenderodisha.gov.in

Sd./- ADDITIONAL CHIEF ENGINEER, CANAL CIRCLE, BURLA
OIPR-32460/11/0002/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**
Bid Identification No. SC (R&B)-GM-II-01/2023-24
No.4205 Dated.05.04.2023

**No.B-40:**1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites percentage rate bid in Double cover system to be received in ONLINE MODE only for the work as detailed below:
2) Nature of Work : Building work
3) No. of work : 03 Nos.
4) Tender Cost : Rs. 10,000/-
5) Class of Contractor : 'B' class & 'A' class
6) Availability of bid documents in the website : From 15.04.2023 10.00 AM to 27.04.2023 4.00 P.M.
7) Date of opening of Bid : 28.04.2023 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- T.K.Panigrahy) Superintending Engineer Ganjam (R&B) Division No.II
OIPR-34080/11/0001/2324

GOVERNMENT OF ODISHA
**STEEL & MINES DEPARTMENT**
DIRECTORATE OF MINES & GEOLOGY, ODISHA
HOD BUILDING, UNIT-V, BHUBANESWAR-751001
**TENDER CALL NOTICE**

**No.G-2:**The Director of Mines & Geology, Odisha, HOD Building, Unit-V, Bhubaneswar-751001 invites separate Sealed Tenders on behalf of the Governor of Odisha, in two bid system (Technical Bid and Price Bid) from financially capable National and International agencies, fulfilling the eligibility criteria for taking up required quantity of G-3 level Drilling and allied Exploration work in Bandhabhuin Graphite Block, Dhenkanal district of Odisha over an area of 100 Ha (1.00 Sq km) during the year 2023-24, in conformity with the General Terms and Conditions as laid down in tender document.
The detail Tender Schedule, Term & Conditions, cost of the Tender Document, EMD etc. shall be available in the departmental Website http://www.orissaminerals.gov.in. There will be no manual sale of tender document. Interested bidders are requested to download the tender schedule from the website.
The last date of receipt of tenders in the Directorate of Mines & Geology, Odisha, Bhubaneswar is 28.04.2023 up to 5.30 PM which shall be opened on 29.04.2023 at 11.00 AM.
A Pre-bid Conference shall be held on 13th April 2023 at 11.00 AM in the Conference Hall of the Directorate of Mines & Geology, Odisha located in HOD Building. All the prospective bidders / tenderers are requested to kindly attend the pre-bid Conference. All the prospective bidders / tenderers are requested to kindly submit their queries (with envelop bearing Tender No. and date on top and marked "Queries for Pre-bid Conference" or by e-mail with subject "Queries for Pre-bid Conference of Bandhabhuin Graphite Prospect" so as to reach the Directorate of Mines & Geology, Odisha latest by 11th April 2023 / 4.30 P.M. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Commencement of Process | 06.04.2023 /10.00A.M. |
| 2. | Date/ time of pre-bid conference | 13.04.2023/11.00A.M. |
| 3. | Last date / time for submission of tender | 28.04.2023/ 5.30 P.M. |
| 4. | Date / time for opening of tender | 29.04.2023 /11.00A.M. |

E-mail address for raising the Queries: dirmines_odisha@rediffmail.com / geology.ig@orissaminerals.gov.in
The Director/ JDG shall answer the queries during the Pre-bid Conference.
Director of Mines & Geology, Odisha reserves the right to accept / reject all or a part of the Tenders without assigning any reason thereof.

Sd./- Director of Mines & Geology, Odisha
OIPR-30028/11/0001/2324

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
Notice No: LXVII-334/2022/R.S/T.C 5210 Date.5.4.2023

**No.JJ-1:**Sealed tenders are invited for supply and installation of Aluminum Composite Panel (ACP) at all Police Stations across the State basing on the Request for Proposal (RFP) floated by the office of Transport Commissioner, Odisha latest by 22.05.2023. For details please refer the website www.odishatransport.gov.in

By the orders of Transport Commissioner, Odisha
Sd./- Joint Commissioner Transport (R.S) Odisha, Cuttack
OIPR-38003/11/0001/2324

**BHUBANESWAR MUNICIPAL CORPORATION**
Phone No.: 0674-2431253, Fax: 0674-2432895
E-mail: info@bmc.gov.in, Web: www.bmc.gov.in
No. 15969 Date: 05.04.2023
File No. XXVII-43/20202
**1st CORRIGENDUM TO TENDER CALL NOTICE**
Bid Reference No. BMC-EE (Eletc.) 09(El.)/2022-23 Dt.28.03.2023

No. C-36: The tender for the work "Provision of street light in different area of North Zone, South East Zone, South West Zone".
The details of the 1st Corrigendum to the above tender Call No. BMC-EE (Elect.) 09 (El.)/2022-23 Dt.28.03.2023 can be seen in the Tender Odisha Portal.

Sd./- Dy. Commissioner (PR)
OIPR-13002/11/0001/2324 Bhubaneswar Municipal Corporation

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ: www.oshb.org
ପତ୍ର ସଂଖ୍ୟା: ୫୩ ତା:୨୭।୦୩।୨୦୨୩
**ବିଜ୍ଞାପନ**

No. CAD-59: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଚ୍ଏସ୍‌ବିଏଲ୍-୧-୩/୨ (HSBL-I-3/2) ମୋଦିପଡ଼ା, ଫେଜ୍-୧, ସମ୍ବଲପୁର ଗୃହ ନିର୍ମାଣ ପ୍ରକଳ୍ପରେ ବିଳାସିନୀ ପଣ୍ଡା, ସ୍ୱାମୀ: ସୌରୀ ଶଙ୍କର ପଣ୍ଡା, ଏଫ୍.-ଆଇଏଚ୍, ମା ତାରିଣୀ ରେସିଡେନ୍ସି, ସା/ପୋ.: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ବିଳାସିନୀ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସବିତା ପରିଡ଼ା, ସ୍ୱାମୀ: ପ୍ରମୋଦ କୁମାର ପରିଡ଼ା, ଏମ୍ଆଇଏସ୍‌ବିଏଲ୍, ୧୮/୪, ହାଉସିଂ ବୋର୍ଡ଼ କଲୋନୀ, ୱାର୍ଡ଼ ନଂ.-୧୮, ସମ୍ବଲପୁର, ଥାନା: ଟାଉନ ଥାନା, ଜିଲ୍ଲା: ସମ୍ବଲପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0002/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

GOVERNMENT OF ODISHA No. A-10
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN**
At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No. 01/23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | Construction of escape channel including Escape, CR cum VRB with renovation of Leading channel of Baisinga Branch Canal |
| 2 | Estimated Cost | Rs.616.57 Lakh |
| 3 | Bid Security/E.M.D. | Rs.6,16,600/- |
| 4 | Period of Completion | 11 (Eleven) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 10.04.2023 at 10.00 A.M. |
| 7 | Last date/time for receipt of bid in the portal | 26.04.2023 upto 5.00 P.M. |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal "https://tendersodisha.gov.in".

Sd./- Chief Engineer & Basin Manager Subarnarekha & Budhabalanga Basin, Laxmiposi, Mayurbhanj
OIPR-32074/11/0002/2324

**ZILLA SWASTHYA SAMITI, KANDHAMAL**
Office of the CDM&PHO-cum-District Mission Director, NHM, Kandhamal, Odisha, 762001
Tender No.4461/NHM/2023 Dt.05.04.2023
**Tender Call Notice**

**No.E-12:**Sealed Tenders are invited from reputed agencies / firms for empanelment of agencies/ individuals to provide a smarty designed Van named as 'Parivar Kalyan Sachetanata Ratha' vehicle. The Van will be equipped with interactive communication devices, IEC materials & FP Commodities. The IEC Van will be moved 04 times in a year i.e. from 11th to 25th of April, July, October & January in all blocks of Kandhamal district. The vehicle may be utilised in other programme having same financial provision and available of fund if required in future.
The Specifications along with terms of Conditions & application form are available in district website (https://www.kandhamal.nic.in). The interest parties/firm/individual may apply in the prescribed format to the undersigned directly through Regd. Post/ Speed Post / Courier by dated 26.04.2023 5 PM. No Tender document will be entertained after that. The tender will be opened on 28.04.2023 at 11.00 AM in the office chamber of the undersigned in the presence of the applicant or their representatives. The authority reserves the right to cancel / reject all or any tender without assigning any reason thereof.

Sd./- CDM & PHO cum District Mission Director Kandhamal
OIPR-10015/11/0001/2324

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12
Phone:(0674) 2390195, Fax:(0674) 2395844, E-mail:olicltd123@bsnl.com, olicltd@ymail.com
4P-18/23, No.2735/ OLIC, Dated: 05.04.2023
**NATIONAL COMPETITIVE BIDDING THROUGH e-Procurement**

**No.CAD-76:**The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Submersible pump sets in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of tender paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-12 (E) 2022-23 | Submersible Pump set to deliver 3.00 LPS at 70 mtr. Head | 200 | 61.304 | 0.61304 | 10,000/-+ GST 18% on reverse charge basis |

1. Period of Completion :- 60 days from the date of issue of purchase order.
2. Date &Time of availability of bid document in the portal:- From Dt.06.04.2023 to Dt.06.05.2023
3. Last date/Time for receipt of bids in the portal:-Dt.06.05.2023 upto 17.00 hrs.
4. Last date of seeking clarification: Dt.15.04.2023 up to 17.00 hrs.
5. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155, Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reason thereof.

OIPR-32432/11/0018/2324 SD./- MANAGING DIRECTOR

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12
Phone:(0674) 2390195, Fax:(0674) 2395844, E-mail:olicltd123@bsnl.com, olicltd@ymail.com
4P-05/23, No.2679/ OLIC, Dated: 05.04.2023
**NATIONAL COMPETITIVE BIDDING THROUGH e-Procurement**

**No.CAD-81:**The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Submersible pump sets in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of tender paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-4 (E) 2022-23 | Submersible Pump set to deliver 1.75 LPS at 70 mtr. Head | 7000 | 2342.76 | 23.4276 | 10,000/-+ GST 18% on reverse charge basis |

1. Period of Completion :- 60 days from the date of issue of purchase order.
2. Date&Time of availability of bid document in the portal:- From Dt.06.04.2023 to Dt.06.05.2023
3. Last date/Time for receipt of bids in the portal:-Dt.06.05.2023 upto 17.00 hrs.
4. Last date of seeking clarification: Dt.15.04.2023 up to 17.00 hrs.
5. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155, Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reason thereof.

OIPR-32432/11/0023/2324 SD./- MANAGING DIRECTOR

**GOVERNMENT OF ODISHA** No. B-38
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. SE / R and B / SBP II /01 (online)/2023-24**
**E-procurement notice**
No.1470 Dated.04.04.2023

The **Executive Engineer, Sambalpur (R&B) Division No.II, Sambalpur** on behalf of Governor of Odisha invites Percentage Rate bids in **Double** cover System in ONLINE MODE.
1. No. of work :- **02 (Two) Nos. of building works**
2. Tender Cost :- **Rs.10000/-**
3. Class of Contractor :- **"B" & "A" class Contractors**
4. Availability of bid document in the website. :- **18.00 Hours of 14.04.2023 to 17.00 Hours of 29.04.2023**
5. Date of Opening of Tenders :- **11.30 Hours on dt.01.05.2023**
6. The bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

Sd./- Executive Engineer Sambalpur (R&B) Division No.II
OIPR-34136/11/0002/2324

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ଦିଲ୍ଲୀ**
ସ୍ଥାନ:ଗୁଆହାଟୀ,
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ଚେନ୍ନାଇ**
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




## ହେଡ୍ ଟୁ ହେଡ୍

**(ରାଜସ୍ଥାନ–ଦିଲ୍ଲୀ)**
ମୋଟ ମ୍ୟାଚ ୨୬
ରାଜସ୍ଥାନ ବିଜୟୀ: ୧୩
ଦିଲ୍ଲୀ ବିଜୟୀ: ୧୩
ନଜରରେ ରହିବେ: ଜୋଶ୍ ବଟଲର, ସଞ୍ଜୁ ସାମସନ, ଯୁଜବେନ୍ଦ୍ର ଚହଲ, ଟ୍ରେଣ୍ଟ ବୋଲ୍ଟ (ରାଜସ୍ଥାନ ରୟାଲ୍ସ), ଡେଭିଡ ୱାର୍ନର, ମିଚେଲ ମାର୍ଶ, ଏନରିଚ୍ ନର୍ଜେ, କୁଲଦୀପ ଯାଦବ (ଦିଲ୍ଲୀ କ୍ୟାପିଟାଲ୍ସ)।

**(ମୁମ୍ବାଇ–ଚେନ୍ନାଇ)**
ମୋଟ ମ୍ୟାଚ: ୩୪
ମୁମ୍ବାଇ ବିଜୟୀ: ୨୦
ଚେନ୍ନାଇ ବିଜୟୀ: ୧୪
ନଜରରେ ରହିବେ: ତିଳକ ବର୍ମା, ଇଶାନ କିଶନ, ରିଲେ ମେରେଡିଥ୍, ରମଣଦୀପ ସିଂ (ମୁମ୍ବାଇ ଇଣ୍ଡିଆନ୍ସ), ଋତୁରାଜ ଗାଏକ୍ୱାଡ, ଡେଭନ କନ୍‌ୱେ, ମୋଇନ ଅଲୀ, ମହେଶ ଥିକସାନା (ଚେନ୍ନାଇ ସୁପରକିଙ୍ଗ୍ସ)।

# ସନରାଇଜର୍ସ ୧୨୧ରେ ସୀମିତ

**ଲକ୍ଷ୍ନୌ,୭।୪**

ଆଇପିଏଲ୍‌ର ଚଳିତ ସଂସ୍କରଣର ଦଶମ ମ୍ୟାଚରେ ଲକ୍ଷ୍ନୌ ସ୍ପିନରଙ୍କ ଦବଦବା ଦେଖିବାକୁ ମିଳିଛି। ସ୍ପିନରଙ୍କ କଞ୍ଜୁସି ବୋଲିଂ ବଳରେ ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଛି। ୩ ସ୍ପିନର କୃଣାଲ ପାଣ୍ଡ୍ୟା, ରବି ବିଷ୍ଣୋଇ ଓ ଅମିତ ମିଶ୍ର ନିଜ ମଧ୍ୟରେ ୧୨ ଓଭର ବୋଲିଂ କରି ମାତ୍ର ୫୭ ରନ୍ ବ୍ୟୟ କରି ୬ ଉଇକେଟ ବାଣ୍ଟି ନେଇଥିଲେ। ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପିଚ୍‌କୁ ପଢିବାରେ ବିଫଳ ହୋଇଥିଲେ ସନରାଇଜର୍ସ ଅଧିନାୟକ ଏଡେନ୍ ମାରକ୍ରମ। ଟସ୍ ଜିତିଥିଲେ ମଧ୍ୟ ସ୍ପିନ୍ ସହାୟକ ପିଚ୍‌ରେ ସେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଯାହା ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଓପନର ଅନମୋଲପ୍ରୀତ୍ ସିଂ ୩୧ ରନ୍ କରିଥିବା ବେଳେ ଟପ୍ ଅର୍ଡରରେ ମୟଙ୍କ ଅଗ୍ରୱାଲ ୮, ମାରକ୍ରମ ୦, ବିପଜ୍ଜନକ ହ୍ୟାରୀ ବ୍ରୁକ୍ ୩ ରନ୍ କରି ଆଉଟ ହୋଇଥିଲେ। ମୟଙ୍କ–ଅନମୋଲପ୍ରୀତ ପ୍ରଥମ ଉଇକେଟରେ ୨୧ ରନ୍ ଯୋଡିଥିଲେ। ମୟଙ୍କଙ୍କୁ ଆଉଟ କରି କୃଣାଲ ପାଣ୍ଡ୍ୟା ଏହି ଭାଗୀଦାରିକୁ ଶେଷ କରିଥିଲେ। ଅନମୋଲପ୍ରୀତ–ରାହୁଲ ତ୍ରିପାଠୀଙ୍କ ମଧ୍ୟରେ ୨୯ ରନର ଭାଗୀଦାରି ହୋଇଥିଲା। ୮ମ ଓଭରରେ ଲଗାତାର ଦୁଇ ବଲରେ ଦୁଇ ଉଇକେଟ ଅକ୍ତିଆର କରି ପୁଣି ଥରେ ମ୍ୟାଚକୁ ଲକ୍ଷ୍ନୌ କବଜାକୁ ଅଣିଥିଲେ। ଏହାର ୫ ରନ୍ ମଧ୍ୟରେ ବିପଜ୍ଜନକ ହ୍ୟାର ବ୍ରୁକଙ୍କୁ ଷ୍ଟମ୍ପ ଆଉଟ କରାଇ ବଡ ସଫଳତା ହାତେଇଥିଲେ ରବି ବିଷ୍ଣୋଇ। ୫୫ ରନ୍‌ରେ ଦଳ ୪ ଉଇକେଟ ହରାଇଥିବା ବେଳେ ଟପ୍ ସ୍କୋରର ରାହୁଲ ତ୍ରିପାଠୀ ୩୫ ଓ ୱାଶିଂଟନ୍ ସୁନ୍ଦର୧୬ଙ୍କ ମଧ୍ୟରେ ପଞ୍ଚମ ଉଇକେଟରେ ୩୯ ରନର ଭାଗୀଦାରି ହୋଇଥିଲା। ତେବେ ଉଭୟ ଖେଳାଳି ବେଶ୍ ଧୀମା ବ୍ୟାଟିଂ କରିଥିଲେ। ରାହୁଲ ୪୧ ବଲ୍ ଖେଳି ୪ ଚୌକା ମାରିଥିବା ବେଳେ ସୁନ୍ଦର ୨୮ ବଲ୍ ଖେଳିଥିଲେ। ଶେଷ ଆଡକୁ ଅବଦୁଲ୍ ସମଦ ଦ୍ରୁତ ୨୧ ରନ୍ କରିବାରୁ ସନରାଇଜର୍ସ ୧୨୦ ରନ୍ ପାର କରିଥିଲା। କୃଣାଲ ପାଣ୍ଡ୍ୟା ୧୮ ରନ୍‌ରେ ୩ ଉଇକେଟ ନେଇଥିବା ବେଳେ ଅମିତ ମିଶ୍ର ୨୩ ରନ୍‌ରେ ୨ ଓ ରବି ବିଷ୍ଣୋଇ ୧୬ ରନ୍‌ରେ ଗୋଟିଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସର ୧୯ତମ ଓଭର ଶେଷ ହେବା ପରେ ଅମିତ ମିଶ୍ରଙ୍କ ସ୍ଥାନରେ ଆୟୁଷ ବଦୋନୀଙ୍କୁ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଭାବରେ ସାମିଲ କରାଯାଇଥିଲା।



ଅଧିନାୟକ ଲୋକେଶ ରାହୁଲଙ୍କ ସହ କୃନାଲ ପାଣ୍ଡ୍ୟା (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୨୧/୮ (ରାହୁଲ ତ୍ରିପାଠୀ–୩୫, ଅନମୋଲପ୍ରୀତ୍ ସିଂ–୩୧, ଅବଦୁଲ ସମଦ–୨୧*, କୃଣାଲ ପାଣ୍ଡ୍ୟା–୩/୧୮, ଅମିତ୍ ମିଶ୍ର–୨/୨୩, ରବି ବିଷ୍ଣୋଇ–୧/୧୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୨ | ୨ | ୦ | ୪ | +୦.୭୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୦.୩୧୧ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | +୨.୦୫୬ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୧.୬୭୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୩୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ | ୧ | ୧ | ୨ | –୧.୨୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | –୧.୭୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧ | ୦ | ୧ | ୦ | –୧.୯୮୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧ | ୦ | ୧ | ୦ | –୩.୬୦୦ |

# ଆର୍‌ସିବିକୁ ହରାଇଲା କେକେଆର୍

**କୋଲକାତା, ୭।୪:** କୋଲକାତାର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ନବମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷରେ ବୃହତ ବିଜୟ ହାସଲ କରିଛି କୋଲକାତା ନାଇଟ ରାଇଡର୍ସ (କେକେଆର)। ଶାର୍ଦ୍ଦୂଳ ଠାକୁରଙ୍କ ଅଲରାଉଣ୍ଡ ସଫଳତା ଓ ରହମାନୁଲ୍ଲା ଗୁରବାଜଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ କେକେଆର ୮୧ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଥିଲା। ଶାର୍ଦ୍ଦୂଳଙ୍କ ୬୮, ଗୁରବାଜଙ୍କ ୫୭ ଓ ରିଙ୍କୁ ସିଂଙ୍କ ୪୬ ରନ୍ ବଳରେ ୭ ଉଇକେଟ ହରାଇ ୨୦୪ ରନ୍ କରିଥିଲା କେକେଆର। ଜବାବରେ ଆରସିବି ୧୨୩ ରନରେ ସୀମିତ ରହିଥିଲା। ଭେଙ୍କଟେଶ ଆୟାରଙ୍କ ସ୍ଥାନରେ ସୁୟଶ ଶର୍ମା ଓ ମହମ୍ମଦ ସିରାଜଙ୍କ ସ୍ଥାନରେ ଅନୁଜ ରାୱତ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ। ୨୦୫ ରନ୍‌ର ପିଛା କରୁଥିବା ଆରସିବି ପକ୍ଷରୁ ପ୍ରଥମ ଉଇକେଟରେ ୪୪ ରନ୍ ଯୋଡିଥିଲେ ଫାଫ୍ ଡୁ ପ୍ଲେସି(୨୩) ଓ ବିରାଟ କୋହଲି(୧୯)। ତେବେ କେକେଆରର ୩ ସ୍ପିନରଙ୍କ ଘାତକ ବୋଲିଂ ଆଗରେ ହାର ମାନିଥିଲା ଆରସିବି। ମ୍ୟାଚ୍‌ର ପଞ୍ଚମ ଓଭରରେ କୋହଲିଙ୍କୁ ବୋଲ୍ଡ କରି ପ୍ରଥମ ସଫଳତା ହାସଲ କରିଥିଲେ ସୁନୀଲ ନାରିନ୍। ପରବର୍ତ୍ତୀ ଓଭରରେ ଡୁ ପ୍ଲେସିଙ୍କୁ ଆଉଟ କରିଥିଲେ ବରୁଣ ଚକ୍ରବର୍ତ୍ତୀ। ୩ ସ୍ପିନର ନିଜ ମଧ୍ୟରେ ୯ ଉଇକେଟ ବାଣ୍ଟି ନେଇଥିଲେ।

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଦଳ।

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ଲକ୍ଷ୍ନୌଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍ (ଅନ୍ତିମ ପର୍ଯ୍ୟାୟ)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୬–୦ ଗୋଲରେ ଏଚ୍‌ଆଇଏମ୍ ହକି ଏକାଡେମୀକୁ ପରାସ୍ତ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଦୀପି ମୋନିକା ଟପ୍ପୋ ୧ମ ଓ ୨୮ତମ ମିନିଟରେ ୨ଟି ଏବଂ ଅଧିନାୟିକା ଜ୍ୟୋତି ଛତ୍ରୀ ୮ମ, କମଳା ସିଂ ୨୭, ସୁନେଲିତା ଟପ୍ପୋ ୨୯ ଓ ସୁନୀତା ଖାଖା ୩୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକରେ ପ୍ରୀତମ ସିୱାଚ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ ୨–୧ରେ ସାଇ ଶକ୍ତିକୁ, ସାଇ ବାଲ୍ ଟିମ୍ ୧୦–୦ରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ହର୍ ହକି ଏକାଡେମୀ ୪–୦ରେ ଖାଲସା ହକି ଏକାଡେମୀକୁ ପରାସ୍ତ କରିଛି।

# ଟ୍ରାନ୍ସ ଆଥ୍‌ଲେଟଙ୍କ ବ୍ୟାନ୍‌କୁ ଆମେରିକାର ବିରୋଧ

**ୱାଶିଂଟନ,୭।୪(ପି.ଟି.)**

ଟ୍ରାନ୍ସ ଆଥ୍‌ଲେଟମାନଙ୍କ ଉପରେ ସ୍କୁଲ ଓ କଲେଜରେ ରହିଥିବା ବ୍ୟାନ୍‌କୁ ହଟାଇବାକୁ ପଦକ୍ଷେପ ନେଇଛନ୍ତି ଆମେରିକା ସରକାର। ଗୁରୁବାର ଜୋ ବାଇଡେନ୍ ସରକାରଙ୍କ ପକ୍ଷରୁ ଏଭଳି ଏକ ପ୍ରସ୍ତାବ ଆସିଛି। କୌଣସି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସ ଆଥ୍‌ଲେଟମାନଙ୍କୁ ମଧ୍ୟ ସମାନ ଭାବରେ ସୁଯୋଗ ମିଳିବ ବୋଲି କୁହାଯାଇଛି। ତେବେ ସ୍ୱଚ୍ଛତା ଆଣିବା ପାଇଁ ଏ ସମ୍ପର୍କରେ ଏକ ସ୍ପଷ୍ଟ ନିୟମର ଆବଶ୍ୟକତା ରହିଛି ବୋଲି ମଧ୍ୟ କୁହାଯାଇଛି। ଲିଙ୍ଗଗତ ଅସମାନତା ଓ ଭେଦଭାବକୁ ଦୂର କରିବା ପାଇଁ ଏହା ଏକ ଚମତ୍କାର ପଦକ୍ଷେପ ବୋଲି କହିଛନ୍ତି ବାଇଡେନ୍ ପ୍ରଶାସନ। ଟାଇଟଲ୍ ଆଇଏକ୍ସ ନାମକ ବିଧେୟକ ଜରିଆରେ ୧୯୭୨ରୁ ରହିଥିବା ଲିଙ୍ଗଗତ ସମାନତା ନିୟମରେ ପରିବର୍ତ୍ତନ କରାଯାଇଛି। ବିରୋଧୀ ଦଳ ଏହି ନିୟମକୁ ବିରୋଧ କରିବା ସ୍ପଷ୍ଟ ହୋଇଥିବା ବେଳେ ଏହି ବିଧେୟକ ଆଇନରେ ପରିଣତ ହେବା ପାଇଁ ଅନେକ ଅନୁମତିର ଆବଶ୍ୟକତା ରହିଛି। ଆମେରିକୀୟ ସୁପ୍ରିମକୋର୍ଟରେ ୱେଷ୍ଟ ଭର୍ଜିନିଆର ଜଣେ ୧୨ ବର୍ଷୀୟ ଟ୍ରାନ୍ସଜେଣ୍ଡର ବାଳିକାଙ୍କୁ ମିଡିଲ ସ୍କୁଲ ଟ୍ରାକ୍ ଓ କ୍ରସ୍ କଣ୍ଟ୍ରି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବା ପରେ ବାଇଡେନ୍ ସରକାର ଏହି ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ରହିଥିବା ନିୟମ ଅନୁସାରେ ଟ୍ରାନ୍ସଜେଣ୍ଡରମାନଙ୍କୁ ମହିଳା ଦଳରେ ସ୍ଥାନ ମିଳୁ ନ ଥିଲା। ବାଇଡେନ୍ ସରକାରରେ ଶିକ୍ଷା ସଚିବ ରହିଥିବା ମିଗୁଏଲ କାର୍ଡୋନା ଏହାକୁ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି।



ଆନ୍ଥୋନୀ ଫାରୀ


ରେହେଟ ହକେଟ


ଆଲାନ ଟାନ୍

# ଫାରୀ, ହକେଟ ଆନାଲିଟିକାଲ କୋଚ୍

**ନୂଆଦିଲ୍ଲୀ, ୭।୪ (ପି.ଟି.)**

**ଭାରତୀୟ ମହିଳା ଓ ପୁରୁଷ ହକି ଦଳର ନୂଆ ସପୋର୍ଟ ଷ୍ଟାଫ୍**

ଭାରତୀୟ ମହିଳା ଓ ପୁରୁଷ ହକି ଦଳ ପାଇଁ ନୂଆ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଜଣାଶୁଣା ଅଷ୍ଟ୍ରେଲୀୟ କୋଚ୍ ଆନ୍ଥୋନୀ ଫାରୀ ଓ ଦକ୍ଷିଣ ଆଫ୍ରିକାର ରେହେଟ ହକେଟ ଯଥାକ୍ରମେ ମହିଳା ଓ ପୁରୁଷ ଦଳର ଆନାଲିଟିକାଲ କୋଚ୍ ନିଯୁକ୍ତ ହୋଇଛନ୍ତି। ଫାରୀଙ୍କ ତତ୍ତ୍ୱାବଧାନରେ କାନାଡ଼ା ପୁରୁଷ ଦଳ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଜାପାନ ମହିଳା ଦଳକୁ ୨୦୧୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ମଧ୍ୟ ତାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ତାଙ୍କ ତତ୍ତ୍ୱାବଧାନରେ ୨୧ ବର୍ଷରୁ କମ୍ କାନାଡ଼ା ପୁରୁଷ ଦଳ କ୍ରମାଗତ ଭାବେ ଜୁନିୟର ହକି ବିଶ୍ୱକପ ଯୋଗ୍ୟତା ପାଇଥିଲା। ଏହା ବ୍ୟତୀତ ସେ ୨୦୨୦ ଅଗଷ୍ଟରୁ ୨୦୨୨ ଏପ୍ରିଲ ପର୍ଯ୍ୟନ୍ତ ଆମେରିକା ମହିଳା ହକି ଦଳର ହାଇପରଫର୍ମାନ୍ସ ନିର୍ଦ୍ଦେଶକ ଥିଲେ। ସେ ଏବେ ଭାରତୀୟ ଦଳର ମୁଖ୍ୟ କୋଚ୍ ଜାନେକ ସ୍କୁପମାନଙ୍କୁ ସହାୟତା କରିବେ।

ଫାରୀ ଓ ହକେଟଙ୍କ ବ୍ୟତୀତ ହକି ଇଣ୍ଡିଆ ଅଷ୍ଟ୍ରେଲିଆର ଆଲାନ ଟାନ୍‌ଙ୍କୁ ଭାରତୀୟ ପୁରୁଷ ଦଳର ବୈଜ୍ଞାନିକ ପରାମର୍ଶଦାତାଭାବେ ନିଯୁକ୍ତି ଦେଇଛି। କିଛି ଦିନତଳେ ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫୁଲଟନ ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଥିଲେ। ଉଭୟ ହକେଟ ଓ ଟାନ୍ ଏବେ ଫୁଲଟନଙ୍କ କୋଚିଂ ସେଟ୍‌ଅପ୍‌ର ଅଂଶବିଶେଷ ହେବେ। ହକେଟ ୨୦୧୦ରୁ ୨୦୧୮ ମଧ୍ୟରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୫୫ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୨୦୨୦ରେ ସେ ନେଦରଲାଣ୍ଡ୍ସ ମହିଳା ଦଳର ସହକାରୀ କୋଚ୍ ଥିଲେ। ଏହାପରେ ସେ ସ୍କଟଲାଣ୍ଡ ଯାଇ ଉଭୟ ସିନିୟର ଓ ୨୧ ବର୍ଷରୁ କମ୍ ଦଳକୁ କୋଚିଂ ଦେଇଥିଲେ। ଅନ୍ୟପକ୍ଷରେ ଟାନ୍‌ଙ୍କର ନ୍ୟୁ ସାଉଥ୍ ୱେଲ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟରେ ୧୦ ବର୍ଷ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ କୋଚ୍ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ଅଛି। ନୂଆ କୋଚିଂ ଷ୍ଟାଫ୍‌ଙ୍କୁ ସ୍ୱାଗତ କରିଛନ୍ତି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ। ଆଗକୁ ଏସିଆନ ଗେମ୍ସ ଆସୁଥିବାରୁ ତ୍ୱରିତ ପଦକ୍ଷେପ ନେଇ ଏପରି ନିଯୁକ୍ତି ଦେଇଥିବାରୁ ଦିଲୀପ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ଧନ୍ୟବାଦ ଜଣାଇଛନ୍ତି।

# ଆଜି ଧୋନୀ, ରୋହିତ ଲଢ଼େଇ

**ମୁମ୍ବାଇ,୭।୪(ପି.ଟି.)**

ଆଇପିଏଲ ଇତିହାସର ଦୁଇ ସଫଳତମ ଅଧିନାୟକ ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀଙ୍କ ମଧ୍ୟରେ ଶନିବାର ହେବ ମ୍ୟାଚ୍। ରୋହିତଙ୍କ ଶାନ୍ତ ସ୍ୱଭାବ ଓ ଧୋନୀଙ୍କ ବୁଦ୍ଧି ମଧ୍ୟରେ ଏକ ସନ୍ତୁଳିତ ଲଢେଇ ଫ୍ୟାନମାନଙ୍କୁ ଦେଖିବାକୁ ମିଳିବ। ଆର୍‌ସିବି ବିପକ୍ଷ ପରାଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଏକ ସପ୍ତାହର ବିଶ୍ରାମ ପରେ ପଡିଆକୁ ଫେରୁଛି। ଅନ୍ୟ ପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ବିଜୟ ପରେ ଧୋନୀଙ୍କ ସୁପର କିଙ୍ଗ୍ସ ମଧ୍ୟ ଆତ୍ମବିଶ୍ୱାସରେ ନଜର ଆସିବ। ଚଳିତ ସିଜନରେ ମୁମ୍ବାଇ ପ୍ରଥମ ଥର ପାଇଁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ୱାଙ୍ଖଡେରେ ଖେଳିବ। ପ୍ରଥମ ମ୍ୟାଚରେ ମୁମ୍ବାଇର ଟପ୍ ଅର୍ଡର ବିଫଳ ହୋଇଥିବା ବେଳେ ଚିନ୍ନାସ୍ୱାମୀରେ ବିରାଟ କୋହଲି ଓ ଫାଫ ଡୁ ପ୍ଲେସି ଚାରିଆଡକୁ ଶଟ୍ ମାରିଥିଲେ। ୱାଙ୍ଖଡେର ଟ୍ରାକ୍ ବ୍ୟାଟରଙ୍କୁ ସୁହାଉଥିବା ବେଳେ ଚେନ୍ନାଇ ପେସ୍ ବୋଲର ରାଜବର୍ଦ୍ଧନ ହଙ୍ଗରଗେକର ଓ ତୁଷାର ଦେଶପାଣ୍ଡେଙ୍କ ନିକଟରେ ଆବଶ୍ୟକ ଅଭିଜ୍ଞତା ନାହିଁ। ଏହାକୁ ନିଜ ସପକ୍ଷରେ ନେବା ପାଇଁ ମୁମ୍ବାଇ ପ୍ରୟାସ କରିପାରେ। ତେବେ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବେ ଦୁଇ ସ୍ପିନ୍ ବୋଲର ମିଚେଲ୍ ସାଣ୍ଟନର ଓ ମୋଇନ୍ ଅଲୀ। ଚେନ୍ନାଇ ଦଳରେ ଯୋଗ ଦେଇଥିବା ସିସାନ୍ଦା ମଗଲା ଏହି ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇପାରନ୍ତି। ବିଗତ କିଛି ଆଇପିଏଲ୍ ସିଜନରେ ବଡ ଇନିଂସ ଖେଳି ନ ଥିବା ମୁମ୍ବାଇ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ବଡ ସ୍କୋରର ଚାପ ରହିବ। ୱାଙ୍ଖଡେର ଦୁଇ ପାର୍ଶ୍ୱର ବାଉଣ୍ଡାରୀ ଛୋଟ ହୋଇଥିବାରୁ ଜୋଫ୍ରା ଆର୍ଚରଙ୍କ ବୋଲିଂ ରଣନୀତି ଉପରେ ସଭିଙ୍କ ନଜର ରହିବ। ଅର୍ଶଦ୍ ଖାନ୍ ଓ କାମେରୁନ୍ ଗ୍ରୀନଙ୍କ ପରି ବୋଲରଙ୍କ ବିପକ୍ଷରେ ଆକ୍ରମଣର ଯୋଜନା କରିପାରନ୍ତି ସିଏସ୍‌କେ ଓପନର ଡେଭନ୍ କନ୍‌ୱେ ଓ ଋତୁରାଜ ଗାଏକ୍ୱାଡ। ଗାଏକ୍ୱାଡ ଚଳିତ ସିଜନରେ ଟପ୍ ଫର୍ମରେ ରହିଛନ୍ତି। ଅନ୍ୟ ପକ୍ଷରେ ବୁମ୍‌ରାଙ୍କ ଅନୁପସ୍ଥିତି ମଧ୍ୟ ମୁମ୍ବାଇର ସମସ୍ୟା ବଢାଇଛି। ରିଲି ମେରେଡିଥ୍ ଓ ସନ୍ଦୀପ ୱାରିୟରଙ୍କ ପରି ବୋଲର ଦଳ ସହିତ ଥିବାରୁ ଏହା ବୋଲିଂ ଆକ୍ରମଣରେ ବିବିଧତା ସୃଷ୍ଟି କରିବ ବୋଲି କହିଛନ୍ତି ରୋହିତ ଶର୍ମା।

# ଇକୋର୍ସା, ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପାରାଦୀପ, ଗଜପତି ବିଜୟୀ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

**କଳାହାଣ୍ଡି କପ୍ କ୍ରିକେଟ**

**ଜ୍ୟୋତି ବେହେରାଙ୍କ ଶତକ, କେ. ଈଶ୍ୱର ପ୍ରସାଦଙ୍କୁ ୫ ଉଇକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ–ଏ ଓ ସିଲ୍‌ଭର–ଏ ଗ୍ରୁପ୍‌ର ୬ଟି ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ଖୋର୍ଦ୍ଧା, ସୁନ୍ଦରଗଡ଼, ଗଞ୍ଜାମ, ପାରାଦୀପ, ଗଜପତି ଦଳ ବିଜୟୀ ହୋଇଛି। ଖୋର୍ଦ୍ଧାର ଜ୍ୟୋତି ବେହେରା ଶତକ ହାସଲ କରିଥିବାବେଳେ ଗଞ୍ଜାମ ଦଳର କେ. ଈଶ୍ୱର ପ୍ରସାଦ ୫ ଉଇକେଟ ସଫଳତା ପାଇଛନ୍ତି।

**ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡ:** ଏଠାରେ ଇକୋର୍ସା ୧୦ ରନରେ ଭୁବନେଶ୍ୱର–ଏ ଦଳକୁ ପରାସ୍ତ କରିଛି। ଇକୋର୍ସା ୪୫ ଓଭରରେ ୭ ଉଇକେଟ ହରାଇ ୨୫୨ ରନ କରିଥିଲା। ଦଳ ପକ୍ଷରୁ ଗିରିଜା ରାଉତ ସର୍ବାଧିକ ୯୧ ରନ କରିଥିଲେ। ଜବାବରେ ଭୁବନେଶ୍ୱର–ଏ ୪୫ ଓଭରରେ ୯ ଉଇକେଟ ହରାଇ ୨୪୨ ରନ କରିବାକୁ ସକ୍ଷମ ହୋଇଥିଲା।

**ବାରବାଟୀ ଷ୍ଟାଡିୟମ:** ଖୋର୍ଦ୍ଧା ଦଳ ୮୭ ରନରେ କଟକ–ବି’କୁ ହରାଇଲା। ଖୋର୍ଦ୍ଧା ଦଳ ନିର୍ଦ୍ଧାରିତ ୪୩ ଓଭରରେ ୨ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଜ୍ୟୋତି ବେହେରା ଶତକ (୧୨୪ ରନ) ହାସଲ କରିଥିଲେ। କଟକ–ବି ୩୫ ଓଭରରେ ୧୫୭ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ରୂପକ ଜେନା ୪ ଉଇକେଟ ହାସଲ କରିଥିଲେ।

**ରେଭେନ୍ସା ଗ୍ରାଉଣ୍ଡ–୧:** ସୁନ୍ଦରଗଡ଼ଠାରୁ ଭଦ୍ରକ ହାରିଲା। ଭଦ୍ରକ ୩୩.୪ ଓଭରରେ ମାତ୍ର ୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଆଶିଷ ତିୱାରୀ ମାତ୍ର ୧୧ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ସୁନ୍ଦରଗଡ଼ ଦଳ ୨୫.୫ ଓଭରରେ ୪ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ନେଇଥିଲା।

**ରେଭେନ୍ସା ଗ୍ରାଉଣ୍ଡ–୨:** ଗଞ୍ଜାମ ଦଳ ୩ ଉଇକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୪୦.୨ ଓଭରରେ ୧୩୭ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର କେ. ଈଶ୍ୱର ପ୍ରସାଦ ୩୫ ରନଦେଇ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗଞ୍ଜାମ ୩୨.୩ ଓଭରରେ ୭ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରି ନେଇଥିଲା। କେନ୍ଦ୍ରାପଡ଼ାର ସଞ୍ଜୀବ ସାହୁ ୪ ଉଇକେଟ ନେଇଥିଲେ।

**ସନ୍‌ସାଇନ୍ ଗ୍ରାଉଣ୍ଡ:** ପାରାଦୀପ ୭୧ ରନରେ ନୂଆପଡ଼ାକୁ ହରାଇଲା। ପାରାଦୀପ ଦଳ ୩୯.୩ ଓଭରରେ ୨୦୬ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାସ୍ୱତ ମହାନ୍ତି ସର୍ବାଧିକ ୬୩ ରନ କରିଥିବାବେଳେ ବିପକ୍ଷ ଦଳର ଆୟୁଷ୍ମାନ ଗୁପ୍ତା ୪ ଉଇକେଟ ନେଇଥିଲେ। ନୂଆପଡ଼ା ଦଳ ୪୦ ଓଭରରେ ୧୩୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

**ଅଡ଼ଶପୁର ଗ୍ରାଉଣ୍ଡ:** ଗଜପତି ୭୯ ରନରେ କନ୍ଧମାଳକୁ ପରାସ୍ତ କଲା। ଗଜପତି ଦଳ ୩୮ ଓଭରରେ ୮ ଉଇକେଟ ହରାଇ ୨୧୧ ରନ କରିଥିଲା। ଜ୍ୟୋତି ରଞ୍ଜନ ଦଳାଇ ସର୍ବାଧିକ ୯୦ ରନ କରିଥିଲେ। ଜବାବରେ କନ୍ଧମାଳ ୩୫.୪ ଓଭରରେ ୧୩୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।



ଜ୍ୟୋତି ରଞ୍ଜନ ବେହେରା


ଜ୍ୟୋତି ରଞ୍ଜନ ଦଳେଇ


କେ. ଈଶ୍ୱର ପ୍ରସାଦ




କେବଳ 18+ । ଏହି ଖେଳରେ ଆର୍ଥିକ ବିପଦ ରହିଛି ଏବଂ ଏହା ଏକ ନିଶା ପରି। ଦୟାକରି ଏହି ଖେଳକୁ ନିଜର ଦାୟୀତ୍ୱର ସହିତ ଓ ନିଜର ଆପଦରେ ଖେଳନ୍ତୁ।
ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ। Navajat Printers & Media Pvt. Ltd. ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟୀତ୍ୱ ଗ୍ରହଣ କରିବ ନାହିଁ। Navajat Printers & Media Pvt. Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri Publication Group କଦାପି ଦାୟୀ ରହିବ ନାହିଁ।



## ଫାଇନାଲରେ ମାୟା

ଭୁବନେଶ୍ୱର, ୭।୪
(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭ୍‌ଲପ୍‌ମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସର ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତର ମାୟା ରାଜେଶ୍ୱରନ ରେଭଥୀ ଉଭୟ ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲ ଜିତି ଫାଇନାଲରେ ପ୍ରବେଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ ମାୟା ଥାଇଲାଣ୍ଡର ନାତ୍ରଡା ସକୁଲଭୋଙ୍ଗତାନାଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ହରିଥା ଶ୍ରୀ ଭେଙ୍କଟେଶ୍ କିନ୍ତୁ ସେମିଫାଇନାଲରେ ହାରି ଯାଇଛନ୍ତି। ସେ କୋରିଆର ଜିୟୁନ ଓ'ଙ୍କଠାରୁ ୦-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ବାଳିକା ଡବଲ୍ସ ସେମିଫାଇନାଲରେ ମାୟା

### ୧୪ ବର୍ଷରୁ କମ୍ ଏସିଆନ ଡେଭ୍‌ଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ

ଓ ହରିଥା ଯୋଡ଼ି ତୁର୍କମେନିସ୍ତାନର ଇଲିମା ଗୁସେନୋଭା ଓ ଉଜ୍‌ବେକିସ୍ତାନର ଇମିଲି କିମ୍ ଯୋଡ଼ିଙ୍କୁ ୧-୬, ୬-୨ (୧୦-୬)ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ସେମିଫାଇନାଲରେ କୋରିଆ ଯୋଡ଼ି ୟେରି ହଙ୍ଗ ଓ ଜିୟୁନ ଓ' ୬-୪, ୩-୬ (୧୧-୯)ରେ କାଜାଖସ୍ତାନ ଯୋଡ଼ି ଇଭା କୋରିଶେଭା ଓ ୟେର୍କଝାନ ଝାଣ୍ଟାୟେଭାଙ୍କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। କୋରିଆ ଓ ଭାରତୀୟ ଯୋଡ଼ି ମଧ୍ୟରେ ଫାଇନାଲ ହେବ। ବାଳକ ସିଙ୍ଗଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ୬-୩, ୬-୩ ସେଟ୍‌ରେ ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କୋରିଆର ଓନମିନ କିମ୍ ୬-୨, ୩-୬, ୬-୦ ସେଟ୍‌ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟଙ୍କୁ ହରାଇ ଦେଇଛନ୍ତି। ଅର୍ଥାତ୍ ଦୁଇ କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହେବ। ସେହିପରି ବାଳକ ଡବଲ୍ସ ପ୍ରଥମ ସେମିଫାଇନାଲରେ କୋରିଆର ମିନ୍ ହ୍ୟୁକ୍ ଚୋ ଓ ଓନମିନ କିମ୍ ୬-୪, ୬-୩ରେ ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟ ଓ ଆଲେକ୍ସ ଲାପ୍ ହାଙ୍ଗ ହୁଇଙ୍କୁ ହରାଇଛନ୍ତି। ଦ୍ୱିତୀୟ ସେମିରେ ଥାଇଲାଣ୍ଡର ରୁ୍ୟ କୋଟିକୁଲା ଓ ଧର୍ମା ପାଣ୍ଟାରାଟର୍ନ ଭାରତୀୟ ଯୋଡ଼ି ପ୍ରକାଶ ସରନ ଓ ଶିବତେଜ ଶିରଫୁଲେଙ୍କୁ ୬-୩, ୩-୬ (୧୦-୫)ରେ ପରାସ୍ତ କରିଛନ୍ତି। ଏଥିସହ ବାଳକ ବିଭାଗରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ବାଳିକା ଡବଲ୍ସ ସେମିଫାଇନାଲ ପୂର୍ବରୁ ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।


ଶଟ୍ ଖେଳିବା ଅବସରରେ ମାୟା ରାଜେଶ୍ୱରନ ରେଭଥୀ।

## ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ


ବ୍ୟାଙ୍କକ୍ ଆସୁମ୍ପଶନ ୟୁନିଭର୍ସିଟିର ସୁବର୍ଣ୍ଣଭୂମି କ୍ୟାମ୍ପସରେ ଥିବା ଆକ୍ୱାଟିକ୍ ସେଣ୍ଟରରେ ଚାଲିଥିବା ଥାଇଲାଣ୍ଡ ଏଜ୍ ଗ୍ରୁପ୍ ସୁଇମିଂ ଚାମ୍ପିୟନଶିପ୍‌ର ୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରାୟ।

## ବାଂଲାଦେଶ ୭ ଉଇକେଟରେ ବିଜୟୀ

**ମୀରପୁର,୭।୪(ପି.ଟି.):** ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚକୁ ୭ ଉଇକେଟରେ ଜିତି ନେଇଛି ବାଂଲାଦେଶ। ଆୟର୍ଲାଣ୍ଡ ପ୍ରଥମ ଇନିଂସରେ ୨୧୪ ରନ୍ କରିଥିବା ବେଳେ ବାଂଲାଦେଶ ୩୬୯ ରନ୍ ସ୍କୋର କରିଥିଲା। ଦ୍ୱିତୀୟ ଇନିଂସରେ ଆୟର୍ଲାଣ୍ଡ ଲଢୁଆ ୨୯୨ ରନ୍ କରିଥିବା ବେଳେ ୩ ଉଇକେଟ ହରାଇ ୧୩୮ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା ଘରୋଇ ବାଂଲାଦେଶ। ପ୍ରଥମ ଇନିଂସରେ ୧୨୬ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୫୧ ରନ୍ କରିଥିବା ମୁଶଫିକୁର ରହିମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୨୮୬/୬ରୁ ଖେଳ ଆରମ୍ଭ କରି ଆୟର୍ଲାଣ୍ଡ ପରବର୍ତ୍ତୀ ୬ ରନ୍‌ରେ ୪ ଉଇକେଟ ହରାଇଥିଲା। ପେସ୍ ବୋଲର ଏବାଦତ ହୋସେନ୍ ଏହା ମଧ୍ୟରୁ ୩ ଉଇକେଟ ଅକ୍ତିଆର କରିଥିଲେ। ୧୩୭ ରନ୍‌ରେ ଆୟର୍ଲାଣ୍ଡ ଆଗୁଆ ରହିବା ପରେ ବାଂଲାଦେଶ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା।






## ପାର୍ନେଲ, ବିଜୟ ଆର୍‌ସିବିରେ ସାମିଲ

ନୂଆଦିଲ୍ଲୀ,୭।୪(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପକ୍ଷରୁ ୱେନ୍ ପାର୍ନେଲ ଓ ବୈଶାକ ବିଜୟ କୁମାରଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ଆହତ ହୋଇ ରିସି ଟପ୍‌ଲେ ଓ ରଜତ ପଟିଦାର ଚଳିତ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହି ଦୁଇ ଖେଳାଳିଙ୍କୁ ସାମିଲ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଟପ୍‌ଲେଙ୍କ କାନ୍ଧରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଆକିଲିସ୍ ଇଞ୍ଜୁରି (ଗୋଇଠିରେ ଆଘାତ) କାରଣରୁ ପଟିଦାର ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ରିସି ଟପ୍‌ଲେଙ୍କ ବଦଳ ଖେଳାଳି ଭାବରେ ବାମହାତୀ ପେସ୍ ବୋଲିଂ ଅଲରାଉଣ୍ଡର ପାର୍ନେଲଙ୍କୁ ଫ୍ରାଞ୍ଚାଇଜି ୭୫ ଲକ୍ଷ ଟଙ୍କାରେ କିଣିଛି। ପାର୍ନେଲ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୬ ଟି୨୦, ୬ ଟେଷ୍ଟ ଓ ୭୩ ଦିନିକିଆ ଖେଳିଛନ୍ତି। ୫୯ ଅନ୍ତର୍ଜାତୀୟ ଟି୨୦ ନେଇଥିବା ପାର୍ନେଲ ୨୬ ଆଇପିଏଲ୍ ମ୍ୟାଚ୍‌ରୁ ୨୬ ଉଇକେଟ ଅକ୍ତିଆର କରିଛନ୍ତି। ଅପରପକ୍ଷରେ ଗତ ସିଜନର ସଫଳ ବ୍ୟାଟର ପଟିଦାରଙ୍କ ସ୍ଥାନରେ ବୈଶାକ ବିଜୟ କୁମାରଙ୍କୁ ଦଳରେ ସାମିଲ କରାଯାଇଛି। କର୍ନାଟକ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ବିଜୟ ୧୪ ଟି୨୦ ମ୍ୟାଚରୁ ୨୨ଟି ଉଇକେଟ ନେଇଛନ୍ତି। ୨୦ ଲକ୍ଷର ବେସ୍ ପ୍ରାଇସ୍‌ରେ ସେ ଆରସିବିରେ ସାମିଲ ହୋଇଛନ୍ତି।

## ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ଜେରୁଟୋ ବାସନ୍ଦ

ମୋନାକୋ,୭।୪(ପି.ଟି.)

### ଡୋପିଂ ମାମଲା

ଷ୍ଟିପଲଚେଜ୍‌ରେ ବିଶ୍ୱ ଚାମ୍ପିୟନ କେନିଆ ଜନ୍ମିତ ନୋରା ଜେରୁଟୋଙ୍କୁ ଡୋପିଂ ଅଭିଯୋଗରେ ବାସନ୍ଦ କରାଯାଇଛି। କାଜାଖସ୍ତାନର ପ୍ରତିନିଧିତ୍ୱ କରୁଥିବା ନୋରା ଗତ ବର୍ଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଶୁକ୍ରବାର ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିବା ନେଇ ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ(ଏଆଇୟୁ) ପକ୍ଷରୁ କୁହାଯାଇଛି। ୨୭ ବର୍ଷୀୟା ଜେରୁଟୋଙ୍କ ରକ୍ତ ନମୂନା ଉପରେ ଏଆଇୟୁ ଦୀର୍ଘ ଦିନ ଧରି ପରୀକ୍ଷା ନୀରିକ୍ଷା ପରେ ତାଙ୍କୁ ବାସନ୍ଦ କରିଛି। ବାସନ୍ଦାଦେଶ ପ୍ରଦାନ କରାଯାଇଥିବା ବେଳେ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ସେ କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ପାରିବେ ନାହିଁ ବୋଲି ଜଣାପଡିଛି। ପ୍ରଥମେ କେନିଆ ପକ୍ଷରୁ ଖେଳୁଥିବା ଜେରୁଟୋ ୨୦୧୬ରେ ଆଫ୍ରିକାନ୍ ଚାମ୍ପିୟନଶିପ୍ ଓ ୨୦୨୧ରେ ଡାଇମଣ୍ଡ ଲିଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ମିସ୍ କରିବା ପରେ କାଜାଖସ୍ତାନ ପକ୍ଷରୁ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିଥିଲେ। ଇୟୁଜିନିରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସେ ରେକର୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ଜିତିଥିଲେ।


ନୋରା ଜେରୁଟୋ










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ